R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ

ସଂଖ୍ୟା : ୧୧

ତିଥି: ଦ୍ୱିତୀୟା

୧୨ ଅକ୍ଟୋବର ୨୦୨୬, ସୋମବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

12 October 2026, Monday

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ଜାତିସଂଘରେ ସିଜେପି ଆନ୍ଦୋଳନ ପ୍ରସଙ୍ଗ

# କଡ଼ା ଜବାବ ଦେଲା ଭାରତ

ଜେନେଭା,୧୧।୧୦: ନୂଆଦିଲ୍ଲୀରେ ସିଜେପି ପ୍ରତିବାଦ ଉପରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟର ମନ୍ତବ୍ୟକୁ ଭାରତ କଡ଼ା ସ୍ୱରରେ ପ୍ରତ୍ୟାଖ୍ୟାନ କରିଛି। ଭାରତ ଜାତିସଂଘ ମାନବାଧିକାର ସଂସ୍ଥାର ଟିପଣୀକୁ ଖଣ୍ଡନ କରି କହିଛି, ଏଭଳି ମନ୍ତବ୍ୟ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ଅନାବଶ୍ୟକ ହସ୍ତକ୍ଷେପ। ଶନିବାର ନୂଆଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପ୍ରତିବାଦ ସମୟରେ ଗିରଫଦାରୀ ଉପରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଚିନ୍ତା ପ୍ରକାଶ କରିଥିଲା ଏବଂ ଲୋକଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଥିଲା। ଜେନେଭାରେ ଭାରତର




ସ୍ଥାୟୀ ମିଶନ ସୋସିଆଲ ମିଡିଆ ଏକ୍ସରେ ଏଭଳି ମନ୍ତବ୍ୟକୁ କଡ଼ା ନିନ୍ଦା କରିଛି। ଭାରତ କହିଛି, ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଏହି ପ୍ରସଙ୍ଗ ଉପରେ ଚିନ୍ତା ନକରି ଅନ୍ୟତ୍ର ହେଉଥିବା ବଡ଼ ଧରଣର ପ୍ରତିବାଦ ଉପରେ ଧ୍ୟାନ ଦେବା ଉଚିତ୍। ଭାରତ ବିଶ୍ୱର ସର୍ବବୃହତ ଗଣତନ୍ତ୍ର। ଶାନ୍ତିପୂର୍ଣ୍ଣ ସମାବେଶର ଅଧିକାର ଆମର ସମ୍ବିଧାନ ଦ୍ୱାରା ସୁନିଶ୍ଚିତ ଏବଂ ଆମର ଦୃଢ଼ ପ୍ରତିଷ୍ଠାନ, ଏକ ସ୍ୱାଧୀନ ନ୍ୟାୟପାଳିକା ଏବଂ ଏକ ମୁକ୍ତ ଗଣମାଧ୍ୟମ ଦ୍ୱାରା ସୁରକ୍ଷିତ। ପ୍ରତ୍ୟେକ ଗଣତନ୍ତ୍ର ପରି ସାର୍ବଜନୀନ ସ୍ୱାର୍ଥ ପାଇଁ ଭାରତରେ ମଧ୍ୟ ପ୍ରତିବନ୍ଧକ ଲାଗୁ ହୋଇଥାଏ। ଆମର କର୍ତ୍ତୃପକ୍ଷ ଆଇନ ଅନୁଯାୟୀ କାର୍ଯ୍ୟ କରନ୍ତି ଏବଂ ଆମ ଅଦାଲତ ଯେକୌଣସି ଅଭିଯୋଗର ସମାଧାନ ପାଇଁ ସମସ୍ତଙ୍କ ପାଇଁ ଉପଲବ୍ଧ। ଭାରତ ଜାତିସଂଘ ସଂସ୍ଥାକୁ ନିରପେକ୍ଷ ଏବଂ ଭେଦଭାବ ବିନା କାମ କରିବାକୁ ଅନୁରୋଧ କରିଛି।ସିଜେପି ଦ୍ୱାରା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ନୂଆଦିଲ୍ଲୀରେ ପ୍ରତିବାଦ ( ୯ ପୃଷ୍ଠାରେ)

# ଆଜି ଦିଲ୍ଲୀରେ ଇଣ୍ଡି ମେଣ୍ଟର ପ୍ରତିବାଦ

## ସାମିଲ ହେବେ ମମତା ବାନାର୍ଜୀ
## ଯୁବ କଂଗ୍ରେସର ଦିଲ୍ଲୀ ଚଲୋ ଡାକରା

ନୂଆଦିଲ୍ଲୀ,୧୧।୧୦: ଇଣ୍ଡି ମେଣ୍ଟ ସୋମବାର (ଅକ୍ଟୋବର ୧୨) ଦିଲ୍ଲୀରେ ମେଗା ପ୍ରତିବାଦ କରିବାକୁ ପ୍ରସ୍ତୁତ ହେଉଛି। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ରଦ୍ଦ ଓ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଜୋରଦାର ପ୍ରତିବାଦ ଚାଲିଥିବା ସମୟରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ପ୍ରସ୍ତାବିତ ପ୍ରତିବାଦ ସମ୍ପର୍କରେ ସୂଚନା ଦେଇଛନ୍ତି। ଟିଏମସି ମୁଖ୍ୟ ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦିଲ୍ଲୀରେ ରହି ସୋମବାର ହେବାକୁ ଥିବା ଇଣ୍ଡିମେଣ୍ଟର ପ୍ରତିବାଦରେ ଯୋଗ ଦେବାକୁ ସ୍ଥିର କରିଛନ୍ତି। ଏଥିପାଇଁ ମମତା ତାଙ୍କ କୋଲକାତା ଗସ୍ତ କାର୍ଯ୍ୟକ୍ରମ ବାତିଲ କରିଦେଇଛନ୍ତି। ଭାରତରେ ନିର୍ବାଚନୀ ପ୍ରକ୍ରିୟା ସ୍ୱଚ୍ଛ ଓ ମୁକ୍ତ ନହେବା ପର୍ଯ୍ୟନ୍ତ ଲୋକଙ୍କ ମତଦାନ ଅଧିକାରର ସୁରକ୍ଷା ପାଇଁ କଂଗ୍ରେସ ଓ ଇଣ୍ଡି ମେଣ୍ଟ ଦଳଗୁଡ଼ିକ ସେମାନଙ୍କ ପ୍ରତିବାଦ ଜାରି ରଖିବେ ବୋଲି ବେଣୁଗୋପାଳ ତାଙ୍କ ଆଲପୁଝା ନିର୍ବାଚନ ମଣ୍ଡଳୀଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ।

ସେହିପରି ଭାରତୀୟ ଯୁବ କଂଗ୍ରେସ ସୋମବାର ଦିଲ୍ଲୀ 'ଚଲୋ ଡାକରା ଦେଇଛି ଓ ବହୁସଂଖ୍ୟକ ଲୋକମାନଙ୍କୁ ଏଥିରେ ଯୋଗଦେବାକୁ ଆହ୍ୱାନ କରିଛି।

ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ରଦ୍ଦ ଦାବିରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଇଣ୍ଡି ମେଣ୍ଟ ଲଗାତାର ବିରୋଧ ଜାରି ରଖିଛି। 'ଏକ୍ସ'ରେ କେତେକ ପୋଷ୍ଟ କରି କଂଗ୍ରେସ ଯୁବ ଶାଖା 'ଏବେ ନୁହେଁ ତ କେବେ ନୁହେଁ' ସ୍ଲୋଗାନ ବ୍ୟବହାର କରିଛି ଓ ବିଜେପି ଉପରେ କମ୍ପ୍ରୋମାଇଜ୍ଡ ନିର୍ବାଚନ କମିସନ ସହାୟତାରେ ଜାଲିଆତି କରି ନିର୍ବାଚନ ଜିତୁଥିବାର ଅଭିଯୋଗ କରିଛି। ଲୋକମାନଙ୍କୁ ସେମାନଙ୍କର ମତଦାନ ଅଧିକାର, ସ୍ୱାଧୀନତା ଓ ସାମ୍ବିଧାନିକ ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନରେ ଯୋଗ ଦେବାକୁ ଯୁବ କଂଗ୍ରେସ ଆହ୍ୱାନ କରିଛି। ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ଆନ୍ଦୋଳନ କଥା ମନେପକାଇ ଏହି ଦେଶ ସବୁ ଭାରତୀୟଙ୍କର କୌଣସି ରାଜନୈତିକ ଦଳର ନୁହେଁ, 'ଆମ ସମ୍ବିଧାନ, ଆମ ଗଣତନ୍ତ୍ର ଓ ପରସ୍ପର ପାଇଁ' ବୋଲି ସ୍ଲୋଗାନ ଦେଇଛି।

## ନେପାଳରେ ଆକସ୍ମିକ ବନ୍ୟା : ଭାସିଗଲା ୬ ସେତୁ, ୩୫ ଘର

କାଠମାଣ୍ଡୁ,୧୧।୧୦: ନେପାଳର ଗୋର୍ଖା ଜିଲ୍ଲାରେ ବୁଢ଼ୀ ଗଣ୍ଡକୀ ନଦୀରେ ରବିବାର ପୁଣି ଥରେ ଭୟଙ୍କର ବନ୍ୟା ଆସି ବନ୍ୟାଜଳରେ ୬ଟି ସେତୁ ଓ ୩୫ ଘର ଭାସି ଯାଇଥିବାବେଳେ ୧୦ ଜଣ ଲୋକ ନିଖୋଜ ହୋଇଯାଇଛନ୍ତି। ଅନେକ ଜନବସତିରେ ବନ୍ୟାଜଳ ପଶିଯାଇ ଘରଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବାବେଳେ ଲୋକମାନେ ଭୟରେ ସୁରକ୍ଷିତ ସ୍ଥାନକୁ ଚାଲି ଯାଇଛନ୍ତି। ପ୍ରଭାବିତ ଅଞ୍ଚଳ ( ୯ ପୃଷ୍ଠାରେ)

## ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ନବରାତ୍ର ଶୁଭେଚ୍ଛା

ନୂଆଦିଲ୍ଲୀ,୧୧।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଦେବୀ ଦୁର୍ଗାଙ୍କ ସ୍ୱରୂପ ଶୈଳପୁତ୍ରୀ ନିକଟରେ ପ୍ରାର୍ଥନା କରିଛନ୍ତି। ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ଶକ୍ତି-ସାଧନାର ମହାନ ପର୍ବ ନବରାତ୍ରିରେ ସମସ୍ତ ( ୯ ପୃଷ୍ଠାରେ)

## ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର.ଏସ୍.ଆର.)

ପୁନର୍ବାସ ସେବା ଓ ଅନୁସଂଧାନ କେନ୍ଦ୍ର (ସି.ଆର.ଏସ୍.ଆର.), ଭଦ୍ରକ, ଦୀର୍ଘ ୨୭ ବର୍ଷ ଧରି ନିପୁଣ ଓ ଅନୁଭୂତି ସମ୍ପନ୍ନ ଚିକିତ୍ସକମାନଙ୍କ ଦ୍ୱାରା ନିମ୍ନଲିଖିତ ସେବାମାନ ବିନାମୂଲ୍ୟରେ/ସ୍ୱଳ୍ପମୂଲ୍ୟରେ ପ୍ରଦାନ କରିଆସୁଅଛି । ଆବଶ୍ୟକ ଅନୁଯାୟୀ ଏହି ସୁବିଧା ସମସ୍ତେ ଉପଲବ୍ଧ କରିପାରିବେ ।

- ଫିଜିଓଥେରାପି ଚିକିତ୍ସା
- ଅକୁପେସନାଲ୍ ଥେରାପି ଚିକିତ୍ସା
- କାନ ପରୀକ୍ଷା ଏବଂ ଶ୍ରବଣଯନ୍ତ୍ରର ସୁବିଧା ସହିତ ବେରା ପରୀକ୍ଷାର ସୁବିଧା
- କମ୍ପ୍ୟୁଟର ଦ୍ୱାରା ଆଖି ପରୀକ୍ଷା ଏବଂ ଚଷମା ତିଆରି
- ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ବିଭିନ୍ନ ପ୍ରକାର ଅର୍ଥୋପେଡ଼ିକ୍ ଉପକରଣ ଉପଲବ୍ଧ

ସମୟ : ପ୍ରତ୍ୟେକ ଦିନ ସୋମବାର ଠାରୁ ଶନିବାର ଦିବା ୧୦.୦୦ ଘଟିକାରୁ ସଂଧ୍ୟା୫.୩୦ ପର୍ଯ୍ୟନ୍ତ । ମାସର ପ୍ରତ୍ୟେକ ୨ୟ ଶନିବାର ବନ୍ଦ ରହେ ।

* ଏହିଠାରେ ବରିଷ୍ଠ ନାଗରିକମାନଙ୍କୁ ବିନାମୂଲ୍ୟରେ ଫିଜିଓଥେରାପି ଚିକିତ୍ସା ପ୍ରଦାନ କରାଯାଏ ।

ସବିଶେଷ ଯୋଗାଯୋଗ କରିବାର ଠିକଣା

ପୁନର୍ବାସ ସେବା ଓ ଅନୁସଂଧାନ କେନ୍ଦ୍ର (ସି.ଆର.ଏସ୍.ଆର.)

ପ୍ରଶାନ୍ତି ଭବନ, ଡାହାଣିଗଡିଆ, ଚରମ୍ପା, ଭଦ୍ରକ

ଟେଲିଫୋନ୍ ନମ୍ବର - ୦୬୭୮୪-୨୩୧୩୮୭, ୨୩୦୮୦୫, ମୋ:-୯୪୩୭୦୬୦୨୩୮

## ଛାତ୍ର ସଂସଦ ନିର୍ବାଚନ

## କ୍ୟାମ୍ପସ୍‌ରେ ଆଇନଶୃଙ୍ଖଳା ପ୍ରଭାବିତ

- ବାଣୀବିହାରରେ ଦୁଇଗୋଷ୍ଠୀ ମୁହାଁମୁହିଁ
- ବିଜେବିରେ ସଭାପତି ପ୍ରାର୍ଥୀଙ୍କୁ ଆକ୍ରମଣ
- ରେଭେନ୍ସା, ରମାଦେବୀରେ ଉତ୍ତେଜନା

ଭୁବନେଶ୍ୱର,୧୧।୧୦ (ସବ୍ୟୁ) : କମ୍ ସମୟ ମଧ୍ୟରେ ୮ବର୍ଷ ପରେ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେଉଛି । ଏକ ସପ୍ତାହ ମଧ୍ୟରେ ମତଦାନ ଶେଷ ହେବାକୁ ଥିବାବେଳେ ପ୍ରାର୍ଥୀଙ୍କ ମଧ୍ୟରେ ଛକାପାଂ, ଆକ୍ରମର ପ୍ରତିଆକ୍ରମଣକୁ ନେଇ କ୍ୟାମ୍ପସ୍‌ରେ ଉତ୍ତେଜନା ପ୍ରକାଶ ପାଉଛି । ଯାହା ଫଳରେ ଆଇନଶୃଙ୍ଖଳା ପ୍ରଭାବିତ ହେଉଥିବାରୁ କର୍ତ୍ତୃପକ୍ଷ ଅଡୁଆରେ ପଡୁଛନ୍ତି । ଅନ୍ୟ ପକ୍ଷରେ ଲିଙ୍ଗଡେ କମିଶନ ଗାଇଡ୍‌ଲାଇନ୍ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ ହେଉଛି ବୋଲି ଶିକ୍ଷା ବିଶାରଦମାନେ ମତ ଦେଉଛନ୍ତି । ନିର୍ବାଚନ ଯୋଗୁଁ କ୍ୟାମ୍ପସରେ ବୋମାମାଡ ଭଳି ଘଟଣା ଘଟୁଛି। ଏଥିପାଇଁ କେତେକ କଲେଜରେ ନିର୍ବଚନ ବନ୍ଦ ରହିବା ସାଙ୍ଗକୁ ସାଇନ ଏ ଡାଏ ମଧ୍ୟ ଘୋଷଣା ହୋଇଛି । ( ୯ ପୃଷ୍ଠାରେ)

## ବାଙ୍କୀ କଲେଜରେ ପୁଣି ବୋମାମାଡ଼

### ଭୁଶୁଡିଲା କାନ୍ଥ, ଝରକା ନଷ୍ଟ

ବାଙ୍କୀ,୧୧।୧୦,(ସବ୍ୟୁ): ଛାତ୍ର ସଂସଦ ନିର୍ବାଚନକୁ ନେଇ ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଗତ ଶନିବାର ରାତିରେ ଗୋଟିଏ ବୋମା ମାଡ଼ ହୋଇଥିବା ବେଳେ ଆଜି ରବିବାର କଲେଜ ଛୁଟି ଥିବ ସତ୍ତ୍ୱେ ରାତି ୮ ଟା ରେ ଜିଓଲୋଜି ବିଭାଗ ପ୍ରକୋଷ୍ଠ କୁ ବୋମାମାଡ଼ ହୋଇଛି । ବୋମାମାଡ଼ରେ ଝରକା କବାଟ ଭାଙ୍ଗି ନଷ୍ଟ ହେବାସହ ଘରର ତାଜା ମଧ୍ୟ ଭୁଶୁଡ଼ି ପଡ଼ିଛି । ବୋମା ମାଡ଼ ହେବା ସମୟରେ ଖୁବ ଜୋର୍‌ରେ ଶବ୍ଦ ହୋଇଥଲା । କଲେଜରେ ଥିବା ସିକୁରିଟ ଓ ( ୯ ପୃଷ୍ଠାରେ )




## ନଦୀରେ ବୁଡ଼ିଗଲେ ୩ ଭାଇ : ଜଣେ ମୃତ, ଜଣେ ନିଖୋଜ

କେନ୍ଦୁଝର,୧୧।୧୦,(ଜିପ୍ର):କେନ୍ଦୁଝରଜିଲ୍ଲାର ଝୁମ୍ପୁରା ଥାନା ଅଧିନ ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ମୁସଲିମ ବସ୍ତିରେ ଶନିବାର ଏକ ହୃଦୟ ବିଦାରକ ଘଟଣା ଘଟିଛି । ଅରଡେଇ ନଦୀରେ ଗାଧେଇବା ବେଳେ ଦୁଇ ଭାଇ ପାଣିରେ ବୁଡି ଯାଇଥିଲେ । ଏଥିରେ ସାନ ଭାଇର ମୃତ୍ୟୁ ହୋଇଥିବା ବେଳେ ବଡ ଭାଇର ପତ୍ତା ମିଳୁ ନଥିବା ନେଇ ଝୁମ୍ପୁରା ଥାନାରେ ଅଭିଯୋଗ ହୋଇଛି । ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି । ମୃତକ ନାବାଳକ ଜଣକ ମହମ୍ମଦ ସାଦ ଆନସାରୀ (୧୨) ନିଖୋଜ ନାବାଳକ ଜଣକ ଅହମ୍ମଦ ଆନସାରୀ (୧୪) ଏବଂ ଗୁରୁତର ଭାବେ ଉଦ୍ଧାର କରାଯାଇଥିବା ନାବାଳକ ମୁସ୍ତାଫା ଆନସାରୀ (୧୪) ବୋଲି ଜଣାପଡିଛି । ଶନିବାର ପୂର୍ବାହ୍ନ ସମୟରେ ଅର୍ଶଳା ( ୯ ପୃଷ୍ଠାରେ )






## ସୋସିଆଲ କୋଟ୍ସ



ମୁଁ ଜଣେ ସାଙ୍ଗ, ଗାଇଡ ଓ ଖୁବ ଭଲ ମଣିଷକୁ ହରାଇଲି । ସେ କେବଳ ଜଣେ ଭଲ ଅଭିନେତା ନୁହେଁ କ୍ୟାରମ ଚାମ୍ପିଅନ ମଧ୍ୟ ଥିଲେ । ତାଙ୍କର କ୍ଷତି ଅପୂରଣୀୟ।

**ଶାହରୁଖ ଖାନ, ଅଭିନେତା**



ମୁଁ ଏକ ସପ୍ତାହ ତଳେ ହିଁ ତାଙ୍କ ସହିତ କଥା ହୋଇଥିଲି । ସେ ଖୁବ ଫିଟ ଲାଗୁଥିଲେ । ଏମିତି ହଠାତ ଛାଡି ଚାଲିଯିବେ ଭାବି ହେଉ ନାହିଁ ।

**ହେମା ମାଳିନୀ, ଅଭିନେତ୍ରୀ**



ଆପଣଙ୍କୁ ସମସ୍ତେ ମନେ ପକାଇବେ । ବଲିଉଡ ଏକ ଭଲ ଅଭିନେତାଙ୍କୁ ହରାଇଲା । ମୁଁ ବହୁତ ମର୍ମାହତ ।

**ମନିଷା କୋଇରାଲା, ଅଭିନେତ୍ରୀ**

## ପେଙ୍ଗୁଇନ ମଳ ତରଳାଉଛି ବରଫ



ପେଙ୍ଗୁଇନ ମଳ ତରଳାଉଛି ବରଫ ଆଣ୍ଟାର୍କଟିକାର ବରଫାବୃତ ପରିବେଶରେ ବଞ୍ଚୁଥିବା ପେଙ୍ଗୁଇନ ମାନଙ୍କର ବର୍ଜ୍ୟବସ୍ତୁ ବା ମଳ ସେଠାକାର ବରଫ ଦ୍ରୁତ ଗତିରେ ତରଳିବାର ଏକ ଅପ୍ରତ୍ୟାଶିତ କାରଣ ପାଲଟୁଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି । 'ଜର୍ଣ୍ଣାଲ୍ ଅଫ୍ ଜିଓଫିଜିକାଲ୍ ଚର୍ଚ୍ଚ: ବାୟୋସାଇନ୍ସ'ରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ପେଙ୍ଗୁଇନ୍ ମଳରେ ଥିବା ପୋଷକ ତତ୍ତ୍ୱ ଆଣ୍ଟାର୍କଟିକା ବରଫରେ ଜନ୍ମ ନେଉଥିବା ଶୈବାଳ ବୃଦ୍ଧି ପାଇଁ ସହାୟକ ହୋଇଥାଏ । ଯାହାକି ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ଲାଲ୍ ରଙ୍ଗ ଧାରଣ କରିବା ସହ ପର୍ଯ୍ୟାପ୍ତ ପୋଷକ ପାଇଲେ କ୍ଲୋରୋଫିଲ୍ ମାଧ୍ୟମରେ ସବୁଜ ରଙ୍ଗରେ ପରିଣତ ହୋଇଥାଏ । ଏହି ଶୈବାଳ ଗୁଡ଼ିକ ବ୍ୟାପିବା ଫଳରେ ବରଫର ପୃଷ୍ଠଭୂମି ଅଧିକ ଗାଢ଼ ହୋଇଯାଇଥାଏ । ଯାହା ଅଧିକ ସୂର୍ଯ୍ୟକିରଣ ଶୋଷଣ କରି ବରଫ ତରଳିବା ପ୍ରକ୍ରିୟାକୁ ଆହୁରି ଦ୍ରୁତ କରିଥାଏ । ଗତ ୪୭ ବର୍ଷ ମଧ୍ୟରେ ଆଣ୍ଟାର୍କଟିକା ଓ ଗ୍ରୀନଲ୍ୟାଣ୍ଡର ମୋଟ ୧୨.୫ ଟ୍ରିଲିୟନ୍ ଟନ୍ ବରଫ କ୍ଷୟ ହୋଇସାରିଛି ।

## ମୋବାଇଲ ଗେମରେ ବିଶ୍ୱ ରେକର୍ଡ




ହାରର ଦିଘୱାରା ଅଞ୍ଚଳର ୧୯ ବର୍ଷୀୟ ଯୁବକ ଶୁଭମ କୁମାର ଲୋକପ୍ରିୟ ମୋବାଇଲ୍ ଗେମ୍ ଖେଳି ବିଶ୍ୱ ରେକର୍ଡରେ ନିଜ ନାମକୁ ସାମିଲ କରିଛନ୍ତି । ମୋବାଇଲ ଗେମ 'କ୍ୟାଣ୍ଡି କ୍ରସ୍ ସାଗା'ରେ ୨୨,୨୨୨ ସ୍ତର ଅତିକ୍ରମ କରି 'ଇଣ୍ଟରନ୍ୟାସନାଲ୍ ବୁକ୍ ଅଫ୍ ରେକର୍ଡ଼ସ୍'ରେ ନିଜ ନାମ ପଞ୍ଜୀକରଣ କରିଛନ୍ତି । ଏହି ପଜଲ୍ ଗେମରେ ଗୋଟିଏ ରଙ୍ଗର କ୍ୟାଣ୍ଡି ମେଳ କରି ବିଭିନ୍ନ ଟାର୍ଗେଟ୍ ପୂରା କରାଯାଏ । ଯାହା ବିଶ୍ୱର ସବୁଠାରୁ ଲୋକପ୍ରିୟ ଗେମଗୁଡ଼ିକ ମଧ୍ୟରୁ ଗୋଟିଏ ଏବଂ ଏହାର ୫ ଅର୍ବରୁ ଅଧିକ ଡାଉନଲୋଡ୍ ହୋଇସାରିଛି । ୧୯ ବର୍ଷ ବୟସରେ ଏହି ବିରଳ ସଫଳତା ହାସଲ କରିଥିବା ଶୁଭମଙ୍କୁ ଇଣ୍ଟରନ୍ୟାସନାଲ୍ ବୁକ୍ ଅଫ୍ ରକର୍ଡ଼ସ୍ ପକ୍ଷରୁ 'କ୍ୟାଣ୍ଡି କ୍ରସ୍ ସାଗାରେ ସବୁଠାରୁ ଅଧିକ ଲେଭେଲ୍ ହାସଲ କରିଥିବା ଟିନଏଜର୍' କେଟାଗୋରୀରେ ସାମିଲ କରାଯାଇଛି । ସୋସିଆଲ ମିଡିଆରେ ତାଙ୍କୁ ଖୁବ ପ୍ରଶଂସା ମିଳୁଥିବା ଦେଖିବାକୁ ମିଳୁଛି ।

## ଇତିହାସ

୧୯୦୮ - ପ୍ରସିଦ୍ଧ ବୈଜ୍ଞାନିକ ଆତ୍ମାରାମଙ୍କ ଜନ୍ମ ।

୧୯୧୯- ଲୋକପ୍ରିୟ ଭାଜପା ନେତା ତଥା ଗ୍ୱାଲିଅର୍‌ର ରାଜମାତା ବିଜୟାରାଜେ ସିନ୍ଧିଆଙ୍କ ଜନ୍ମ ।



**ଡା.ରାମମନୋହର ଲୋହିଆ**

୧୯୬୭- ରାଜନୀତିଜ୍ଞ ତଥା ସ୍ୱତନ୍ତ୍ରତା ସେନାନୀ ଡା.ରାମମନୋହର ଲୋହିଆଙ୍କ ପରଲୋକ ।

୧୯୯୯- ସଂଯୁକ୍ତରାଷ୍ଟ୍ରର ଜନସଂଖ୍ୟା ଗଣନା ଅନୁସାରେ ବିଶ୍ୱର ଜନସଂଖ୍ୟା ପ୍ରଥମକରି ୬ ବିଲିଅନ୍ ଛୁଇଁଲା ।

୨୦୦୧- ମିଳିତ ଜାତିସଂଘ ଓ ଏହାର ମହାସଚିବ କୋଫି ଆନନ୍‌ଙ୍କୁ ଶତାବ୍ଦୀର ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ।

୨୦୧୮- ଓଡ଼ିଶାରେ ପ୍ରଳୟଙ୍କରୀ ବାତ୍ୟା ତିତଲୀରେ ୬୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ।

## ୨୯୦ ବର୍ଷ ପୁରୁଣା ମୂର୍ତ୍ତି ଠାବ



ଇଂଲଣ୍ଡର ୱିଲ୍ଟଶାୟରର ଏକ ସେଲ୍‌ଭେଜ୍ ୟାର୍ଡ଼ରୁ କଂକ୍ରିଟ୍ ଭାବି କେତେକ ଲୋକ କିଣିଥିବା ଏକ ମୂର୍ତ୍ତିର ମୂଲ୍ୟ ବର୍ତ୍ତମାନ ୧ କୋଟି ଟଙ୍କା ବୋଲି ଜଣାପଡ଼ିଛି । ଏହି ମୂର୍ତ୍ତିଟି ୧୭୩୦ରୁ ୧୭୪୦ ମସିହା ପର୍ଯ୍ୟନ୍ତ ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚର ପୋପ୍ ଥିବା ପୋପ୍ କ୍ଲେମେଣ୍ଟ ଦ୍ୱାଦଶଙ୍କର । ଏହି ୨୬ ଇଞ୍ଚ ଉଚ୍ଚ ମୂର୍ତ୍ତିଟି ୨୯୦ ବର୍ଷ ପୁରୁଣା ବୋଲି ଜଣାପଡିଛି । ମୂର୍ତ୍ତିଟି ୧୮ତମ ଶତାବ୍ଦୀର ବିଖ୍ୟାତ ଇଟାଲୀୟ ମୂର୍ତ୍ତିକାର ପିଏଟ୍ରୋ ବ୍ରାଚୀଙ୍କ ଦ୍ୱାରା ନିର୍ମିତ ଏକ ବଡ଼ କାଂସ୍ୟ ପ୍ରତିମାର ଛୋଟ ମଡେଲ୍ ଥିଲା । 'ଦି ଇଣ୍ଡିପେଣ୍ଡେଣ୍ଟ'ର ରିପୋର୍ଟ ଅନୁଯାୟୀ, ପ୍ରାୟ ୧୧ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରୁ ନିଲାମ ହେବାକୁ ଥିବା ଏହି ମୂର୍ତ୍ତିଟି ସେହି ବଡ଼ ପ୍ରତିମାର ଏକମାତ୍ର ଅବଶିଷ୍ଟ ମଡେଲ୍ । ସୋସିଆଲ ମିଡିଆରେ ବର୍ତ୍ତମାନ ମୂର୍ତ୍ତିଟି ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।

## ତ୍ୱଚା ଉପରେ ଜୀବନଶୈଳୀର ପ୍ରଭାବ



ତ୍ୱଚାକୁ ସୁସ୍ଥ ରଖିବାକୁ ନିଜ ଲାଇଫ୍ ଷ୍ଟାଇଲକୁ ବଦଳାଇବାକୁ ହୋଇଥାଏ । ନିଜ ଦିନ ଆରମ୍ଭରୁ ହିଁ ଏଥିପାଇଁ ସତର୍କ ହେବାକୁ ହୋଇଥାଏ। ନିଜ ଦିନର ଆରମ୍ଭ ଉଷୁମ ପାଣିରୁ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଶରୀରରେ ଥିବା ଟକ୍ସିନକୁ ବାହାର କରିବା ସହିତ ପାଚନ ତନ୍ତ୍ରକୁ ସଠିକ କରିଥାଏ । ଏହାପରେ ପ୍ରତିଦିନ ଖାଦ୍ୟରେ ଫଳ ସାମିଲ କରନ୍ତୁ। ଫଳରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ ସହିତ ପାଣିର ମାତ୍ରା ଖୁବ ଅଧିକ ରହିଥାଏ । ଏହାଦ୍ୱାରା ଶରୀରର ଅନେକ ଲାଭ ହୋଇଥାଏ। ଖାଇବାରେ ଫଳ ସହିତ ହଳଦୀ ଓ ଗୋଲମରିଚ ଗୁଣ୍ଡ ସାମିଲ କରନ୍ତୁ । ହଳଦୀରେ ଆଣ୍ଟି ଇନଫ୍ଲାମେଣ୍ଟାରୀ ଗୁଣ ଭରପୂର ମାତ୍ରାରେ ରହିଥାଏ । ଯାହାଦ୍ୱାରା ଆମର ଷ୍ଟ୍ରେସ ମ୍ୟାନେଜ ହୋଇଥାଏ। ଷ୍ଟ୍ରେସ କମିବା କାରଣରୁ ଆମର ତ୍ୱଚା ସୁସ୍ଥ ଓ ସୁନ୍ଦର ହୋଇଥାଏ ଏବଂ ଏଥିରେ ଚମକ ଆସିଥାଏ । ସବୁଦିନ ବ୍ୟାୟାମକୁ ନିଜ ଜୀବନରେ ସାମିଲ କରନ୍ତୁ । ଏଭଳି ବ୍ୟାୟାମ କରନ୍ତୁ ଯେପରି ଆପଣଙ୍କର ଝାଳ ବାହାରିବ। ଏହ୍ୱାରା ତ୍ୱଚାରେ ଚମକ ଆସିବ। ସବୁବେଳେ ଖୁସିରେ ରହିବାକୁ ଚେଷ୍ଟା କରନ୍ତୁ।

## ସ୍ୱର ବଦଳାଉଥିବା ପକ୍ଷୀ



ହିମାଳୟ ଅଞ୍ଚଳରେ ପର୍ଯ୍ୟଟକ ଏବଂ ଗାଡ଼ିମଟରର ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇବା ଯୋଗୁଁ ସୁନ୍ଦର ପକ୍ଷୀ 'ମୋନାଲ୍' ନିଜର ସ୍ୱରରେ ପରିବର୍ତ୍ତନ ଆଣିଥିବା ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି । ଉତ୍ତରାଖଣ୍ଡର ଦୁଇଟି ଉପତ୍ୟାକାରେ ମୋନାଲ ପକ୍ଷୀର ୭୦୦ରୁ ଅଧିକ ସ୍ୱର ରେକର୍ଡ କରାଯାଇ ପରୀକ୍ଷା କରାଯିବା ପରେ ଏହି ତଥ୍ୟ ମିଳିଛି । କୋଳାହଳପୂର୍ଣ୍ଣ ସ୍ଥାନଗୁଡ଼ିକରେ ଏହାର ସ୍ୱରର ପିଚ୍ ଏବଂ ଫ୍ରିକ୍ୱେନ୍ସି ଶାନ୍ତ ପରିବେଶ ତୁଳନାରେ ଅଧିକ ଥିବା ଦେଖାଯାଇଛି । ଉତ୍ତରାଖଣ୍ଡର ରାଜ୍ୟ ପକ୍ଷୀ ତଥା ନେପାଳର ଜାତୀୟ ପକ୍ଷୀ ଭାବେ ମାନ୍ୟତା ପାଇଥିବା ଏହି ମୋନାଲ୍ ପକ୍ଷୀର ସବୁଜ, ନୀଳ ଓ ତମ୍ବା ରଙ୍ଗର ଆକର୍ଷଣୀୟ ଡେଣା ରହିଛି । ମାନବୀୟ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି ପକ୍ଷୀଗୁଡ଼ିକ ଅଧିକ ଉଚ୍ଚ ସ୍ଥାନକୁ ଚାଲିଯାଉଛନ୍ତି । ଯାହାଫଳରେ କେତେକ ସ୍ଥାନରୁ ସେମାନେ ସମ୍ପୂର୍ଣ୍ଣ ଗାଏବ ହୋଇଯିବାର ବିପଦ ସୃଷ୍ଟି ହୋଇଛି ।

## ଇଶାଙ୍କ ବଲିଉଡ଼ ଡେବ୍ୟୁ



ଗୁରୁମୀତ ଚୌଧୁରୀଙ୍କ ହୋମ୍ ପ୍ରଡକ୍ସନ୍ 'ଦେବ ଗୁରୁ ଫିଲ୍ମସ' ଏବଂ 'ରେଭା କ୍ରିଏଟିଭ୍ ହାଉସ୍'ର ମିଳିତ ସହଯୋଗରେ ନିର୍ମିତ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ତୁମ୍ ମେରେ ହୋ'ର ଟ୍ରେଲର୍ ରିଲିଜ ହୋଇଛି । ଯାହା ଲଭ, ବ୍ରେକଅପର କାହାଣୀ ପ୍ରଦର୍ଶିତ କରୁଛି । ଗୁରୁମୀତ ପ୍ରଥମ ଥର ପାଇଁ ପ୍ରଯୋଜକ ଭାବେ କାର୍ଯ୍ୟ କରିବା ସହ ଅଭିନୟ ଓ ଆକ୍ସନ୍ ଦୃଶ୍ୟରେ ନଜର ଆସିଛନ୍ତି । ସେହିଭଳି ଏହି ଫିଲ୍ମ ଜରିଆରେ ଇଶା ମାଲଭିୟ ନିଜର ବଲିଉଡ୍ ଡେବ୍ୟୁ କରୁଥିବା ଜଣାପଡିଛି । ଆଶିଷ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଏବଂ ଆରତୀ ଏସ୍, ଦେବୀନା ବାନାର୍ଜୀଙ୍କ ପ୍ରଯୋଜନାରେ ଏହି ଫିଲ୍ମଟିକୁ ନିର୍ମାଣ କରାଯାଇଛି । ଛୋଟ ପରଦାରେ ସମସ୍ତଙ୍କ ଫେଭରିଟ ଥିବା ଇଶା ବଡ ପରଦାରେ ମଧ କମାଲ କରିବେବୋଲି ଆଶା ରଖିଛନ୍ତି । ସେହିଭଳି ମେକର୍ସ ମଧ ଫିଲ୍ମ ହିଟ ହେବା ନେଇ ଆଶାବାଦୀ ଅଛନ୍ତି ।

## ଦହିମାଛ



**ସାମଗ୍ରୀ :** ମାଛ ୫୦୦ ଗ୍ରାମ୍, ହଳଦୀ ଗୁଣ୍ଡ : ୧ ଚାମଚ, ଲୁଣ, ଦହି : ୧ କପ, ପିଆଜ ବଟା : ୩ ବଡ଼ ଚାମଚ, ଅଦା ବଟା : ୧ ବଡ଼ ଚାମଚ, ରସୁଣ ବଟା : ୧ ଚାମଚ, ଲଙ୍କା ଗୁଣ୍ଡ : ୧ ଚାମଚ, ସୋରିଷ ତେଲ, ତେଜପତ୍ର, ଜିରା, ଲବଙ୍ଗ, ଗୁଜୁରାତି, ଡାଲଚିନି ,ଚିନି ।

**ପ୍ରସ୍ତୁତି-** ପ୍ରଥମେ ଗୋଟିଏ ପାତ୍ରରେ ଦହି, ପିଆଜ ବଟା, ଅଦା ବଟା, ରସୁଣ ବଟା, ଲଙ୍କା ଗୁଣ୍ଡ ଏବଂ ହଳଦୀ ଗୁଣ୍ଡକୁ ଭଲ ଭାବରେ ମିଶାଇ ଗୋଟିଏ ପାଖରେ ରଖିଦିଅନ୍ତୁ । ଏହାପରେ କଡ଼ାଇରେ ସୋରିଷ ତେଲ ଗରମ କରି ମାଛ ଖଣ୍ଡଗୁଡ଼ିକୁ ଉଚ୍ଚ ଆଞ୍ଚରେ ବାଦାମୀ ରଙ୍ଗ ହେବା ଯାଏଁ ଭାଜି ତେଲରୁ କାଢ଼ି ଅଲଗା ରଖନ୍ତୁ । ବର୍ତ୍ତମାନ ସେହି ଗରମ ତେଲରେ ତେଜପତ୍ର, ଜିରା, ଲବଙ୍ଗ, ଗୁଜୁରାତି ଏବଂ ଡାଲଚିନି ପକାନ୍ତୁ । ମସଲାଗୁଡ଼ିକ ଫୁଟିଆସିଲେ, ସେଥିରେ ପୂର୍ବରୁ ପ୍ରସ୍ତୁତ ଦହି ମିଶ୍ରଣକୁ ଢାଳି ତେଲ ଅଲଗା ହେବା ପର୍ଯ୍ୟନ୍ତ ଭଲ ଭାବରେ କଷନ୍ତୁ । ଶେଷରେ, କଷା ମସଲାରେ ଭଜା ମାଛ, ସ୍ୱାଦ ଅନୁସାରେ ଲୁଣ ଏବଂ ଚିନି ମିଶାଇ ମାଛ ସମ୍ପୂର୍ଣ୍ଣ ସିଝିବା ଯାଏଁ ରାନ୍ଧନ୍ତୁ ପ୍ରସ୍ତୁତ ହୋଇଯିବ ଦହି ମାଛ ।

## ମେଷ



**ମେଷ:** କର୍ମକ୍ଷେତ୍ରରେ ଶୁଭ ଫଳ, ମାନସିକ ଅସ୍ଥିର, ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ସ୍ତରରେ ଅଶାନ୍ତି, କୌଣସି ଖବରକୁ ନେଇ ଚିନ୍ତିତ, ବନ୍ଧୁ ବିବାଦ, ଶାରୀରିକ ସୁସ୍ଥ, ଅଯଥା ଖର୍ଚ୍ଚ ବୃଦ୍ଧି, ଶତ୍ରୁ ସମସ୍ୟା। ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗେରୁଆ, ସଂଖ୍ୟା-୭, ଆରାଧନା- ପ୍ରଭୁ ହନୁମାନ।

**ବୃଷ:** ଶାରୀରିକ ଅସୁସ୍ଥ, କର୍ମକ୍ଷେତ୍ରରେ ବିବାଦ, ବ୍ୟବସାୟିକ କଷ୍ଟ, ପାରିବାରିକ ସୁଖ, ବନ୍ଧୁ ଲାଭ, ସମ୍ପତ୍ତି ବିବାଦ, ଦୂରଯାତ୍ରାରେ କଷ୍ଟ, ଲୋକସମ୍ପର୍କରେ ବାଧା, ଶତ୍ରୁ ସମସ୍ୟା। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୩, ଆରାଧନା- ମା' ବଗଳାମୁଖୀ।

**ମିଥୁନ:** ଅଭିଳାଷ ପୂର୍ଣ୍ଣ, କର୍ମକ୍ଷେତ୍ରରେ ପୂର୍ଣ୍ଣ ସାହାଯ୍ୟ, ବିବାଦ ସମାଧାନ, ଅନୁଷ୍ଠାନରୁ ଲାଭ, ସୁସମ୍ପର୍କ, ଅର୍ଥ ଲାଭ, ଅର୍ଥ ଲାଭ, ପରିଭ୍ରମଣରେ ଖୁସି, ଖୁସି ଖବର। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ଗଣେଶ।

**କର୍କଟ:** ଶୁଭ ଖବର, କର୍ମକ୍ଷେତ୍ରରେ ସଫଳତା, ବିଦ୍ୟାରେ ସଫଳତା, ଅର୍ଥ ଲାଭ, କିଛି ସମସ୍ୟାର ସମାଧାନ, ନୂତନ କର୍ମାରମ୍ଭ, ହଠାତ୍ ଦୂରଯାତ୍ରା, ସମ୍ମାନ ମିଳିବ। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସିଲଭର, ସଂଖ୍ୟା-୮, ଆରାଧନା- ମା' ଭୁବନେଶ୍ୱରୀ।

**ସିଂହ:** ମାନସିକ ଶାନ୍ତି, ହଠାତ୍ ଧନଲାଭ, ବନ୍ଧୁ ସମସ୍ୟା, ଅନୁଷ୍ଠାନରୁ ଖୁସ, ପୁରାତନ ବିବାଦ ସମାଧାନ, ଶତ୍ରୁ କଷ୍ଟ, ଶୁଭ ଖବର ସମ୍ପତ୍ତି ସମସ୍ୟା ସମାଧାନ, ଉତ୍ସବକୁ ନେଇ ଖୁସି। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା- ପ୍ରଭୁ ଶ୍ରୀଜଗନ୍ନାଥ।

**କନ୍ୟା:** ଅଯଥ ଖର୍ଚ୍ଚ, କିଛି କ୍ଷେତ୍ରରେ ବିବାଦ, ବନ୍ଧୁ ସାହାଯ୍ୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ କର୍ମାରମ୍ଭ, ଯାତ୍ରା ସଫଳ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ପାରିବାରିକ ଖୁସି, ଦାମ୍ପତ୍ୟ କଳହ, ସନ୍ତାନ ଲାଭ। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମେରୁନ, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ।

**ତୁଳା:** ଶୁଭ ଖବର, ଶରୀର ସୁସ୍ଥ, ଧନଲାଭ, ବିବାଦ ସମାଧାନ, ଦୂର ଯାତ୍ରା, ବନ୍ଧୁ ଲାଭ, ନୂତନ ନିଯୁକ୍ତି, ଅର୍ଥ ଲାଭ, ପୈତୃକ ସମ୍ପତ୍ତିରେ ଖୁସି, ଗୃହେ ଶୁଭ ଆଲୋଚନା, ମାନସିକ ପୂର୍ଣ୍ଣ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' ଭଗବତୀ।

**ବିଛା:** ଆକସ୍ମିକ ଧନଲାଭ, କର୍ମକ୍ଷେତ୍ରରେ ସଫଳତା, ଶାରୀରିକ ସୁସ୍ଥ, ବିଦେଶ ଭ୍ରମଣ, ଦେବଦର୍ଶନ, ଗୃହେ ଶୁଭ ଆଲୋଚନା, ପାରିବାରିକ ଖୁସି, ଦ୍ରବ୍ୟ କ୍ରୟ କରିବେ। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ଭଗବାନ ବିଷ୍ଣୁ।

**ଧନୁ:** ମାନସମ୍ମାନ ପ୍ରାପ୍ତି, ପାରିବାରିକ ଖୁସି, ଦୂର ଯାତ୍ରା, ଶୁଭ ଖବର, ଦେବକାର୍ଯ୍ୟରେ ସମୟ କଟିବ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁ ଦର୍ଶନ, ନୂତନ ନିଯୁକ୍ତି, କର୍ମକ୍ଷେତ୍ରରେ ଶାନ୍ତି, ସନ୍ତାନ ଲାଭ, ଦାମ୍ପତ୍ୟ ଖୁସି। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ପ୍ରଭୁ ରାଧାବଲ୍ଲଭ।

**ମକର:** ମାନସିକ ଅବସାଦ, କର୍ମକ୍ଷେତ୍ରରେ ସ୍ୱଳ୍ପ ଲାଭ, ବନ୍ଧୁ ସାହାଯ୍ୟ, ଦୂର ଯାତ୍ରା, ହେବା କାର୍ଯ୍ୟରେ ବିଳମ୍ବ, ପୁରାତନ କାର୍ଯ୍ୟରୁ ଲାଭ, ଶାରୀରିକ ସୁସ୍ଥ, ଅତିଥି ସତ୍କାର, ଲୋକସମ୍ପର୍କରେ ସୁଧାର। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗିଣୀ, ସଂଖ୍ୟା-୮, ଆରାଧନା- ମା' ଦୁର୍ଗା।

**କୁମ୍ଭ:** ଶତ୍ରୁରେ ବିଜୟ, ଅର୍ଥ ଲାଭ, ମାନସିକ ଶାନ୍ତି, ଦେବକାର୍ଯ୍ୟ ପ୍ରତି ଆଗ୍ରହ, ଶୁଭ ଆଲୋଚନା, ବନ୍ଧୁ ଲାଭ, ସମ୍ପତ୍ତି ଲାଭ, ବିବାଦ ସମାଧାନ, ଶରୀର ସୁସ୍ଥ, ଦାମ୍ପତ୍ୟ ଖୁସି। ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧୦, ଆରାଧନା- ଶଙ୍କର ଭଗବାନ।

**ମୀନ:** ବନ୍ଧୁସାହାଯ୍ୟ, ଶୁଭ ଆଲୋଚନା, ବ୍ୟବସାୟରେ ଉନ୍ନତି, ମାନସିକ ଶାନ୍ତି, ଦୂର ଯାତ୍ରା ସଫଳ, କିଛି କାର୍ଯ୍ୟରେ ବିଳମ୍ବ, ପରିବାରରେ ଶାନ୍ତି, ସନ୍ତାନ ଲାଭ, ଗଠନମୂଳକ କାର୍ଯ୍ୟରେ ସଫଳତା। ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' କମଳା।

**ଆଶ୍ୱିନ ଶୁକ୍ଳ ପକ୍ଷ ଦ୍ୱିତୀୟା**
**୧୨.୧୦.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ରାଜ୍ୟପାଳଙ୍କ ଦ୍ୱାରା ବୋଇଂ ସୁକନ୍ୟା କାର୍ଯ୍ୟକ୍ରମ

# ଷ୍ଟେମ ଲ୍ୟାବ ଓ ଏରୋମଡେଲିଂ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ବରଗଡ଼,(ସବ୍ୟୁ): ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିରବିବାର ବରଗଡ଼ ଜିଲ୍ଲା ସ୍ଥିତ "ଦି କୋଶଳ ସ୍କୁଲ'ରେ ଏକ ବୋଇଂ ସୁକନ୍ୟା କାର୍ଯ୍ୟକ୍ରମ ଷ୍ଟେମ ଲ୍ୟାବ ଏବଂ ଏରୋମଡେଲିଂ ପ୍ରଶିକ୍ଷଣ କେନ୍ଦ୍ରର ଶୁଭ-ଉଦଘାଟନ କରିଛନ୍ତି । ଏହି କେନ୍ଦ୍ର ଦ୍ୱାରା ବାର୍ଷିକ ୨ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ । ଉଦଘାଟନୀ ଉତ୍ସବରେ ରାଜ୍ୟପାଳଙ୍କ ସହିତ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଧାୟକ ଇରାଶିଷ ଆଚାର୍ଯ୍ୟ, ଅଶ୍ୱିନୀ ଷଡ଼ଙ୍ଗୀ, ଜିଲ୍ଲାପାଳ ଆଦିତ୍ୟ ଗୋୟାଲ, ସ୍କୁଲର ଅଧ୍ୟକ୍ଷ ମୁରଲୀ କୃଷ୍ଣ ଗନ୍ନାମନୀ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଏବଂ ବୋଇଂ ତଥା ଲର୍ଣ୍ଣିଂ ଲିଙ୍କସ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟପାଳ ଏହି କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ଛାତ୍ର ନବସୃଜନ ପ୍ରଦର୍ଶନୀରେ ପିଲାମାନଙ୍କ ସହ କଥାବାର୍ତ୍ତା କରିଥିଲେ, ଯେଉଁଠାରେ



ଛାତ୍ରଛାତ୍ରୀମାନେ ନିଜର ପ୍ରକଳ୍ପ, ନମୁନା ଓ ଏରୋମଡେଲିଂ ଉଡ଼ାଣ କାର୍ଯ୍ୟକଳାପ ପ୍ରଦର୍ଶନ କରିଥିଲେ । ବୋଇଂ ଇଣ୍ଡିଆ ଓ ଦକ୍ଷିଣ ଏସିଆର ସଭାପତି ସଲିଲ ଗୁପ୍ତେ କହିଛନ୍ତି, ରାଜ୍ୟପାଳ ନିଜେ ଉପସ୍ଥିତ ରହି ଏହି ଷ୍ଟେମ ଲ୍ୟାବ ଏବଂ ଏରୋମଡେଲିଂ କେନ୍ଦ୍ରକୁ ବରଗଡ଼ର ପିଲାମାନଙ୍କ ପାଇଁ ସମର୍ପଣ କରିଥିବାରୁ ଆମେ ଗୌରବାନ୍ୱିତ । "ଦି କୋଶଳ ସ୍କୁଲ'ର ଅଧ୍ୟକ୍ଷ ମୁରଲୀ କ୍ରିଷ୍ଣା ଗନ୍ନମଣି କହିଛନ୍ତି, "ଦି କୋଶଳ ସ୍କୁଲ'ରେ ଏହି କେନ୍ଦ୍ର ଆରମ୍ଭ କରିପାରିଥିବାରୁ ଆମେ ଅତ୍ୟନ୍ତ ଗର୍ବିତ । ୧୯୭୯ ମସିହାରେ ପ୍ରତିଷ୍ଠିତ ""ଦି କୋଶଳ ସ୍କୁଲ' ଏକ ଅଣ-ଲାଭକାରୀ ଅନୁଷ୍ଠାନ, ଯାହା ସିବିଏସଇ ଅନୁବନ୍ଧିତ ପଶ୍ଚିମ ଓଡ଼ିଶାର ପ୍ରାରମ୍ଭିକ ଆବାସିକ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଅନ୍ୟତମ । ବୋଇଂ ଏବଂ ଲର୍ଣ୍ଣିଂ ଲିଙ୍କସ ଫାଉଣ୍ଡେସନ ସହିତ ଭାଗିଦାରୀ ଆମକୁ ଆମ ଛାତ୍ରଛାତ୍ରୀମାନଙ୍କୁ ପାରମ୍ପରିକ ପାଠ୍ୟପୁସ୍ତକ ବାହାରେ ଉତ୍କୃଷ୍ଟ ଶିକ୍ଷଣ ସୁଯୋଗ ଏବଂ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିବାର ସୁଯୋଗ ଦେଇଛି । ଏହି ସମସ୍ତ ସୁବିଧା ମିଳିତ ଭାବେ "ଦି କୋଶଳ ସ୍କୁଲ' ଏବଂ ଏହାର ଆଖପାଖ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଷ୍ଟେମ, ଏରୋସ୍ପେସ ଏବଂ ଏଆଇ ଶିକ୍ଷା ଗୁଡ଼ିକୁ ଶିଖିବା, ଅନୁଭବ କରିବା ତଥା ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ଯୋଗାଇଦେବ ।

### ଉତ୍ତର ଭୁବନେଶ୍ୱର ଦୁର୍ଗାପୂଜା ଭସାଣି ବୈଠକ

ବାରଙ୍ଗ,(ସବ୍ୟୁ): ଉତ୍ତର ଭୁବନେଶ୍ୱର ଦୁର୍ଗାପୂଜା ଭସାଣି କମିଟି ପକ୍ଷରୁ ଚଳିତବର୍ଷ ଭସାଣିପାଇଁ ଶନିବାର ନନ୍ଦନକାନନ ସ୍ଥିତ ଏକ ଘରୋଇ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭସାଣି କମିଟି ସଭାପତି କିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ,ମେୟର ସୁଲୋଚନା ଦାସ, ବିଜେପି ନେତା ଗୋଲକ ମହାପାତ୍ର, ରଘୁନାଥପୁର ଦୁର୍ଗାପୂଜା କମିଟି ସଭାପତି ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ବିଶ୍ୱନାଥ ମହାନ୍ତି, ମୁଖ୍ୟ ଉଦ୍ୟୋକ୍ତା ତଥା କର୍ପୋରେଟର ମିହିର କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ ।ରଘୁନାଥପୁର ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଏହି ବୈଠକରେ ଉତ୍ତର ଅଞ୍ଚଳର ୧୧ଟି ଦୁର୍ଗାପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଯୋଗଦେଇ ଚଳିତବର୍ଷ ଉମଣା ଦୁର୍ଗାପୂଜା ପଡ଼ିଆରେ ହେବାକୁ ଥିବା ଭସାଣି ମହୋତ୍ସବକୁ କିପରି ଶୃଙ୍ଖଳିତ ଭାବେ ପାଳନ କରାଯିବ ସେ ନେଇ ମତାମତ ରଖିଥିଲେ ।

# ବରାଳ ବାଲୁଙ୍କେଶ୍ୱର ମନ୍ଦିର ଅଞ୍ଚଳରେ ୧୬୩ ଧାରା ଜାରି

ସାକ୍ଷୀଗୋପାଳ , (ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବରାଳ ବାଲୁଙ୍କେଶ୍ୱର ମନ୍ଦିର ଅଞ୍ଚଳରେ ରାଜନୈତିକ ଗୋଷ୍ଠୀ ବିବାଦକୁ କେନ୍ଦ୍ରକରି ଶାନ୍ତିଭଙ୍ଗ ଓ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାର ଆଶଙ୍କା ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ମନ୍ଦିରର ୫୦୦ ମିଟର ପରିଧି ମଧ୍ୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ)ର ଧାରା ୧୬୩ ଜାରି କରିଛନ୍ତି ସତ୍ୟବାଦୀ ତହସିଲଦାର ତଥା ଏକ୍ୟୁଜିଟିଭ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ପାଣିଗ୍ରାହୀ । ଅକେଫାବର ୧୧ ତାରିଖରେ ଜାରି ଏହି ଆଦେଶ ତତ୍କାଳ ଲାଗୁ ହୋଇଛି ।ମନ୍ଦିର ଅଞ୍ଚଳରେ ଶାନ୍ତିଭଙ୍ଗ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିବାର ଆଶଙ୍କା ସମ୍ପର୍କରେ ଗ୍ରାମବାସୀ, ମନ୍ଦିର କାର୍ଯ୍ୟାଳୟ ଓ ବିଶ୍ୱସ୍ତ ସୂତ୍ରରୁ ମୌଖିକ ରିପୋର୍ଟ ମିଳିବା ପରେ ପ୍ରଶାସନ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି ।

ଆଦେଶ ଅନୁଯାୟୀ, ମନ୍ଦିରର ୫ଶହ ମିଟର ପରିଧି ମଧ୍ୟରେ ପାଞ୍ଚ କିମ୍ବା ତଦୁର୍ଦ୍ଧ୍ୱର୍ ବ୍ୟକ୍ତିଙ୍କ ସମାବେଶ ଓ ବେଆଇନ ଜନସମାଗମ ଉପରେ କଟକଣା ଲାଗୁ ହୋଇଛି । ଲାଠି, ଆଗ୍ନେୟାସ୍ତ୍ର, ଧାରୁଆ ଅସ୍ତ୍ର, ବିସ୍ଫୋରକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ନେଇ ଯିବା ନିଷିଦ୍ଧ କରାଯାଇଛି । ସେହିପରି ପୂର୍ବାନୁମତି ବିନା ସାଧାରଣ ସଭା, ଶୋଭାଯାତ୍ରା, ପ୍ରଦର୍ଶନ, ଧାରଣା ଓ ସ୍ଲୋଗାନ ଦେବା ଉପରେ କଟକଣା ଜାରି ହୋଇଛି । ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଓ ଡ଼ାକବାଜି ଯନ୍ତ୍ର ବ୍ୟବହାର ନିଷିଦ୍ଧ କରାଯାଇଛି ।ତେବେ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ଯାତାୟାତରେ କୌଣସି ବାଧା ସୃଷ୍ଟି କରାଯିବ ନାହିଁ । ମନ୍ଦିରର ନୀତିକାନ୍ତି ଓ ପୂଜାବିଧି ଅବାଧରେ ଚାଲୁ ରହିବ ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି । ଆଇନଶୃଙ୍ଖଳା ରକ୍ଷା ଓ ପରିସ୍ଥିତି ଉପରେ କଡ଼ା ନଜର ରଖିବା ପାଇଁ ସତ୍ୟବାଦୀ ଥାନା ଅଧିକାରୀଙ୍କୁ ପର୍ଯ୍ୟାପ୍ତ ପୋଲିସ ମୁତୟନ କରିବା ସହ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଦେଶ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ କିମ୍ବା ୬୦ ଦିନ ମଧ୍ୟରୁ ଯେଉଁଟି ଆଗ ହେବ, ସେ ପର୍ଯ୍ୟନ୍ତ ବଳବତ୍ତର ରହିବ । ଆଦେଶ ଉଲ୍ଲଂଘନ କଲେ ଭାରତୀୟ ନ୍ୟାୟସଂହିତା, ୨୦୨୩ ର ଧାରା ୨୨୩ ଅନୁଯାୟୀ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିର୍ଦ୍ଦେଶନାମାରେ ଚେତାବନୀ ଦିଆଯାଇଛି ।

## ଅସୁରକ୍ଷିତ ଜେନାପୁର ଥାନା ଇଲାକା

# ବନ୍ଧୁକ ଦେଖାଇ ପୂର୍ବତନ ସରପଞ୍ଚଙ୍କ ଘରୁ ଟଙ୍କା ଓ ସୁନା ଲୁଟିନେଲେ ୪ ଦୁର୍ବୃତ୍ତ

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲାର ଜେନାପୁର ଥାନା ଅଞ୍ଚଳ ଏବେ ଚୋର,ଡକାୟତ ଓ ଅସାମାଜିକ ତତ୍ତ୍ୱଙ୍କ ଚରାଭୂଇଁ ପାଲଟିଛି। ପୋଲିସର ଅପାରଗତା ଓ ଦୀଶାହୀନ କାର୍ଯ୍ୟକଳାପ ଯୋଗୁଁ ବାରମ୍ବାର ଏହି ଅଞ୍ଚଳରେ ଚୋରୀ, ଡକାୟତି, ରାହାଯାନୀ, ରାସ୍ତା ରବରି ଘଟଣା ଘଟି ଚାଲିଛି। ଚଳିତ ଏକମାସ ମଧ୍ୟରେ ଏହି ଥାନା ଅନ୍ତର୍ଗତ ତିନୋଟି ସ୍ଥାନରେ ରାସ୍ତା ରବରିରେ ଦୁଇଜଣ ବ୍ୟବସାୟୀ ଓ ଜଣେ ଶିକ୍ଷୟିତ୍ରୀ ଲକ୍ଷାଧିକ ଟଙ୍କା ଓ ବହୁ ସୁନା ଅଳଙ୍କାର ହରାଇ ଥିଲେ ମଧ୍ୟ କୌଣସି ଗୋଟିଏବି ଘଟଣାରେ ପୋଲିସକୁ ସଫଳତା ମିଳିନାହିଁ। ଏପରି ସ୍ଥଳେ ଗତକାଲି ଶନିବାର ରାତିରେ ଏହି ଥାନା ଅନ୍ତର୍ଗତ ମହିସରା ପଞ୍ଚାୟତର ଡଙ୍କାରୀ ଗ୍ରାମରେ ଜଣେ ପୂର୍ବତନ ସରପଞ୍ଚଙ୍କ ଘରୁ ଟଙ୍କା ଓ ସୁନା ଲୁଟପାଟ ହୋଇଛି। ୪ଜଣ ଦୁର୍ବୃତ୍ତ ରାତି ପ୍ରାୟ ଗୋଟାଏ ବେଳେ ଉକ୍ତ ଗ୍ରାମର ପୂର୍ବତନ ସରପଞ୍ଚ ଗୋକୁଳି ଦାସଙ୍କ ଘରେପଶି ଶ୍ରୀ ଦାସ ଓ ତାଙ୍କ ସ୍ତ୍ରୀଙ୍କୁ ବନ୍ଧୁକ ଓ କଟୁରୀ ଦେଖାଇ କାବୁ କରିନେବା ପରେ ଘରୁ ନଗଦ ୫୦ ହଜାର ଟଙ୍କା ଓ ପ୍ରାୟ ୨୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଲୁଟାନେଇ ଥିବା ଜଣାପଡିଛି। ଶ୍ରୀ ଦାସ ରାତି ପ୍ରାୟ ୧ ଟା ବେଳେ ଗେଟଖୋଲି ବାହାରକୁ ପରିଶ୍ରା କରିବାକୁ ଆସିବା ବେଳେ ସେହି ସୁଯୋଗରେ ୪ ଜଣ ଦୁର୍ବୃତ୍ତ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ବନ୍ଧୁକ ଦେଖାଇ କାବୁ କରିଥିଲେ। ଜଣେ ଦୁର୍ବୃତ୍ତ ଗାଡି ପାଖରେ ଜଗି ରହିଥିଲା ବେଳେ ଅନ୍ୟ ତିନିଜଣ ଘରେ ପଶି ଲୁଟପାଟ କରିଥିବା ଅଭିଯୋଗ ହୋଇଛି। ଖବର ପାଇଁ ପୋଲିସ ରବିବାର ଦିନ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲେ ମଧ୍ୟ ଅଦ୍ୟାବଧି ଦୁର୍ବୃତ୍ତ ମାନଙ୍କ ସୂରାକ ପାଇନାହିଁ। ଏହି ଘଟଣାର ଦୁଇଦିନ ପୂର୍ବରୁ ସ୍ଥାନୀୟ ବାଉଁଶମୂଳି ଗ୍ରାମରେ ଜଣେ ଯୁବତୀଙ୍କୁ ବଳାତ୍କାର କରି ଜଣେ କାମାନ୍ଧ ଯୁବକ ଫେରାର ହୋଇଥିବା ବେଳେ ପୋଲିସ ଏହି ଘଟଣାରେ ମଧ୍ୟ ହାତବାନ୍ଧି ବସିଛି। ଏହା ପୂର୍ବରୁ କବାଟବନ୍ଧ ବଳରାମପୁର ଛକରେ ବ୍ୟବସାୟୀ ସୁମନ ମିଶ୍ରଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତ ଲୁଟପାଟ କରିଥିଲା ବେଳେ ସେହି ଘଟଣାର ୭ ଦିନ ପୂର୍ବରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କ କାରକୁ ଅଟକାଇ ଦୁଇଜଣ ଦୁର୍ବୃତ୍ତ ବିଚ ରାସ୍ତାରେ ତାଙ୍କଠାରୁ ଲୁଟପାଟ କରିଥିଲେ । ହେଲେ କୌଣସି ଘଟଣାରେ ପୋଲିସ ଦୁର୍ବୃତ୍ତ ଙ୍କ ପାଖରେ ପହଞ୍ଚି ପାରିନାହିଁ। ପୋଲିସର ଅପାରଗତା ପାଇଁ ଏବେ ଜେନାପୁର ଥାନା ଅଞ୍ଚଳ ଜନସାଧାରଣଙ୍କ ପାଇଁ ଅସୁରକ୍ଷିତ ହୋଇପଡିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଚକ୍ଷୁଦାନ - ଲୋକେ ଆଗେଇ ଆସୁଛନ୍ତି

ଭୁବନେଶ୍ୱର,(ତଥ୍ୟ) ରାଜ୍ୟରୁ ଦୃଷ୍ଟିହୀନତା ଓ ଦୃଷ୍ଟିଦୋଷ ଦୂର ଲାଗି ମୃତ ବ୍ୟକ୍ତିଙ୍କ ଚକ୍ଷୁ ଆହରଣ ଓ ଏହାର ପ୍ରତିରୋପଣ ସଂଖ୍ୟା ବଢିବାରେ ଲାଗିଛି। ଲୋକ ସଚେତନ ହୋଇ ନିଜ ନିଜ ସମ୍ପର୍କୀୟମାନଙ୍କ ଚକ୍ଷୁଦାନ ପାଇଁ ଆଗଭର ହେବାରେ ଲାଗିଛନ୍ତି। ରାଜ୍ୟରେ ଚାଲିଥିବା ଏହି କାର୍ଯ୍ୟକ୍ରମ ଅଧିନରେ ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ ବର୍ଷରେ ୩୩୪୨ଟି ଚକ୍ଷୁ ଆହରଣ କରାଯାଇଥିବାବେଳେ ଏ କ୍ଷେତ୍ରରେ ଖୋରଧା ଜିଲ୍ଲା ସବୁଠାରୁ ଆଗରେ ରହିଛି। ଏହି ଜିଲ୍ଲାରୁ ୯୪୨ଟି ଚକ୍ଷୁ ଆହରଣ କରାଯାଇଥିବାବେଳେ ଏହା ପଛକୁ ସୁନ୍ଦରଗଡ ଜିଲ୍ଲାରୁ ୫୬୨ଟି ଆହରଣ ହୋଇଛି। ସେହିବର୍ଷ ରାଜ୍ୟରେ ୨୬୦୫ ଟି ଚକ୍ଷୁ ପ୍ରତିରୋପଣ କରାଯାଇ ପାରିଛି। ଚଳିତ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷସୁଦ୍ଧା ରାଜ୍ୟରେ ୧୨୫୨ଟି ଚକ୍ଷୁ ସଂଗ୍ରହ ହୋଇଥିବାବେଳେ ୧୦୬୪ଟି ପ୍ରତିରୋପଣ କରାଯାଇ ପାରିଛି। ତଥାପି ରାଜ୍ୟରେ ଏବେ ବି ଚକ୍ଷୁ ପ୍ରତିରୋପଣ ଅପେକ୍ଷାରେ ପାଖାପାଖି ଶହେ ଜଣ ରହିଥିବା ଜଣାଯାଇଛି।

ରାଜ୍ୟରେ ଚକ୍ଷୁଦାନ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ପ୍ରତ୍ୟେକ ସହର ଓ ବ୍ଲକ ଅଞ୍ଚଳରୁ ମୃତ ବ୍ୟକ୍ତି ଚକ୍ଷୁ ଆହରଣ ପାଇଁ ଜିଲ୍ଲା ସ୍ତରରେ ସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହିତ ଚୁକ୍ତି କରାଯାଇ ଚକ୍ଷୁ ସଂଗ୍ରହ କରାଯାଉଛି। ବର୍ତ୍ତମାନ ରାଜ୍ୟର ଚାରିଟି ଡାକ୍ତରଖାନା ଯଥା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ, ରାଉରକେଲା ସରକାରୀ ଚିକିତ୍ସାଳୟ ଓ ଏଲଭିପ୍ରସାଦ ଚକ୍ଷୁ ଚିକିତ୍ସାଳୟରେ ଏହି ସୁବିଧା ଉପଲବ୍ଧ ରହିଛି। ଏହାଛଡା ଚଳିତବର୍ଷ ଫକୀର ମୋହନ ଭେଷଜ ମହାବିଦ୍ୟାଳୟରେ ଏକ ଚକ୍ଷୁ ବ୍ୟାଙ୍କ୍ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି। ପ୍ରତିବର୍ଷ ଅଗଷ୍ଟ ୨୫ ତାରିଖରୁ ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ଜାତୀୟ ଚକ୍ଷୁଦାନ ଦିବସ ପାଳନ କରାଯାଇ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଚକ୍ଷୁଦାନ ପାଇଁ କେନ୍ଦ୍ର ସରକାର ମଧ୍ୟ ଏକ ଟୋଲ ଫ୍ରି ନମ୍ବର ଜାରି କରିଛନ୍ତି। ସାଧାରଣ ଲୋକଙ୍କ ମଧ୍ୟରେ ଚକ୍ଷୁଦାନ ନେଇ ସଚେତନତା ବୃଦ୍ଧି ପାଇବା ଫଳରେ ଚକ୍ଷୁ ଆହରଣ ସଂଖ୍ୟା ବଢିବାରେ ଲାଗିଛି। ବିଶେଷକରି ପୂର୍ବରୁ ମୃତ ବ୍ୟକ୍ତିଙ୍କ ଶରୀରୁ ଚକ୍ଷୁ କାଢିବାକୁ ନେଇ ଯେଉଁ ଅନ୍ଧବିଶ୍ୱାସ ରହିଥିଲା ତାହା ଧିରେ ଧିରେ ଦୂର ହେବାରେ ଲାଗିଛି। ବର୍ତ୍ତମାନ ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଦୂରାରୋଗରେ ପୀଡିତ ଲୋକେ ମୃତ୍ୟୁବରଣ କଲେ ସେମାନଙ୍କ ପରିବାର ନିଜ ଆଡୁ ଚକ୍ଷୁଦାନ ପାଇଁ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରୁଛନ୍ତି। ନିଜ ଲୋକଙ୍କ ଆଖିରେ ଆଉ ଜଣେ ଦୁନିଆ ଦେଖିବାର ଭାବନା ଧିରେ ଧିରେ ଲୋକଙ୍କ ମଧ୍ୟରେ ବଢିବାରେ ଲାଗିଛି। ଚଳିତବର୍ଷ ଅଗଷ୍ଟ ସୁଦ୍ଧା ୧୨୫୨ଟି ଚକ୍ଷୁ ସଂଗ୍ରହ ହୋଇଥିବାବେଳେ ଏଥିରେ ଖୋରଧା, କଟକ ଓ ସୁନ୍ଦରଗଡ ଜିଲ୍ଲାରେ କ୍ରମାନ୍ୱୟରେ ରହିଛନ୍ତି। ଏହି ସମୟରେ କୋରାପୁଟ ଜିଲ୍ଲାରୁ ୧୮ଟି ଚକ୍ଷୁ ଆହରଣ ହୋଇଥିବା ଜଣାଯାଇଛି।

### ବ୍ୟାଟେରୀ ଗାଡ଼ି ଚଳାଇବାକୁ ନେଇ ଦୁଇ ଭାଇ ହାତାହାତି

ବାରଙ୍ଗ ,(ସବ୍ୟୁ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ସେବାରେ ନିୟୋଜିତ ବ୍ୟାଟେରିଚାଳିତ ଗାଡ଼ି ଚଳାଇବାକୁ ନେଇ ରବିବାରଦିନ ଉଦ୍ୟାନ ପରିସରରେ ଦୁଇ ସମ୍ପର୍କୀୟ ଭାଇଙ୍କ ମଧ୍ୟରେ ହାତାହାତି ହୋଇଛି । ସୂଚନା ଅନୁଯାୟୀ, ବ୍ୟାଟେରି ଗାଡ଼ି ଚାଳକ ଲକି ଏବଂ ଅନିଲ ପରସ୍ପରର ମାଉସୀ ପୁଅ ଭାଇ । ରବିବାର ସକାଳ ସମୟରେ ଗାଡ଼ି ଚଳାଇବାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ହୋଇଥିଲା । ପରେ ଲକି ଉତ୍କ୍ଷିପ୍ତ ହୋଇ ଅନିଲଙ୍କୁ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏନେଇ ଅନିଲ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲା । ଅଭିଯୋଗ ପାଇଁ ନନ୍ଦନକାନନ ଥାନା ପୋଲିସ ମାମଲା ରୁଜୁ କରି ଲକିଙ୍କୁ ନୋଟିସ ଦେଇ ଛାଡିଦେଇଥିବା ସୂଚନା ମିଳିଛି ।

## ଦୁଇଟି ବିବାହ ପରେବି ବଦଳିଲା ନାହିଁ ଚରିତ୍ର

# ଘରେ ପଶି ଯୁବତୀଙ୍କୁ ବଳାତ୍କାର କରି କାମାନ୍ଧ ଯୁବକ ଫେରାର

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର ଜେନାପୁର ଥାନା ଅଧିନ ମଧୁପୁରଗଡ ପଞ୍ଚାୟତ ବାଉଁଶମୂଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବରୁ ଦୁଇଟି ବିବାହ କରି ସାରିଥିବା ଜଣେ କାମାନ୍ଧ ଯୁବକ ନିଜ ଗାଁର ଜଣେ ଯୁବତୀଙ୍କ ଘରେପଶି ତାଙ୍କୁ ବଳାତ୍କାର କରିଥିବା ଜଣାପଡ଼ିଛି। ଏପରି ଜଘନ୍ୟ କାଣ୍ଡ ଘଟାଇବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇ ଥିବାରୁ ତାକୁ ଗିରଫ କରାଯାଇ ପାରିନଥିବା ପୋଲିସ କହିଛି। ସଂପୃକ୍ତ କାମାନ୍ଧ ଯୁବକର ନାମ ରମେଶ ମଲିକ ଓ ସେ ଏଥି ପୂର୍ବରୁ ଦୁଇଜଣ ମହିଳାଙ୍କୁ ବିବାହ କରି ସାରିଥିବା ପୋଲିସ ସୂଚନା ଦେଇଛି। ତେବେ ଅଭିଯୁକ୍ତ ରମେଶର ଏପରି ଚରିତ୍ର ନେଇ ତାଙ୍କ ଦୁଇଜଣ ଯାକ ସ୍ତ୍ରୀ ଏବେ ତାଙ୍କୁ ଛାଡି ଅନ୍ୟତ୍ର ରହୁଥିବା ଜଣାପଡିଛି। ରାତିରେ ଯୁବତୀ ଜଣକ ଏକା ନିଜଘରେ ଶୋଇଥିଲା ବେଳେ ଅଭିଯୁକ୍ତ ପାଚେରି ଡେଇଁ ଘରେପଶି ତାଙ୍କୁ ଅତି ଅମାନୁଷିକ ଭାବେ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଘଟିବା ପରେ ପିଡିତାଙ୍କ ପରିବାର ପକ୍ଷରୁ ଅଭିଯୁକ୍ତ ନାମରେ ଥାନାରେ ଲିଖିତ ଏତଲା ଦିଆଯିବା ପରେ ଗତ ୯ ତାରିଖରେ ଜେନାପୁର ଥାନା ପୋଲିସ ଏକ ମାମଲା ପଞ୍ଜିକରଣ କରିଛି। ହେଲେ ଘଟଣାକୁ ମଧ୍ୟ ୪ ଦିନ ବିତିଯିବା ପରେବି ପୋଲିସ ଅଭିଯୁକ୍ତକୁ ଧରିପାରି ନାହିଁ। ଯାହାକୁ ନେଇ ସାଧାରଣରେ ତବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଥାଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବା ପାଇଁ ପିଡିତାଙ୍କ ପରିବାଳ ଓ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ଶହୀଦ ବାଜିରାଉତ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ସବ୍ୟୁ): ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ମିଳିତ ସହଯୋଗରେ ରବିବାର ଶହୀତ ବାଜି ରାଉତଙ୍କ ଶ୍ରାଦ୍ଧଦିବାସ ପାଳନ ଅବସରରେ ବିଧାନସଭା ପାଶ୍ୱର୍ରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଫାଉଣ୍ଡେସନର ସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚି, ସମ୍ପାଦକ କିଶୋର କୁମାର ମିଶ୍ର, ପୂଜ୍ୟପୂଜା ସଂସଦର ସଭାପତି ପ୍ରଦ୍ୟୁମ୍ନ ଶତପଥୀ, ଗିରିଜା ଶଙ୍କର ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ରହି ବାଜି ରାଉତ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରାଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଥି ସହିତୟୁନିଟ୍-୮ ସ୍ଥିତ ଡିଏଭି ସ୍କୁଲ ଛକ ନିକଟରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଅତିଥିମାନେ



ମାଲ୍ୟାର୍ପଣ କରିଥିଲେ ।

ସେବା ଓ ତ୍ୟାଗର ଅବିସ୍ମରଣୀୟ ପ୍ରତୀକ ଥିଲେ ବାଜି ରାଉତ । ୧୨ ବର୍ଷର ବୀର ବାଳକ ବାଜି ରାଉତଙ୍କର ବଳିଦାନ ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼ିବାକୁ ହଜାର ହଜାର ସଂଗ୍ରାମୀ ସୃଷ୍ଟି କରିଥିଲା । ତାଙ୍କର ବଳିଦାନ ସମଗ୍ର ଦେଶର ଜନମାନସରେ ଏକ ଅଭୂତପୂର୍ବ ଉତ୍ସାହ ଭରି ଦେଇଥିଲା ଏବଂ ତତ୍କାଳୀନ ରାଜନୈତିକ ସାମାଜିକ ପରିବେଶରେ ସଂଗ୍ରାମର ଏକ ନୂତନ ଆଲୋକ ଉନ୍ମେଷ ହୋଇଥିଲା । ଦେଶର ସ୍ୱାଧୀନତା ପାଇଁ ବାଜିରାଉତ ବୀରତ୍ୱର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ତାହା ଓଡ଼ିଶା ଇତିହାସରେ ଚିର ଜାଜ୍ୱଲ୍ୟମାନ ରହିବ ।

ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଆଧୁନିକ ଭାରତର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ସେ ଥିଲେ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆଦର୍ଶର ଅନ୍ୟତମ ପ୍ରବକ୍ତା, ବିଚକ୍ଷଣ ରାଜନୀତିଜ୍ଞ ଓ ସାମାଜିକ ନ୍ୟାୟ ପାଇଁ ଅଙ୍ଗୀକାରବଦ୍ଧ ଜନନେତା । ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଦେଶର ଯୁବପିଢିକୁ ଜାଗ୍ରତ କରିଥିଲା । ଜୟପ୍ରକାଶ ନାରାୟଣଙ୍କ ଜୀବନ ଆମକୁ ଶିଖାଏ ଯେ ସତ୍ୟ, ନୀତି ଓ ସେବା ହିଁ ସର୍ବୋତ୍କୃଷ୍ଟ ରାଜଧର୍ମ । ସେହିପରି ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକସ୍ଥିତ ଲୋକନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ବିଭାଗର ଅଧିକାରୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ସମ୍ବଲପୁରରେ 'ମେରା ଯୁବା ଭାରତ' ଦ୍ୱାରା 'ବନ୍ଦେ ମାତରମ୍ ଶିବିର'

# ରାଷ୍ଟ୍ର ନିର୍ମାଣ ଓ ସମୃଦ୍ଧ ଐତିହ୍ୟ ସହ ଯୋଡ଼ି ହୁଅନ୍ତୁ ଯୁବପିଢ଼ି : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ମାଟିର ବୀରତ୍ୱ, ସଂସ୍କୃତି ଓ ସାହିତ୍ୟ ଆମ ସମୃଦ୍ଧ ଐତିହ୍ୟର ଅମୂଲ୍ୟ ଅଧ୍ୟାୟ । ଏହାକୁ ଭାରତର ପ୍ରତ୍ୟେକ ଯୁବପିଢି ଅନ୍ୱେଷଣ କରିବା ସହ ସବୁ ବିଷୟର ଅନୁଭବ ନେବା ଦରକାର



ବୋଲି ରବିବାର ସମ୍ବଲପୁରରେ 'ମେରା ଯୁବା ଭାରତ'ଦ୍ୱାରା ଆୟୋଜିତ 'ବନ୍ଦେ ମାତରମ୍ ଶିବିର'ରେ ଯୋଗଦେଇ କହିଛନ୍ତି ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ରାଷ୍ଟ୍ର ନିର୍ମାଣ ଓ ସମୃଦ୍ଧ ଐତିହ୍ୟ ସହ ଯୋଡ଼ି ହେବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ ସମସ୍ତଙ୍କୁ ନବରାତ୍ରୀର ଶୁଭେଚ୍ଛା ଜଣାଇ କହିଛନ୍ତି ଯେ 'ବନ୍ଦେ ମାତରମ୍' ମନ୍ତ୍ର ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କୁ ମାତୃଭୂମି ପ୍ରତି ଅଗାଧ ପ୍ରେମ ଏବଂ ସମର୍ପଣ ଭାବରେ ଏକାଠି କରିବାରେ ପ୍ରେରଣା ଯୋଗାଇଥିଲା । ଆଜି ମଧ୍ୟ ଏହା ଆମର ଜାତୀୟ ଗୌରବ ଏବଂ ଏକତାର ପ୍ରତୀକ ଅଟେ। 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ସାକାର କରିବା ଦିଗରେ ଏହି ଶିବିର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ସେ କହିଛନ୍ତି ସମ୍ବଲପୁର ମାଟି କଳା, ସାହିତ୍ୟ ଏବଂ ଆଧାତ୍ମର କେନ୍ଦ୍ର ମଧ୍ୟ ଅଟେ । ଏହି ପବିତ୍ର ଭୂମିରେ ସନ୍ଥକବି ଭୀମ ଭୋଇଙ୍କ ସମାଜ କଲ୍ୟାଣକାରୀ ବାଣୀ - "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ... ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ" ଆଜି ବିଶ୍ୱ ସ୍ତରରେ ଜାତିସଂଘ ପର୍ଯ୍ୟନ୍ତ ଆଦୃତ ହୋଇଛି । ସେହିପରି ମାତୃଭାଷା ଓ ସାହିତ୍ୟର ପ୍ରଖର ପ୍ରବକ୍ତା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଅବଦାନ ମଧ୍ୟ ଅମୂଲ୍ୟ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ ତଥା ପଞ୍ଚାୟତରାଜ ବିଭାଗର ମନ୍ତ୍ରୀ ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବନ୍ଦେ ମାତାରମ ଶିବିରରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଦିଲ୍ଲୀ, ମଧ୍ୟପ୍ରଦେଶ, ମିଜୋରାମ ଏବଂ ପଶ୍ଚିମବଙ୍ଗ ଅଞ୍ଚଳରୁ ଅନେକ ଯୁବ ପ୍ରତିନିଧି ସାମିଲ ହୋଇଥିଲେ । ଏକ ଭାରତ, ଶ୍ରେଷ୍ଠ ଭାରତ ଏବଂ ବି କଶିତ ସମଗ୍ର ଦେଶରେ ମୋଟ ୨୦ଟି ବନ୍ଦେ ମାତରମ୍ ଶିବିର ଆୟୋଜନ କରାଯାଉଥିବା ବେଳେ ଓଡ଼ିଶାର ସମ୍ବଲପୁର ଏହାର ଅନ୍ୟତମ ଆୟୋଜନ ସ୍ଥଳ ଭାବେ ମନୋନୀତ ହୋଇଛି ।

### ନିମାପଡା କଲେଜ କ୍ୟାମ୍ପସରେ ପୁଲିସ ଛାଉଣୀ

ନିମାପଡା,(ସବ୍ୟୁ): ପ୍ରାର୍ଥପତ୍ର ଖାରଜକୁ ନେଇ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍ତେଜନା ଲାଗିରହିଛି । ଗତ ଶନିବାର ବିଳମ୍ବିତ ରାତ୍ରରେ କେହି ଦୁର୍ବୃତ କଲେଜ ଫାଟକ ସମ୍ମୁଖରେ ବିସ୍ଫରକ ସାମଗ୍ରୀ ଫୁଟାଇବାରୁ ତାହା ବୋମା ବୋଲି ଚର୍ଚ୍ଚା ହୋଇଥିଲା। ରବିବାରଦିନ ପୁରୀ ଏସପି ପ୍ରତୀକ ସିଂ ନିମାପଡା ଆସି କଲେଜ ଯାଇ ସ୍ଥିତି ଅନୁଧାହ୍ନ କରିବା ସହିତ କଲେଜ ଅଧ୍ୟକ୍ଷ ରାଜକିଶୋର ମିଶ୍ରଙ୍କ ସହିତ ଆଲୋଚନା କରିଛନ୍ତି। କଲେଜ ନିର୍ବାଚନକୁ ଭଣ୍ଡୁର କରିବା ଏବଂ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ଦୁର୍ବୁତ ଗତ କାଲି ରାତ୍ରରେ କଲେଜ ଫାଟକ ସାମ୍ନାରେ ଫୁଟାଇଥିବା ବୋମା ନୁହେଁ ତାହା ସୁନୁଫୁଟୁକା ବାଣ ବୋଲି ଏସପି ଶ୍ରୀ ସିଂ ପ୍ରକାଶ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନକୁ ନେଇ ନିମାପଡା କଲେଜରେ ଲାଗି ରହିଥିବା ଉତ୍ତେଜନା ମୂଳକ ପରିସ୍ଥିକୁ ନଜରରେ ରଖି ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି। ସୁରକ୍ଷା ବ୍ୟବସ୍ଥା ଓ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ କଲେଜ ପରିସରରେ ୨ ପ୍ଲାଟୁନ ସ୍ପେଶାଲ ଫୋର୍ସ ମୁତୟନ କରାଯିବା ସହିତ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଓ ଏସ୍‌ଡିପିଓ ଜନାର୍ଦ୍ଦନ ପାଢୀଙ୍କୁ ଏହାର ନଜର ରଖିବାକୁ ଦାୟିତ୍ୱ ଦିଆଯାଇଛି। କଲେଜ ପରିସରରେ ସିସିଟିଭି ସଂଖ୍ୟା ବୃଦ୍ଧି କରାଯିବା ସାଙ୍ଗକୁ ସଂପୂର୍ଣ୍ଣ କଲେଜ ପରିସରକୁ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଏସପି ଶ୍ରୀ ସିଂ କଲେଜ କ%୦ପକ୍ଷଙ୍କୁ କହିଛନ୍ତି। ନିମାପଡା ବଜାରର କୌଣସି ସ୍ଥାନରେ ସନ୍ଦିT ବ୍ୟକ୍ତିଙ୍କୁ ଦେଖିଲେ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାକୁ ଏସପି ନିମାପଡା ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲ୍ଲା ସ୍ତରୀୟ ଭୂମିକା ଅଭିନୟ ପ୍ରତିଯୋଗିତା

କଟକ,(ସବ୍ୟୁ): ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କଟକ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସୌଜନ୍ୟରୁ ସ୍ଥାନୀୟ ରେଲୱେ ସେଟଲମେଣ୍ଟ ହାଇସ୍କୁଲ କଟକଠାରେ ଜିଲ୍ଲା ସ୍ତରୀୟ ଭୂମିକା ଅଭିନୟ ପ୍ରତିଯୋଗିତା ୨୦୨୬ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ବିଜ୍ଞାନ ପରିଦର୍ଶିକା ସାଗରିକା ରାଉତ ଉଙ୍କର ପ୍ରତ୍ୟକ୍ଷ ସଂଯୋଜନା ଓ ପରିଚାଳନାରେ ସୂଚାରୁ ରୂପେ ଆୟୋଜିତ ହୋଇଥିଲା। ରେଲୱେ ସେଟଲମେଣ୍ଟ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ରଞ୍ଜିତା କୁମାରୀ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରେଭେନ୍ସା କଲିଜିଏଟ ସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବ୍ରଜକିଶୋର ସ୍ୱାଇଁ, ଆଗ୍ରାହାଟ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତଚରଣ ଦାସ କଳିଙ୍ଗ ନୋଡାଲ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟ ନାଟକ ପ୍ରତିଯୋଗିତା ର ବିଚାରକ ଭାବେ ଯୋଗଦେଇ ଥିଲେ। ଜିଲ୍ଲାର ଏଗାର ଗୋଟି ବ୍ଲକରୁ ପ୍ରତିଯୋଗୀମାନେ ଆସିଥିଲେ।




ନିଆଳି ବ୍ଲକର ଓଡିଶା ଆଦର୍ଶ ବିଦ୍ୟାଳୟ ଟୋଲ ଗୋପୀନାଥପୁର ପ୍ରଥମ ,କଟକ ମହାନଗର ନଗର ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ଦ୍ୱିତୀୟ ,ତିଗିରିଆ ବ୍ଲକର ଓଡିଶା ଆଦର୍ଶ ବିଦ୍ୟାଳୟ ଅଚଳକୋଟ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧ ରେ ଖାନନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଥନାଥ ଦେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବା ସହିତ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସାମାଜିକ ସଚେତନତା ଓ ନୈତିକ ମୂଲ୍ୟବୋଧ ସୃଷ୍ଟି କରିବାରେ ରୋଲ ପ୍ଲେର ଭୂମିକା ର ସଂପର୍କ ରେ ଶିକ୍ଷଣୀୟ ଆଲୋଚନା କରାଯାଇଥିଲା। ରେଲୱେ ସେଟଲେମେଣ୍ଟ ହାଇସ୍କୁଲର ସହକାରୀ ଶିକ୍ଷକ ସୌଭାଗ୍ୟ ରଞ୍ଜନ ପାତ୍ର ସଭା ସଂଯୋଜନା କରିଥିଲେ। ଶେଷରେ ସହିଦ ସ୍ମୃତି ନୋଡାଲ ବିଦ୍ୟାପୀଠର ସହକାରୀ ଶିକ୍ଷକ ଜୟ ଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଜ୍ଞାନେଶ କୁମାରଙ୍କ ବରଖାସ୍ତ ଦାବିରେ

# ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଦମନ ବିରୋଧରେ ପ୍ରତିବାଦ

ଭୁବନେଶ୍ୱର, (ସବ୍ୟୁ): ଦେଶରେ ଗଣତନ୍ତ୍ରର ସୁରକ୍ଷା ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବରଖାସ୍ତ ଦାବିରେ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ବରିଷ୍ଠ ନେତାମାନଙ୍କ ଉପରେ ବଳପ୍ରୟୋଗ ତଥା ଗତ ୧୦ ଅକ୍ଟୋବରରେ ଦିଲ୍ଲୀର ଜନ୍ତରମନ୍ତରରେ ଆୟୋଜିତ ଆନ୍ଦୋଳନ ଉପରେ ପୋଲିସର ଦମନମୂଳକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଭୁବନେଶ୍ୱରରେ ଇଣ୍ଡିଆ ବ୍ଲକର ସହଯୋଗୀ ଦଳମାନଙ୍କ ପକ୍ଷରୁ ମିଳିତ ଭାବେ ତୀବ୍ର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ପ୍ରତିବାଦରେ ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ-ଲେନିନବାଦୀ) ଲିବରେସନ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ଏନସିପି ଓ ଆରଜେଡି ଆଦି ଦଳ ସାମିଲ ହୋଇଥିଲେ ।

ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଠାରୁ ଇଣ୍ଡିଆ ବ୍ଲକର ଏକ ମିଳିତ ଶୋଭାଯାତ୍ରା ବାହାରି ଲୋୟର ପିଏମଜି ଠାରେ ପହଞ୍ଚିଥିଲା । ସେଠାରେ ଏକ ଶକ୍ତିଶାଳୀ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ପ୍ରତିବାଦ ସଭାରେ ଭାରତୀୟ ଜାତୀୟ କଂଗ୍ରେସର ରାଜ୍ୟ ଉପସଭାପତି ସନ୍ତୋଷ ସିଂହ ସାଲୁଜା, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ ଦାସ, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ-ଲେନିନବାଦୀ) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ୍ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଓ ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ଅରବିନ୍ଦ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନା, ସୁଦର୍ଶନ ଦାସ, ପ୍ରକାଶ ମିଶ୍ର, ଜୟସ୍ମିତା ମହାନ୍ତି, ସିପିଆଇର ଜୟନ୍ତ ଦାସ, ସୁର ଜେନା ଓ କୈଳାସ ପୁହାଣ, ସିପିଆଇ(ଏମ)ର ପୁଷ୍ପା ଦାଶ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।ଚାରିଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଦେଶବ୍ୟାପୀ ଜାରି ରହିବ ।ଆସନ୍ତା ୧୨ ଅକ୍ଟୋବରରେ ଇଣ୍ଡିଆ ବ୍ଲକ ପକ୍ଷରୁ ଦିଲ୍ଲୀରେ ଏକ ବିଶାଳ ମହାସମାବେଶ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି ।

# ଇଣ୍ଡିଆନ୍ ୟୁନିସ୍ପୋର୍ଟ ଫେଡେରେସନ୍ର ପ୍ରଥମ ସଭାପତି ହେଲେ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଇଣ୍ଡିଆନ୍ ୟୁନିସ୍ପୋର୍ଟ ଫେଡେରେସନ୍ (ଆଇୟୁଏସ୍ଏଫ୍)ର ପ୍ରଥମ ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ରବିବାର ନୂଆଦିଲ୍ଲୀଠାରେ ଆୟୋଜିତ ଫେଡେରେସନ୍ର ପ୍ରଥମ ବାର୍ଷିକ କାର୍ଯ୍ୟକାରିଣୀ ସଭାରେ ସର୍ବସମ୍ମତି କ୍ରମେ ସେ ମନୋନୀତ ହୋଇଛନ୍ତି। ଏହି ନୂତନ ଦାୟିତ୍ୱ ସହ ଦେଶର ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ାର ବିକାଶ ଓ କ୍ରୀଡ଼ାବିତ୍ଙ୍କୁ ଉଚ୍ଚସ୍ତରରେ ପହଞ୍ଚାଇବା କ୍ଷେତ୍ରରେ ତାଙ୍କ ଭୂମିକା ଆହୁରି ବ୍ୟାପକ ହେବ ବୋଲି ଆଶା କରାଯାଉଛି।

ସଭାପତି ଭାବେ ନିର୍ବାଚିତ ହେବା ପରେ ସଦସ୍ୟମାନଙ୍କୁ ସମ୍ବୋଧିତ କରି ଶ୍ରୀ ସାମନ୍ତ ଭାରତରେ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଦେଶର କ୍ରୀଡ଼ାବିତ୍ମାନଙ୍କୁ ପ୍ରସ୍ତୁତ କରିବା ନିମନ୍ତେ ସାମୂହିକ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଦେଶରେ କ୍ରୀଡ଼ାର ବିକାଶ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ସାକାର କରିବା ପାଇଁ ସମସ୍ତ ଅଂଶୀଦାର ଏକାଠି ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ବିଶ୍ୱବିଦ୍ୟାଳୟସ୍ତରରେ କ୍ରୀଡ଼ାର ବିକାଶ ପାଇଁ ତାଙ୍କର ଏହି ଦୀର୍ଘକାଳୀନ ଅବଦାନକୁ ବିଚାରକୁ ନେଇ ସଂଘ ଶ୍ରୀ ସାମନ୍ତଙ୍କୁ ଏହାର ପ୍ରଥମ ସଭାପତି ଭାବେ ମନୋନୀତ କରିଛି।




ଭାରତରେ ଥିବା ୧୨ଶହରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ, ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇବା ଦିଗରେ ଏହି ସଂଘ କାର୍ଯ୍ୟ କରିବ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ କ୍ରୀଡ଼ାବିତ୍ଙ୍କ ଯୋଗଦାନ, ଖେଲୋ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ଙ୍କୁ ଅଂଶଗ୍ରହଣ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ମୋଟାମୋଟି ଉପରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) କ୍ରୀଡ଼ାର ବିକାଶ ଦିଗରେ ଯାହା କରୁଥିଲା ଏବେ ଆଇୟୁଏସ୍ଏଫ୍ ସେହି କାମ କରିବ। ଅଲିମ୍ପିକ୍, ଏସୀୟ କ୍ରୀଡ଼ା ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଉଚ୍ଚମାନର କ୍ରୀଡ଼ାବିତ୍ ଗଢ଼ିତୋଳିବା ଏହି ଫେଡେରେସନ୍ର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ। ଏହି ସଂଘକୁ ଅନୁମୋଦନ ଦେଇଥିବାରୁ ଶ୍ରୀ ସାମନ୍ତ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଓ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ସାମନ୍ତ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘର ବିଭିନ୍ନ ପଦପଦବୀରେ ରହିବା ସହ ସମ୍ମାନିତ ହୋଇଛନ୍ତି। ପୂର୍ବରୁ ଶ୍ରୀ ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଥିଲେ। ଏବେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ସହ ଏଫ୍ଆଇଭିବିର ମଧ୍ୟ ସଦସ୍ୟ ଅଛନ୍ତି। ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ଫିଫା, ଏଫ୍ଆଇଭିବି ଓ ଫିଡେ ସହ ସେ ଦୃଢ଼ ସଂପର୍କ ସ୍ଥାପନ କରିଆସିଛନ୍ତି। ଭଲିବଲ୍ ଓ ଚେସ୍ର ବିକାଶ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ଏଫ୍ଆଇଭିବି ପକ୍ଷରୁ ଏହାର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ଏୟାରଟେଲ୍ ସମସ୍ତ ପୋଷ୍ଟପେଡ୍ ପ୍ଲାନରେ ମାଗଣା ଆନ୍ତର୍ଜାତୀୟ ରୋମିଂ ସୁବିଧା

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ଭାରତୀ ଏୟାରଟେଲ୍ ("ଏୟାରଟେଲ୍") ଆଜି ଅଧିକ ସୁବିଧାଯୁକ୍ତ ନୂତନ ପୋଷ୍ଟପେଡ୍ ପ୍ଲାନର ଶୁଭାରମ୍ଭ ଘୋଷଣା କରିଛି। ୮ ତାରିଖରୁ ଗ୍ରାହକମାନେ ଏହି ନୂତନ ପୋଷ୍ଟପେଡ୍ ପ୍ଲାନ ସହିତ ବର୍ତ୍ତମାନର ସମସ୍ତ ସୁବିଧା ସହିତ ପ୍ରତିବର୍ଷ ମାଗଣା ରୋମିଂ ସୁବିଧା ସହିତ ଗୋଟିଏ ଆନ୍ତର୍ଜାତୀୟ ଯାତ୍ରାର ଲାଭ ଉଠାଇପାରିବେ ଏହି ମାଗଣା ଆନ୍ତର୍ଜାତୀୟ ରୋମିଂ ପ୍ୟାକ୍ରେ ୫ ଜିବି ଡାଟା, ୬୦ ମିନିଟ୍ କଲ୍, ୨୫ ଟି ଆଉଟ୍ଗୋଇଂ ଏସଏମଏସ ଏବଂ ମାଗଣା ଇନ୍କମିଂ ଏସଏମଏସ ସୁବିଧା ମିଳିବ, ଯାହା ୫ ଦିନ ପାଇଁ ବୈଧ ରହିବ। ଗ୍ରାହକମାନଙ୍କ ପାଖରେ ନିଜ ପସନ୍ଦର ସମୟରେ ଏହି ୫-ଦିନିଆ ପ୍ୟାକ୍କୁ ସକ୍ରିୟ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି, ଯାହା ବିଦେଶ ଯାତ୍ରା ସମୟରେ ସଂଯୁକ୍ତ ରହିବାକୁ ସହଜ କରିଥାଏ। ଏୟାରଟେଲ୍ ପୋଷ୍ଟପେଡ୍ ଫ୍ୟାମିଲି ପ୍ଲାନ ବ୍ୟବହାର କରୁଥିବା ଗ୍ରାହକଙ୍କ କ୍ଷେତ୍ରରେ, ଏହି ମାଗଣା ଆନ୍ତର୍ଜାତୀୟ ରୋମିଂ ସୁବିଧା ପ୍ଲାନରେ ସାମିଲ ଥିବା ପ୍ରତ୍ୟେକ ପରିବାର ସଦସ୍ୟଙ୍କ ପାଇଁ ଉପଲବ୍ଧ ରହିବ। ଫ୍ରି ଇଣ୍ଟରନ୍ୟାସନାଲ ରୋମିଂ ହେଉଛି ଏୟାରଟେଲ ପୋଷ୍ଟପେଡ୍ ପ୍ଲାନର ନୂତନତମ ଯୋଡି ଯାହା ଫାଷ୍ଟ ଲେନ୍ ଟେକ୍ନୋଲୋଜି, ଅସୀମିତ ଡାଟା, ସ୍ପାମ୍ ଏବଂ ଠକେଇ ଲିଙ୍କ୍ ବିରୁଦ୍ଧରେ ନେଟୱାର୍କ-ସ୍ତରୀୟ ସୁରକ୍ଷା ମାଧ୍ୟମରେ ଉତ୍କୃଷ୍ଟ ଅଭିଜ୍ଞତା ସହିତ ଆସିଥାଏ। ଗ୍ରାହକମାନେ କମେଡି ଶୋ, ସିନେମା ପ୍ରିମିୟର ଏବଂ କନସର୍ଟ ସମେତ ଏୟାରଟେଲ ପୋଷ୍ଟପେଡ୍ ଆଡଭାଣ୍ଟେଜ୍ କ୍ଲବ ମାଧ୍ୟମରେ ବିଭିନ୍ନ ମନୋରଞ୍ଜନ ସବସ୍କ୍ରିପସନ ଏବଂ ସ୍ୱତନ୍ତ୍ର ଅଭିଜ୍ଞତା ପାଇଁ ପ୍ରବେଶ ମଧ୍ୟ ଉପଭୋଗ କରିପାରିବେ।

## ପୁରୀର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ

ପୁରୀ, (ସବ୍ୟୁ): ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପୁରୀ ଜିଲ୍ଲାର ନୋଡାଲ ଅଧିକାରୀ ପୁରୀ ଗସ୍ତ କରି ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ପୁରୀ ମହାନଗର ନିଗମର କମିଶନର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ସେ ମୂଷା ନଦୀ, ପୁରୀ ବିମାନବନ୍ଦର, ସମଙ୍ଗ ପାର୍କ, ସମଙ୍ଗସ୍ଥିତ ମଳବର୍ଜ୍ୟ ବିଶୋଧନ କେନ୍ଦ୍ର (ଏସ୍ଟିପି) ଏବଂ ସମଙ୍ଗ ପୋଖରୀ ପରିଦର୍ଶନ କରି ଚାଲିଥିବା କାର୍ଯ୍ୟ, ଭିତ୍ତିଭୂମି ଓ ସମ୍ପୃକ୍ତ ସମସ୍ୟାର ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରିବା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ଉନ୍ନୟନମୂଳକ କାର୍ଯ୍ୟର ସଠିକ୍ କାର୍ଯ୍ୟାନ୍ୱୟନ ଓ କ୍ଷେତ୍ରସ୍ତରୀୟ ତଦାରଖ ଉପରେ ଏହି ଗସ୍ତରେ ଗୁରୁତ୍ୱ ଦିଆଯାଇଥିଲା।

### ଟାଇମ୍ସ ଫ୍ୟାଶନ୍ ୱିକ୍ରେ ଓଡ଼ିଶାର ହସ୍ତତନ୍ତ, ହସ୍ତଶିଳ୍ପର ଝଲକ

# ରାମ୍ପରେ ମଡେଲ୍ଙ୍କ ସହ ଚାଲିଲେ ଖୋର୍ଦ୍ଧା, କଟକର ୧୪ ମହିଳା ବୁଣାକାର

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ଟାଇମ୍ସ ଫ୍ୟାଶନ୍ ୱିକ୍ ୨୦୨୬ରେ ସହଯୋଗୀ ଅଂଶୀଦାର ଭାବେ ଯୋଗଦେଇ ଓରମାସ୍ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ଫ୍ୟାଶନ୍ ରାମ୍ପରେ ପ୍ରଦର୍ଶିତ କରିଛି । ରାଜ୍ୟର ବୁଣାକାର ଓ କାରିଗରଙ୍କ ସୃଜନଶୀଳତାକୁ ବ୍ୟାପକ ପରିଚୟ ଦେବା ସହ ସେମାନଙ୍କ ଉତ୍ପାଦ ପାଇଁ ନୂଆ ବଜାର ସୁଯୋଗ ସୃଷ୍ଟିର ପ୍ରୟାସ କରାଯାଇଛି । ଓରମାସ୍ ପକ୍ଷରୁ ପ୍ରୋତ୍ସାହିତ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ପରିଧାନ କରି ୪୦ ଜଣ ମଡେଲ୍ ରାମ୍ପରେ ଚାଲିଥିଲେ । ସେମାନଙ୍କ ମଧ୍ୟରେ ଓଲିଉଡ୍ ଅଭିନେତ୍ରୀ ସଙ୍ଗୀତା ଶିବାନୀ ମଧ୍ୟ ଥିଲେ । ଏହି ପ୍ରଦର୍ଶନୀରେ ବିଭିନ୍ନ ଜିଲ୍ଲାର ବୁଣାକାର ଓ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସହ ଏକ ଜିଲ୍ଲା, ଏକ ଉତ୍ପାଦ ଅନ୍ତର୍ଗତ ପାରମ୍ପରିକ ଉତ୍ପାଦଗୁଡ଼ିକୁ ଫ୍ୟାଶନ୍ ରାମ୍ପେ ପ୍ରଦର୍ଶିତ କରାଯାଇଥିଲା । ଏଥିରେ ସମ୍ବଲପୁରୀ ସିଲ୍କ ଶାଢ଼ି, କଟକ ଖଣ୍ଡୁଆ ସିଲ୍କ ଶାଢ଼ି, ମଣିଆବନ୍ଧ ଶାଢ଼ି, ପଟ୍ଟଚିତ୍ର ସିଲ୍କ ଶାଢ଼ି, ଜିଆଇ ମାନ୍ୟତାପ୍ରାପ୍ତ କୋଟପାଡ଼ ହସ୍ତତନ୍ତ, ଧଳାପଥରର ପାରମ୍ପରିକ ବୟନ ସାମଗ୍ରୀ, ଢୋକ୍ରା କଳାକୃତି ଓ ଫ୍ୟାବ୍ରିକ୍ ଗହଣା ସ୍ଥାନ ପାଇଥିଲା ।

ଏହି ଫ୍ୟାଶନ୍ ଶୋ'ର ଅନ୍ୟତମ ଆକର୍ଷଣ ଥିଲେ ଖୋର୍ଦ୍ଧା ଓ କଟକ ଜିଲ୍ଲାର ୧୪ ଜଣ ମହିଳା ବୁଣାକାର । ସେମାନେ ନିଜ ହାତରେ ବୁଣିଥିବା ପାରମ୍ପରିକ ହସ୍ତତନ୍ତ ପୋଷାକ ପିନ୍ଧି ପେସାଦାର ମଡେଲ୍ଙ୍କ ସହ ରାମ୍ପରେ ଚାଲିଥିଲେ । ଏଭଳି ଏକ



ମଞ୍ଚରେ ସ୍ଥାନୀୟ ବୁଣାକାରଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ସେମାନଙ୍କୁ ନିଜ କଳା ଓ ଦକ୍ଷତା ପ୍ରଦର୍ଶନ ସହ ବ୍ୟାପକ ପରିଚୟ ଓ ସ୍ୱୀକୃତି ପାଇବାର ସୁଯୋଗ ଦେଇଥିଲା । ଏହି ପ୍ରଦର୍ଶନୀକୁ ଦର୍ଶକମାନେ ପ୍ରଶଂସା କରିଥିଲେ । ଏହି ସାମଗ୍ରୀଗୁଡ଼ିକ ସୁବର୍ଣ୍ଣଶ୍ରୀ ଓରମାସ୍ ରିଟେଲ ବିକ୍ରୟ କେନ୍ଦ୍ର ଏବଂ ସୁଭଦ୍ରା ଶକ୍ତି ବଜାରରେ ମଧ୍ୟ ଉପଲବ୍ଧ ହେବ । ଏହାଦ୍ୱାରା ଗ୍ରାହକମାନେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ କିଣିବାର ସୁଯୋଗ ପାଇପାରିବେ । ଏହି ପଦକ୍ଷେପକୁ ପ୍ରଶଂସା କରି ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ଏଭଳି ସୁଯୋଗ ବୁଣାକାର ଓ କାରିଗରଙ୍କୁ ନୂଆ ବଜାର ଓ ଗ୍ରାହକଙ୍କ ସହ ଯୋଡ଼ିବା ସହ ଓଡ଼ିଶାର କାରିଗରୀ ପରମ୍ପରାର ସୁରକ୍ଷା ଓ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବ ।

# ବିଧାୟିକା ସୋଫିଆ ଫିରଦୋସଙ୍କ ଶାରଦୀୟ ବନ୍ଧୁମିଳନ

କଟକ (ସ୍ୱ.ପ୍ର): ବିଧାୟିକା ସୋଫିଆ ଫିରଦୋସଙ୍କ ପୌରହିତ୍ୟରେ ସ୍ଥାନୀୟ ଶହୀଦ ଭବନ ଠାରେ ଶାରଦୀୟ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଓଜେସି ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ପ୍ରାରମ୍ଭିକ ସୂଚନା ଦେଇ ସମସ୍ତଙ୍କୁ




ସ୍ୱାଗତ ଜଣାଇଥିଲେ । ବିଧାୟିକା ସୋଫିଆ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହିତ ଉପସ୍ଥିତ କଟକ ସହରର ସମସ୍ତ ପୂଜା କମିଟି ସଭାପତି, ସଂପାଦକ ଓ କର୍ମକର୍ତ୍ତା ବୃନ୍ଦ ଓ ଶାନ୍ତି କମିଟି କର୍ମକର୍ତ୍ତା ଓ ସିଏମସି କର୍ପୋରେଟରମାନଙ୍କୁ ଉତ୍ତରୀୟ, ବୃକ୍ଷ ଓ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ । କଟକ ମହାନଗର ପୂଜା କମିଟି ସଂପାଦକ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, କଟକ-ଭୁବନେଶ୍ୱର ପୋଲିସ କମିଶନର ଡ. ସୁରେଶ ଦେବ ଦତ୍ତ ସିଂ, କଟକ ଡିସିପି ଖିଲାରି ରଷିକେଶ ଦେଓ, ଏସିପି ଅନନ୍ୟା ଆବସ୍ଥି, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସଂପାଦକ ପ୍ରଫୁଲ୍ଲ ସାହୁ, କଟକ ମେୟର ସୁବାସ ସିଂ, ସୁରେଶ ମହାପାତ୍ର, ନୟନ ମହାନ୍ତି, ଅମରେନ୍ଦୁ ମହାନ୍ତି, ପ୍ରଫୁଲ୍ଲ ସିଂ, ବଦ୍ରି ଦାସ, ସ୍ୱଦେଶ ଦାସ, ମଧୁସୂଦନ ସାହୁ, ଗିରିବାଳା ବେହେରା, ପ୍ରଦୀପ ସିହ୍ନା, ୨୫ ଦିଗଭାଗ ସର୍ବମହନ୍ତ ରବୀନ୍ଦ୍ର ବସ୍ତିଆ, ୨୨ ଦିଗଭାଗ ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁ, ୧୯ ଦିଗଭାଗ ସର୍ବାଧିକାରୀ ବିରେନ୍ଦ୍ର କୁମାର ସାହୁ, ୧୬ ଦିଗଭାଗ ସର୍ବାଧିକାରୀ ପ୍ରଦୀପ କୁମାର ସାହୁ, ୨୫ ଦିଗଭାଗ ସୁରେଶ ସାହୁ, ବୁଲୁ ଚୌଧୁରୀ ପ୍ରମୁଖ ଯୋଗଦେଇ କଟକ ସହରରେ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତି, ଶୃଙ୍ଖଳାର ସହ ପାଳନ କରିବା ସହିତ ଭାଇଚାରା ସଂପର୍କକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସମସ୍ତଙ୍କୁ ନିବେଦନ କରି ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ବିଧାୟିକା ସୋଫିଆ ଫିରଦୋସ୍ ଉପସ୍ଥିତ ସମସ୍ତ ଅତିଥି ବୃନ୍ଦ, କର୍ପୋରେଟର, ପୂଜା କମିଟି ସଭାପତି ଓ ସଂପାଦକ, କଟକ ସହରର ମୁରବୀ ମାନଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଦେଇଥିଲେ।

# ଟ୍ରେଣ୍ଡ୍ସର ନବୀକରଣ ଷ୍ଟୋର୍ ଉଦ୍ଘାଟିତ

ଭୁବନେଶ୍ୱର(ସବ୍ୟୁ): ରିଲାଏନ୍ସ ରିଟେଲର ଫ୍ୟାଶନ ବ୍ରାଣ୍ଡ ଟ୍ରେଣ୍ଡ୍ସ ପକ୍ଷରୁ କଟକର ଦୋଳମୁଣ୍ଡାଇଠାରେ ନବୀକରଣ ଷ୍ଟୋରର ପୁନଃଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗଦେଇ ରିବନ୍ କାଟି ଷ୍ଟୋରର ଶୁଭାରମ୍ଭ କରିଥିଲେ । ଏଠାରେ ମହିଳା, ପୁରୁଷ ଓ ଶିଶୁଙ୍କ ପୋଷାକ ସହ ବିଭିନ୍ନ ଫ୍ୟାଶନ୍ ଆକ୍ସେସରିଜ୍ ଉପଲବ୍ଧ ହେଉଛି ।ଏହି ଅବସରରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର୍ ଘୋଷଣା କରାଯାଇଛି ।

# ରେଡମୀ ୧୭ସି ୫ଜିର ବିକ୍ରି ଆରମ୍ଭ

ଭୁବନେଶ୍ୱର(ସବ୍ୟୁ): ସାଓମି ଇଣ୍ଡିଆ ପକ୍ଷରୁ ରେଡମୀ ୧୭ସି ୫ଜି ସ୍ମାର୍ଟଫୋନର ବିକ୍ରି ଆରମ୍ଭ ହୋଇଛି ।ଏଥିରେ ୬.୯ ଇଞ୍ଚର ୧୨୦ହର୍ଜ ଡିସ୍ପ୍ଲେ, ୬୦୦୦ଏମଏଏଚବ୍ୟାଟେରୀ, ୩୩ଘ ଫାଷ୍ଟ ଚାର୍ଜିଂ ଓ ୫୦ଏମପି ଏଆଇ କ୍ୟାମେରା ରହିଛି । ମିଡିଆଟେକ୍ ଡାଇମେନ୍ସିଟି ୬୩୦୦ ପ୍ରୋସେସର୍ ସହ ଏହି ଫୋନର ୬୪ ଡଷ୍ଟ ଓ ୱାଟର୍ ରେଜିଷ୍ଟାନ୍ସ ସୁବିଧା ମଧ୍ୟ ରହିଛି ।

### ଏସ୍ସିବିରେ ମାନସିକ ରୋଗୀଙ୍କୁ ପିଟିପିଟି ହତ୍ୟା ଘଟଣା

# ୱାର୍ଡ ଆଟେଣ୍ଡାଣ୍ଟ୍ ଏବଂ ସିକ୍ୟୁରିଟି ଗାର୍ଡ ଗିରଫ

କଟକ,(ସବ୍ୟୁ): ଏସ୍ସିବି ମେଡିକାଲ କଲେଜ ଓ ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ବିଭାଗରେ ଜଣେ ଅସହାୟ ମାନସିକ ରୋଗୀଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ମାମଲାର ୧୨ ଦିନ ପରେ ମଙ୍ଗଳାବାଗ ଥାନା ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଡାକ୍ତରଖାନା ପରିସରରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯିବା ପରେ ସେଥିରୁ ୨ ଜଣ ଅଭିଯୁକ୍ତ ରୋଗୀଙ୍କୁ ମାଡ଼ ମାରୁଥିବା ଦୃଶ୍ୟ ସ୍ପଷ୍ଟ ଭାବେ ଚିହ୍ନଟ କରାଯାଇଥିଲା । ସେହି ଆଧାରରେ ପୁଲିସ ମଞ୍ଜୁଶ୍ରୀ ସର୍ଭିସ୍ରେ ନିୟୋଜିତ ହୋଇଥିବା ୱାର୍ଡ ଆଟେଣ୍ଡାଣ୍ଟ ଏ. ଜଗନ୍ନାଥ ରାଓ ଏବଂ ନିରାକାର ସିକ୍ୟୁରିଟି ଏଜେନ୍ସିରେ କାର୍ଯ୍ୟରତ ଘରୋଇ ସିକ୍ୟୁରିଟି ଗାର୍ଡ ଦିଲୀପ କୁମାର ପ୍ରଧାନଙ୍କୁ ଗିରଫ କରିଛି । ୨ଜଣଙ୍କ ଜାମିନ୍ ଆବେଦନ ଖରାଜ ହୋଇଯିବା ପରେ ସେମାନଙ୍କୁ ଚୌଦ୍ୱାର ଜେଲ୍କୁ ପଠାଇ ଦିଆଯାଇଛି । ଉଭୟଙ୍କ ବିରୋଧରେ ଭାରତୀୟନ୍ୟାୟ ସଂହିତା(ବିଏନ୍ଏସ୍)ର ଧାରା ୧୦୫ ଏବଂ ୩ (୫) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ପୁଲିସ ସୂଚନା ଅନୁସାରେ, ସେପ୍ଟେମ୍ବର ୨୮ ତାରିଖରେ ଯାଜପୁର ରୋଡ୍ ପହଙ୍ଗା ଅଞ୍ଚଳର ଶ୍ରୀକାନ୍ତ ଦାସ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଏସ୍ସିବିର ମାନସିକ ରୋଗ ବିଭାଗରେ ଆଡ୍ମିଟ୍ କରାଇଥିଲେ । ମାତ୍ର ଏହାର ପରଦିନ ଅର୍ଥାତ୍ ୨୯ ତାରିଖ ରାତିରେ ସେ ୱାର୍ଡ ବାହାରକୁ ଆସିବା ପରେ, ସେଦିନ ରାତିରେ ଡ୍ୟୁଟିରେ ଥିବା କିଛି ସୁରକ୍ଷା କର୍ମୀ ଓ କର୍ମଚାରୀ ତାଙ୍କୁ ଏକ ପ୍ଲାଷ୍ଟିକ ପାଇପ୍ରେ ନିର୍ଘାତ ମାଡ଼ ମାରିଥିବା ନେଇ ପରିବାର ପକ୍ଷରୁ ସାଂଘାତିକ ଅଭିଯୋଗ କରାଯାଇଥିଲା । ପରଦିନ ଅର୍ଥାତ୍ ସେପ୍ଟେମ୍ବର ୩୦ ତାରିଖ ସକାଳେ ତାଙ୍କର ରହସ୍ୟଜନକ ଭାବେ ତାଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ଘଟଣାରେ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ସୂଚନା ଦେଇ କହିଛନ୍ତି ଯେ, ମୃତକଙ୍କ ପୋଷ୍ଟମର୍ଟମ ରିପୋର୍ଟକୁ ଏପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇଛି ଏବଂ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଭିସେରା ତଥା କେମିକାଲ ରିପୋର୍ଟ ପାଇଁ ପଠାଯାଇଛି, ଯାହା ହସ୍ତଗତ ହେବା ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ।

ଅନ୍ୟପକ୍ଷରେ, ପୁଲିସ ହତ୍ୟାର ୧୨ ଦିନ ପରେ ମାତ୍ର ୨ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ବିରୋଧରେ ପ୍ରତ୍ୟକ୍ଷ ଭାବେ ହତ୍ୟା ଦଫା ଲଗାଯାଇ ନଥିବା ନେଇ ମୃତ ଶ୍ରୀକାନ୍ତଙ୍କ ପରିବାର ବର୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରଶାସନ ଓ ମେଡିକାଲ କର୍ତ୍ତୃପକ୍ଷ ଦୋଷୀମାନଙ୍କୁ ଘଣ୍ଟ ଘୋଡ଼ାଉଥିବା ନେଇ ପରିବାର ପକ୍ଷରୁ ସ୍ପଷ୍ଟ ଅଭିଯୋଗ ଅଣାଯାଇଛି । ଶ୍ରୀକାନ୍ତଙ୍କ ହତ୍ୟାର ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ତ୍ୱରିତ ତଦନ୍ତ କରାଯାଇ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ, ଆଗାମୀ ଦିନରେ ଏସ୍ସିବି ମେଡିକାଲ ସମ୍ମୁଖରେ ପରିବାରର ସମସ୍ତ ସଦସ୍ୟ ବସି ଆମରଣ ଅନଶନ ଏବଂ ଧାରଣା ଦେବା ସହ ଚରମ ପଦକ୍ଷେପ ନେବାକୁ ବାଧ ହେବେ ବୋଲି ମୃତ ଶ୍ରୀକାନ୍ତଙ୍କ ପତ୍ନୀ ଓ ସାନ ଭାଇ ଚେତାବନୀ ଦେଇଛନ୍ତି । ଡାକ୍ତରଖାନା ଭଳି ଏକ ଚିକିତ୍ସା କେନ୍ଦ୍ରରେ ଜଣେ ମାନସିକ ରୋଗୀଙ୍କୁ ସୁରକ୍ଷା ଦେବା ବଦଳରେ ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କ ଦ୍ୱାରା ଏଭଳି ନିର୍ମମ ଅତ୍ୟାଚାର ଓ ଜୀବନ ନେବା ଘଟଣା ସାଧାରଣରେ ଗଭୀର ମର୍ମାହତ ସୃଷ୍ଟି କରିଛି ଏବଂ ସାମଗ୍ରିକ ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ଡ୍ରୋନ୍ ଆଧାରିତ ନିରୀକ୍ଷଣରେ ଅଗ୍ରଣୀ ପୂର୍ବତଟ ରେଳପଥ

# ୧୧ ଡ୍ରୋନ୍ ଦ୍ୱାରା ୨,୭୦୮ ରୁଟ୍ କିଲୋମିଟର ରେଳପଥ ଓ ୨୮୪ ଷ୍ଟେସନରେ ନିରୀକ୍ଷଣ

ଭୁବନେଶ୍ୱର, (ସବ୍ୟୁ): ଡ୍ରୋନ୍ ଆଧାରିତ ନିରୀକ୍ଷଣ କ୍ଷେତ୍ରରେ ପୂର୍ବ ତଟ ରେଳପଥ ଭାରତୀୟ ରେଳପଥ ମଧ୍ୟରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ବର୍ତ୍ତମାନ ଏହାର ତିନୋଟି ମଣ୍ଡଳରେ ୧୧ଟି ଡ୍ରୋନ୍ ନିୟୋଜିତ ହୋଇଥିବାବେଳେ, ମାର୍ଚ୍ଚ ୨୦୨୭ ସୁଦ୍ଧା ଏହି ସଂଖ୍ୟା ୨୨କୁ ବୃଦ୍ଧି କରିବାକୁ ଯୋଜନା ରହିଛି। ଏହି ପଦକ୍ଷେପ ରେଳପଥର ସୁରକ୍ଷା, ଯାତ୍ରୀଙ୍କ ନିରାପତ୍ତା, ଭିଡ଼ ନିୟନ୍ତ୍ରଣ ଏବଂ ରେଳ ସମ୍ପତ୍ତିର ସୁରକ୍ଷାକୁ ଅଧିକ ସୁଦୃଢ଼ କରୁଛି। "ଡ୍ରୋଆକ୍ ଆଇ – ଅବଜରଭେସନ୍, ଡିଟେକ୍ସନ୍, ପ୍ରିଭେନସନ୍" ନାମରେ ପରିଚାଳିତ ଏହି ବ୍ୟବସ୍ଥା ରେଳ ସୁରକ୍ଷା ବଳକୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ନଜର ରଖିବା, ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିବା ଏବଂ ଅପରାଧ ନିବାରଣ କରିବାରେ ସହାୟତା କରୁଛି। ଏହି ୧୧ଟି ଡ୍ରୋନ୍ ମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୪ଟି, ସମ୍ବଲପୁର ମଣ୍ଡଳରେ ୬ଟି ଏବଂ ରାୟଗଡ଼ା ମଣ୍ଡଳରେ ଗୋଟିଏ ଡ୍ରୋନ୍ ନିୟୋଜିତ ହୋଇଛି। ଏହାର ପରିଚାଳନାରେ ଡିଜିସିଏ ପ୍ରମାଣପତ୍ରପ୍ରାପ୍ତ ୧୬୦ ଜଣ ଡ୍ରୋନ୍ ପାଇଲଟ୍ ସହଯୋଗ କରୁଛନ୍ତି।



ଏହି ନେଟୱର୍କ ୩୧ଟି ରେଳ ସୁରକ୍ଷା ବଳ ପୋଷ୍ଟ ଅଧୀନରେ ୨୮୪ଟି ଷ୍ଟେସନ, ୨,୭୦୮ ରୁଟ୍ କିଲୋମିଟର ଏବଂ ୬,୦୭୨ ଟ୍ରାକ୍ କିଲୋମିଟର ରେଳପଥକୁ ଆଚ୍ଛାଦିତ କରୁଛି।

୧ ଜାନୁଆରୀରୁ ୧୫ ସେପ୍ଟେମ୍ବର ୨୦୨୬ ମଧ୍ୟରେ ପୂର୍ବ ତଟ ରେଳପଥର ରେଳ ସୁରକ୍ଷା ବଳ ପକ୍ଷରୁ ମୋଟ ୩,୦୩୩ଟି ଡ୍ରୋନ୍ ଉଡ଼ାଣ (ସର୍ଟି) ପରିଚାଳନା କରାଯାଇଥିଲା। ଏଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୬୮୦ଟି, ରାୟଗଡ଼ା ମଣ୍ଡଳରେ ୧,୦୨୪ଟି ଏବଂ ସମ୍ବଲପୁର ମଣ୍ଡଳରେ ୧,୩୨୯ଟି ସର୍ଟି କରାଯାଇଥିଲା। ଏଥିମଧ୍ୟରୁ ୧,୨୬୫ଟି ରେଡ୍ କୋଡେଡ୍ ସର୍ଟି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କାର୍ଯ୍ୟକଳାପ ଉପରେ କେନ୍ଦ୍ରିତ ଥିଲା। ଏହା ମଧ୍ୟରେ ବିଧ୍ୱଂସାତ୍ମକ କାର୍ଯ୍ୟ ଓ ପଥର ଫିଙ୍ଗିବା ନିବାରଣ, କେବୁଲ୍ ଚୋରି ଚିହ୍ନଟ ଏବଂ ଅଗ୍ନି ନିରାପତ୍ତା ତଦାରଖ ଆଦି ଅନ୍ତର୍ଭୁକ୍ତ ଥିଲା। ନାଇଟ୍ ଭିଜନ୍ ଓ ଥର୍ମାଲ୍ କ୍ୟାମେରା ସହିତ ସଜ୍ଜିତ ଏହି ଡ୍ରୋନ୍ଗୁଡ଼ିକ ଜଙ୍ଗଲ, ପାହାଡ଼ିଆ ଅଞ୍ଚଳ, ସୁଡ଼ଙ୍ଗ (ଟନେଲ୍), ପୋଲ (ବ୍ରିଜ୍) ଏବଂ ନିର୍ଜନ ରେଳପଥ—ବିଶେଷକରି କୋରାପୁଟ–ରାୟଗଡ଼ା–କିରଣ୍ଡୁଲ୍ ଲାଇନ୍ରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଛନ୍ତି। ଏଗୁଡ଼ିକ ରେଳ ଷ୍ଟେସନ୍, କୋଚିଂ ୟାର୍ଡ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକ ଉପରେ ନଜର ରଖିବା, ବେଆଇନ ଅନୁପ୍ରବେଶ, ଚୋରି ଏବଂ ଜବରଦଖଲ ଚିହ୍ନଟ କରିବା ସହିତ ତଦନ୍ତ ଓ ବିପର୍ଯ୍ୟୟ ପରିଚାଳନାରେ ସହାୟତା କରୁଛନ୍ତି।"

ପୁରୀରେ ରଥଯାତ୍ରା ୨୦୨୬ ସମୟରେ ଭିଡ଼ ପରିଚାଳନା କ୍ଷେତ୍ରରେ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହା ମହିଳା ଯାତ୍ରୀଙ୍କ ସୁରକ୍ଷା ପାଇଁ 'ମେରି ସହେଲୀ' ପଦକ୍ଷେପ, ସ୍ୱଚ୍ଛତା ଅଭିଯାନ, ପରିବେଶ ସୁରକ୍ଷା ଏବଂ ସମ୍ବେଦନଶୀଳ ରେଳ ସମ୍ପତ୍ତିର ନିରୀକ୍ଷଣରେ ମଧ୍ୟ ସହାୟତା କରୁଛି। ଲାଇଭ୍ ସରଭେଲାନ୍ସ (ସିଧାସଳଖ ନଜର) ଓ ଅଡିଓ ଚେତାବନୀ ମାଧ୍ୟମରେ ଅନଧିକୃତ ଭାବେ ରେଳ ଧାରଣା ଅତିକ୍ରମ କରିବା ଏବଂ ପଥରମାଡ଼ ଭଳି ଘଟଣାକୁ ରୋକିବାରେ ସାହାଯ୍ୟ କରୁଛି। ଗୋଟିଏ ଡ୍ରୋନ୍ ଟିମ୍ ପ୍ରାୟ ୮ରୁ ୧୦ କିଲୋମିଟର ରେଳପଥକୁ ପ୍ରଭାବଶାଳୀ ଭାବେ ନିରୀକ୍ଷଣ କରିପାରୁଛି। ଏହାଦ୍ୱାରା ବ୍ୟାପକ ଅଞ୍ଚଳରେ ସୁରକ୍ଷା ନିରୀକ୍ଷଣ ସମ୍ଭବ ହେବା ସହ ସୁରକ୍ଷା କର୍ମଚାରୀଙ୍କୁ ଅଧିକ ଦକ୍ଷତାର ସହ ନିୟୋଜିତ କରାଯାଇପାରୁଛି। ମାର୍ଚ୍ଚ ୨୦୨୭ ସୁଦ୍ଧା ଡ୍ରୋନ୍ ସଂଖ୍ୟା ୨୨କୁ ବୃଦ୍ଧି କରିବା ଯୋଜନା ମାଧ୍ୟମରେ ପୂର୍ବ ତଟ ରେଳପଥ ପ୍ରଯୁକ୍ତିବିଦ୍ୟା ଆଧାରିତ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ରେଳପଥର ସୁରକ୍ଷା ଓ ଯାତ୍ରୀଙ୍କ ନିରାପତ୍ତା ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି।

# ପୁରୀ ପୋଲିସର ମେଗା ରକ୍ତଦାନ ଶିବିର : ସଂଗ୍ରହ ହେଲା ୧୩୩ ୟୁନିଟ୍ ରକ୍ତ

ପୁରୀ, (ସବ୍ୟୁ): ମାନବ ସେବା ଓ ଅମୂଲ୍ୟ ଜୀବନ ରକ୍ଷା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ପୁରୀ ସଦ୍ଭାବନା ଗୃହଠାରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ପୋଲିସ କର୍ମଚାରୀଙ୍କ ସମେତ ବହୁ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରୁ ମୋଟ ୧୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ଏସ୍ପି ପ୍ରତୀକ ସିଂ, ଡିଏସ୍ପି ସିଟି ରଶ୍ମି ରଞ୍ଜନ ମହାପାତ୍ର, ଏସି ଏଚ୍ଜି ଏଲ୍. ବିଜୟରତ୍ନମ୍ଙ୍କ ସମେତ ସିଟି ସବ୍ଡିଭିଜନ୍ର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ। ରକ୍ତଦାନ ଏକ ମହତ୍



ମାନବୀୟ କାର୍ଯ୍ୟ। ଜଣେ ବ୍ୟକ୍ତିଙ୍କ ରକ୍ତଦାନ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ। ଏହି ମହତ୍ ଉଦ୍ୟମରେ ସାମିଲ ହୋଇ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ପୁରୀ ପୋଲିସ ପକ୍ଷରୁ କୃତଜ୍ଞତା ଜଣାଯାଇଛି। ଏଥିସହ ଜନସାଧାରଣଙ୍କୁ ନିୟମିତ ସ୍ୱେଚ୍ଛାକୃତ ରକ୍ତଦାନ କରି ମାନବ ସେବାର ଏହି ମହାନ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

# ଛୁଟି ଦିନରେ ଏମକେସିଜିରେ ରୋଗୀ ସେବା ବିପର୍ଯ୍ୟସ୍ତ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜ ଓ ହସପିଟାଲ ଉପରେ ଚିକିତ୍ସା ନିମନ୍ତେ ଜନସାଧାରଣ ନିର୍ଭର କରୁଥିବା ବେଳେ ସରକାରୀ ଛୁଟି ଓ ରବିବାର ଦିନ ଏମକେସିଜି ମେଡିକାଲ କଲେଜ ହସ୍ପିଟାଲରେ ରୋଗୀ ସେବା ଗୁରୁତର ସମସ୍ୟା ସୃଷ୍ଟି କରିଛି ବୋଲି ଅଭିଯୋଗ ହୋଇଛି ।

ରବିବାର ପୂର୍ବାହ୍ନ ୧୧ଟାରେ ଏକ ସାଙ୍ଗଠନିକ ଅନୁଷ୍ଠାନ ହସ୍ପିଟାଲ ପରିଦର୍ଶନ ବେଳେ ଡାକ୍ତରଙ୍କ ଅନୁପସ୍ଥିତି ଓ ଜରୁରୀ ପରୀକ୍ଷା ନେଇ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଯକ୍ଷ୍ମା ଓ ଛାତି ବିଭାଗ, ଫିଜିଓଥେରାପି ଭଳି ଦୈନନ୍ଦିନ ଆବଶ୍ୟକ ସେବା ବିଭାଗରେ ତାଲା ଝୁଲୁଥିବାରୁ ଦୂରଦୂରାନ୍ତରୁ ଆସିଥିବା ଗରିବ ଅସହାୟ ରୋଗୀମାନେ ଅଧିକ ଦୁର୍ଦ୍ଦଶା ଭୋଗୁଥିବା ଦେଖିବାକୁ ମିଳିଥିଲା, ଏତଦ ବ୍ୟତୀତ ବହିଃ ବିଭାଗରେ ଡ଼ାକ୍ତରଙ୍କ ଡ୍ୟୁଟି ଚାର୍ଟ ସୂଚନା ପ୍ରଦାନ ପାଇଁ ନିୟମ ରହିଥିଲେ ସୁଦ୍ଧା ସମସ୍ତ ବିଭାଗରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ଦୃଷ୍ଟି ଗୋଚର ହୋଇଥିଲା । ସକାଳ ୮ଘଣ୍ଟାରୁ ରୋଗୀ ଦେଖା ଆରମ୍ଭ ନିୟମ ରହିଥିବା ବେଳେ ଅଧିକାଂଶ ଡ଼ାକ୍ତର ପୂର୍ବାହ୍ନ ୧୦ ଘଣ୍ଟ ପରେ ହିଁ ବହିଃ ବିଭାଗକୁ ଆସୁଥିବା ଜଣାପଡିଛି । ଏତଦ ବ୍ୟତୀତ ଅଧିକାଂଶ ସୁପର ସ୍ପେସିଆଲିଷ୍ଟ ବିଭାଗ ବନ୍ଦ ଥିବା ଜଣାପଡିଥିଲା । ସରକାରୀ ହସ୍ପିଟାଲରେ ରୋଗୀ ସେବା ନିରବଚ୍ଛିନ୍ନ ରହିବା ଆବଶ୍ୟକ ।

ସରକାରୀ ଛୁଟି ଦିବସ ଓ ରବିବାର ଆଦି ଦିନରେ କିଛି ବିଭାଗ ଗୁଡିକ ବନ୍ଦ ରହିବାରୁ ବହୁ ରୋଗୀ ହତାଶ ହୋଇ ବିଭିନ୍ନ ଘରୋଇ ହସ୍ପିଟାଲକୁ ଯାଉଥିବା ଜଣାପଡିଥିଲା ।

ତେବେ ଜାଣିଶୁଣି ସରକାରୀ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥାକୁ ଅବହେଳା କରାଯାଉଛି ବୋଲି ମଞ୍ଚ ଅଭିଯୋଗ କରିଛି । ମଞ୍ଚ ପକ୍ଷରୁ ଛୁଟି ଦିନରେ ସ୍ୱତନ୍ତ୍ର ଡ୍ୟୁଟି ରୋଷ୍ଟର ଅନୁଯାୟୀ ଡାକ୍ତର ଜରୁରୀ ସେବା ଯୋଗାଇବା ପାଇଁ ଦାବି କରାଯାଇଛି । ଏହି ସମସ୍ୟାର ସମାଧାନ ପାଇଁ ଖୁବଶୀଘ୍ର ମେଡ଼ିକାଲ ଅଧୀକ୍ଷକ, ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଠାରେ ମଞ୍ଚ ପକ୍ଷରୁ ଦାବି କରାଯିବ ବୋଲି ମଞ୍ଚ ଆବାହକ ଆଇନଜୀବି ଅବନୀ ଗୟା ପ୍ରକାଶ କରିଛନ୍ତି ।

ଅନୁଧ୍ୟାନ ବେଳେ ମଞ୍ଚ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ,ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା,ସମ୍ପାଦକ ଗୁଣନିଧି ବେହେରା, ଯୁବ ନେତା ମନୋଜ କୁମାର ତରାଇ, ହୃଷୀକେଶ ପାତ୍ର, ପ୍ରଶାନ୍ତ କୁମାର ପଣ୍ଡା, ହୃଷୀକେଶ ପାତ୍ର ଓ ଆପ ର ଆଦିତ୍ୟ ନାରାୟଣ ରଥ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଆରମ୍ଭ ହେଲା ଶାରଦୀୟ ନବରାତ୍ରୀ ପୂଜା



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହର କମାପଲ୍ଲୀ,ଗିରି ମାର୍କେଟ, ବିଜିପୁର, ପୁରୁଣା ବସଷ୍ଟାଣ୍ଡ, ନେହେରୁ ପାର୍କ, କୋର୍ଟ ପେଟା ଛକ ଓ ଗିରିଜା ଛକ ଠାରେ ଦୁର୍ଗତୀ ନାସୀନି ମା ଦୁର୍ଗାଙ୍କ ଆସ୍ଥା, ବିଶ୍ୱାସ, ଐତିହ୍ୟ ଓ ଆଧ୍ୟାତ୍ମିକ ପରମ୍ପରାର ମଧ୍ୟରେ ଶାରଦୀୟ ନବରାତ୍ରି ରବିବାର ଠାରୁ ଆରମ୍ଭ ହୋଇ ଯାଇଛି । ଶାରଦୀୟ ନବରାତ୍ର ପୂଜାକୁ ନେଇ ସହର ର ସମସ୍ତ ପୂଜା ମଣ୍ଡପ ଗୁଡିକରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ତୋରଣ ଓ ଆଲୋକ ମାଳାରେ ସୁସଜ୍ଜିତ କରି ଝଲସି ଉଠୁଛି ଅଞ୍ଚଳ ।

ସମସ୍ତ ପୂଜା ମଣ୍ଡପରେ ଧୂପ, ଦୀପ ନୈବେଦ୍ୟ ଫୁଲ ଚନ୍ଦନ ସିନ୍ଦୂର, ଝୁଣା ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେଉଛି ଅଞ୍ଚଳ । ରବିବାର ଅର୍ଥାତ ଅକ୍ଟୋବର ୧୧ ତାରିଖ ରବିବାର ଠାରୁ ମା'ଙ୍କ ନବରାତ୍ର ପୂଜା ଆରମ୍ଭ ହୋଇ ୨୦ ତାରିଖ ବିଜୟାଦଶମୀ ପର୍ଯ୍ୟନ୍ତ ଚାଲିବ । ସହର ଏବେ ଚଳଚଞ୍ଚଳ ହୋଇ ଉଠିଛି । ଏହି ଅବସରରେ ପୂଜା ନିମନ୍ତେ ଶଙ୍ଖ ଢୋଲ ମହୁରୀ ଧରି ଭକ୍ତ ମାନଙ୍କ ପକ୍ଷରୁ କଳସ ଯାତ୍ରା ଅନୁଷ୍ଠିତ ହୋଇ ଥିଲା । ପରେ ମହାସ୍ନାନ, ସପ୍ତତନ୍ତ୍ର ମହାପୂଜା, ଚଣ୍ଡୀପାଠ, ହୋମଯଜ୍ଞ,ବେଲ ପତ୍ର ପୁଷ୍ପ ଅର୍ଚ୍ଚନା, ୧୦୮ ଆଳତି ଭଳି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ଆରମ୍ଭ ହୋଇ ଯାଇଛି । ମା' ପ୍ରଥମ ଦିନରେ ଶୈଳପୁତ୍ରୀ ଭାବେ ଆରାଧନା କରାଯାଇ ପୂଜା ଅର୍ଚ୍ଚନା କରାଯାଉଛି ।

# ବରିଷ୍ଠ ନାଗରିକଙ୍କୁ ସରକାରଙ୍କ ତୀର୍ଥଦର୍ଶନ ଭେଟି

## ୧୯୬ ତୀର୍ଥଯାତ୍ରୀଙ୍କ ବାରାଣସୀ, ଅଯୋଧ୍ୟା ଯାତ୍ରା ଆରମ୍ଭ



ବାରିପଦା, (ସବ୍ୟୁ): ରାଜ୍ୟ ସରକାରଙ୍କ "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧୀନରେ ମୟୂରଭଞ୍ଜ ଜିଲ୍ଲାର ୧୯୬ଜଣ ବରିଷ୍ଠ ନାଗରିକ ବାରାଣସୀ ଓ ଅଯୋଧ୍ୟା ତୀର୍ଥଯାତ୍ରାରେ ବାହାରିଛନ୍ତି ।

ଏହି ଅବସରରେ ବାରିପଦା ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଗୁଡ଼ିକୁ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ପାଞ୍ଚଟି ବସ୍ ଯୋଗେ ତୀର୍ଥଯାତ୍ରୀମାନେ ବାରିପଦାରୁ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଅକ୍ଟୋବର ୧୨ତାରିଖରେ ବାଲେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେମାନେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିବେ । ଏହି ତୀର୍ଥଯାତ୍ରା ସମୟରେ ଯାତ୍ରୀମାନେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲଲାଙ୍କ ଦର୍ଶନ କରିବା ସହ ବିଭିନ୍ନ ଧାର୍ମିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବାର ସୁଯୋଗ ପାଇବେ । ତୀର୍ଥଯାତ୍ରୀମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଯାତ୍ରାକାଳୀନ ସୁବିଧାକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି । ଯାତ୍ରା ପୂର୍ବରୁ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଥିଲା । ଯାତ୍ରା ସମୟରେ ତୀର୍ଥଯାତ୍ରୀଙ୍କ ଯନି ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଛଅ ଜଣ ଏସ୍କର୍ଟ ଅଧିକାରୀ ମଧ୍ୟ ସେମାନଙ୍କ ସହ ଯାତ୍ରା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ହିମାଂଶୁ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ପିପୁଲ୍ସ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁଗୁଡ଼ା ,(ସବ୍ୟୁ) :ସ୍ଥାନୀୟ ପିପୁଲ୍ସକଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସଭାଗୃହରେ ନବାଗତ ଛାତ୍ରଛାତ୍ରୀଙ୍କୁ ସାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଭଗବାନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରତୀକ୍ଷା ସାହୁ, ଅଧ୍ୟାପିକା କ୍ରିଷ୍ଣା କୁମାରୀ ବର୍ଗେ ଓ ମଧୁସ୍ମିତା ପ୍ରଧାନ , ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ପ୍ରମୁଖ ମଞ୍ଚାସୀନ ରହିଥିଲେ ।

ଏ ଅବସରରେ ନବାଗତ ଛାତ୍ରଛାତ୍ରୀମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ ଏବଂ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ନବାଗତଙ୍କୁ ଉପହାର ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ ନିଜ ଡିପାର୍ଟମେଣ୍ଟ ଓ କଲେଜର ଅନୁଶାସନ ମାନି ଚଳିବାକୁ ପରାମର୍ଶ ଦେଇଥିଲେ ।

ଏଥି ସହ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବିଭାଗୀୟ ଅଧ୍ୟାପନାକାରୀମାନେ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀ ଶ୍ୱେତାଙ୍ଗନା ଖାଡଙ୍ଗା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଛାତ୍ର ଚନ୍ଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ ବିଏରର ଯତନ ନାୟକ ସକ୍ରିୟ ସହଯୋଗ କରିଥିଲେ ।

# ହତ୍ୟା ଉଦ୍ୟମ: ମହିଳା ସମେତ ୩ ଗିରଫ

ଆସିକା, (ସବ୍ୟୁ): ଆସିକା ଥାନା ଅନ୍ତର୍ଗତ ମେଡ଼ିକାଲ ଛକରେ ଶନିବାରି ଅପରାହ୍ନରେ ଘରୋଇ ବସ କଣ୍ଡକଟର ରାଜା ଓରଫ ରାମେଶ୍ୱର ଭୂୟାଁ (୨୩) କୁ ହତ୍ୟା ଉଦ୍ୟମ ଘଟଣାରେ ଆସିକା ଥାନାରେ ଏକ ମାମଲା ୬୦୨/୨୬ ରୁଜୁ ହୋଇଛି । ଏହି ଘଟଣା ରେ ୨୪ ଘଣ୍ଟା ମଧ୍ୟରେ ପୋଲିସ ଜଣେ ମହିଳା ଝଗଡେଇ ଗ୍ରାମର ସୁନିତା ବେହେରାକୁ ଆସିକାରୁ ଏବଂ ଦେବଭୂମି ଗ୍ରାମର ମିଟୁ ଓରଫ ବିଦ୍ୟାଧର ଓ ବଳିଆ ଓରଫ ବଳରାମ ବେହେରାକୁ କମାଗଡ଼ ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆସିକା ଏସ ଡି ପି ଓ ସୌରଭ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ତଦନ୍ତକାରୀ ଅଧିକାରୀ କୈଳାସ ସାହୁ ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ସମେତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସାମିଲ ଥିବା ପୋଲିସ ଟିମ ଉପସ୍ଥିତ ଥିଲେ । ପୋଲିସ ଏହି ଘଟଣାରେ ହତ୍ୟାରେ ବ୍ୟବହୃତ ବୁଲେଟ ଗୋଟିଏ କାତି ଗୋଟିଏ ଦାଆ ଅଭିଯୁକ୍ତର ରକ୍ତଭିଜା କପଡା ଜବତ କରିଛି ।

ପୋଲିସ ସୂଚନା ପ୍ରକାରେ ରାଜା ଭୂୟାଁ ଓ ଝଗଡେଇ ଗ୍ରାମର ଜଣେ ଯୁବତୀ ଙ୍କ ସହିତ ପ୍ରେମ ହେବା ପରେ ଯୁବତୀ ଜଣକ ରାଜା ସହିତ ଘର ଛାଡ଼ି ସୋରଡ଼ା ରେ ଏକ ଭଡାଘରେ ରହୁଥିଲେ । ଏଥି ନେଇ ଯୁବତୀର ପରିବାର ଲୋକ ଆସିକା ଥାନାରେ ଗତ ଅଗଷ୍ଟ ମାସରେ ଅଭିଯୋଗ କରିବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଯୁବତୀଙ୍କୁ ଆଣି ପରିବାର ଲୋକଙ୍କ ଜିମା ଦେଇଥିଲେ । ତାର ପର ଦିନ ପୁଣି ଯୁବତୀ ଜଣକ ରାଜା ପାଖକୁ ଚାଲି ଯାଇଥିଲା । ଏଥି ନେଇ ପୁଣି ଥରେ ଝିଅର ପରିବାର ଲୋକେ ଆସିକା ଥାନାରେ ଅଭିଯୋଗ କରିଥିଲେ ।

ଏହି ଘଟଣା ପରେ ଝିଅ ପରିବାର ଲୋକ ଝିଅକୁ ପ୍ରେମ କରୁଥିବା ଦେବଭୂମି ଗ୍ରାମ ର ମିଟୁ ଓରଫ ବିଦ୍ୟାଧର ସହିତ ଠିକ କରିଥିଲେ ।ବାରମ୍ବାର ସୋରଡ଼ାରୁ ଝିଅକୁ ଫେରାଇ ଆଣି ଅନ୍ୟ ଯୁବକ ମିଟୁ ସହିତ ବିବାହ ପାଇଁ ଯୋଜନା କରିଥିଲେ । ଏହା ପରେ ସୁନିତା ବେହେରା ମିଟୁ ଓରଫ ବିଦ୍ୟାଧର ବେହେରା ବଳିଆ ଓରଫ ବଳରାମ ବେହେରା ମିଳିତ ଭାବେ ଯୋଜନା କରି ରାଜାକୁ ପିଛା କରି ହତ୍ୟା ଉଦ୍ୟମ କରିଥିବା ଏସ ଡି ପି ଓ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ରାଜାର ଅବସ୍ଥା ଏବେ ସ୍ଥିର ଥିବା କହିଛନ୍ତି ।

# ପିସିପୁର ବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକାର ୧୫ନମ୍ବର ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଖିଳ ଉକଳ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ କଲ୍ୟାଣ ସଂଘ, ଓଡ଼ିଶା ଆନୁକୂଲ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାକୁ ନେଇ ଆୟୋଜିତ ଏହି କୁଇଜ୍ ପ୍ରତିଯୋଗିତାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ୩୦ଜଣ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ସପ୍ତମ ଶ୍ରେଣୀର ସଞ୍ଜୟ କୁମାର ବେହେରା ପ୍ରଥମ, ଅଷ୍ଟମ ଶ୍ରେଣୀର ବଡ଼ ନାଏକ ଦ୍ୱିତୀୟ ଏବଂ ଅଷ୍ଟମ ଶ୍ରେଣୀର ଜିତୁ ହାଁସଦାଃ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈବଲ୍ୟ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଜେ୍ୟାତିଷି ଏବଂ ବିଦ୍ୟାଳୟର କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ ଓ ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ଇତିହାସ, ଐତିହ୍ୟ ଓ ଭୌଗୋଳିକ ଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି କରିବାର ଉଦ୍ୟମ କରାଯାଇଥିଲା ।

# ଓଷ୍ଟାର ସାଙ୍ଗଠନିକ ବୈଠକ




ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ଠାରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସାଙ୍ଗଠନିକ ବୈଠକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ପ୍ରଫେସର କୃତ୍ତିବାସ ବିଶ୍ୱାଳ, ଅତିଥିଭାବେ ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ପ୍ରଧାନ,ସମ୍ପାଦକ ରାମଚନ୍ଦ୍ର ପୋଲାଇ,ବ୍ଲକ ସଭାପତି ଉମାକାନ୍ତ ନାହାକ, ଆଲୋଷ୍ଟଙ୍କ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଜିଲ୍ଲା କାର୍ଯ୍ୟକାରୀ ସଭାପତି କେଦାରନାଥ ପଟ୍ଟନାୟକ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ, ସମାଜସେବୀ ଶୁଳପାଣି ଶତପଥୀ,ବ୍ଲକ ସମ୍ପାଦକ ସତ୍ୟବାନ ସାହୁ, ଅମର ବିଳାସ ବେହେରା, ରାଜ କୁମାର ସାହୁ ମଂଚାସୀନ ହୋଇ ଓଷ୍ଟା ସଂଗଠନରେ ଗଞ୍ଜାମର ଭୂମିକା ସହ ଶିଶୁଉତ୍ସବ, ସଭ୍ୟଚାନ୍ଦା, ମେଧାବୃତ୍ତି ପରୀକ୍ଷା ଉପରେ ବକ୍ତବ୍ୟ ରଖି ସଂଘର ଉପାଦେୟତା ସମ୍ପର୍କିତ ବକ୍ତବ୍ୟ ରଖିଥିଲେ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପିତାମ୍ବର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷୟିତ୍ରୀ ରିତାରାଣୀ ସାହୁ ପ୍ରାରମ୍ଭିକ ସଂଗୀତ ଗାନକରିଥିଲେ । ଏଥିରେ ସାତଟି ବ୍ଲକରୁ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷକର୍ମଚାରୀ ଉପସ୍ଥିତ ଥିଲେ । ଆଗାମୀ ରାଜ୍ୟ ସାମ୍ବିଧାନିକ ସମ୍ମିଳନୀ ଭଞ୍ଜନଗର ଠାରେ କରାଯିବା ପାଇଁ ପ୍ରସ୍ତାବ ପରେ ଜିଲ୍ଲା ଶିଶୁଉତ୍ସବ ମଧ୍ୟ କରାଯିବା ପାଇଁ ପ୍ରସ୍ତାବ ରଖା ଯାଇଥିଲା । ଶେଷରେ ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜନ୍ତର ମନ୍ତରରେ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଦମନର ପ୍ରତିବାଦ

ବାରିପଦା, (ସବ୍ୟୁ) : ଦିଲ୍ଲୀର ଜନ୍ତର ମନ୍ତରଠାରେ ଆନ୍ଦୋଳନରତ ଯୁବ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ଓ ଗିରଫଦାରୀକୁ ବିରୋଧ କରି ବାରିପଦା ବସ୍‌ଷ୍ଟାଣ୍ଡଠାରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସାଥୀ ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବରଖାସ୍ତ କରିବା ଦାବି ସହ ଆନ୍ଦୋଳନକାରୀଙ୍କ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ତୀବ୍ର ବିରୋଧ କରାଯାଇଥିଲା । ବକ୍ତାମାନଙ୍କ ଅଭିଯୋଗ ଅନୁଯାୟୀ, ଆନ୍ଦୋଳନକୁ ବିଫଳ କରିବା ପାଇଁ ଦିଲ୍ଲୀରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଯାତ୍ରାପଥରେ ଏବଂ ବିଭିନ୍ନ ସ୍ଥାନରୁ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିବା ସେମାନେ କହିଥିଲେ । ଗୋଟିଏ ଦିନରେ ୧୭୦୦ରୁ ଅଧିକ ଲୋକଙ୍କ ଗିରଫଦାରୀ ହୋଇଥିବା ଦାବି କରି ବକ୍ତାମାନେ ଏହାକୁ ଗଣତାନ୍ତ୍ରିକ ଅଧିକାରର ଉଲ୍ଲଂଘନ ବୋଲି ଅଭିହିତ କରିଥିଲେ । ସେମାନେ ଆହୁରି କହିଥିଲେ ଯେ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନର ଅଧିକାରକୁ ସମ୍ମାନ ଦେବା ଆବଶ୍ୟକ । ଇଣ୍ଡିଆ ମେଣ୍ଟ ପକ୍ଷରୁ ଏହି ପୋଲିସ କାର୍ଯ୍ୟାନୁଷ୍ଠାନକୁ ଦୃଢ଼ ନିନ୍ଦା କରାଯିବା ସହ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଦାବି କରାଯାଇଥିଲା । ଏହି ପ୍ରତିବାଦ ସଭାରେ ସିପିଆଇର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ପରମେଶ୍ୱର ମହାନ୍ତ, ସିପିଏମ୍‌ର ରବି ଗୋସ୍ୱାମୀ, କଂଗ୍ରେସର ଶାନ୍ତନୁ ପାଲ୍, ସୁନୀତା ନାୟକ ଓ ଶିବାନନ୍ଦ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ଅଶୋକ ଭଞ୍ଜଦେଓ, ଗଙ୍ଗାଧର ସାମଲ, ସୁବାସ ଚନ୍ଦ୍ର ତ୍ରିପାଠୀ, ଦାଶରଥି ରାଉତ, ବସନ୍ତ କୁମାର ନାଏକ, ଶ୍ରୀକାନ୍ତ ମହାନ୍ତ, ବିଜୟ ମହାନ୍ତ, ତରୁଣ କୁମାର ମହାନ୍ତ ଓ ମୁକେଶ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସୁବାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଣ୍ଡା ଯୁବ ସଂଗଠନର ସ୍ୱାଗତ ସମାରୋହ




ବାରିପଦା, (ସବ୍ୟୁ) : ମୁଣ୍ଡା ଯୁବ ସଂଗଠନ ପକ୍ଷରୁ ବାରିପଦାସ୍ଥିତ ସହିଦ ସ୍ମୃତି ଭବନଠାରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମୁଣ୍ଡା ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱାଗତ ସମାରୋହ ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବସନ୍ତ ପାହାନ ପାରମ୍ପରିକ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ଶିବନାଥ ସିଂ ମାରାଙ୍ଗ ଗୋମକେ ଜୟପାଲ ସିଂ ମୁଣ୍ଡା ଓ ଧରତି ଆବା ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ରାଜଲକ୍ଷ୍ମୀ ସିଂ, କ୍ଷେତ୍ରିମଣି ସିଂ ଓ ରବି ସିଂ ଶିକ୍ଷା, ସାମାଜିକ ସଚେତନତା ଏବଂ ମୁଣ୍ଡା ସମାଜର ଭାଷା, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ମତ ରଖିଥିଲେ । ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ସିଂ ସଭା ପରିଚାଳନା କରିଥିଲେ ।

ମୁଖ୍ୟଅତିଥି ଭାବେ ମଦନ ସିଂ ଏବଂ ମୁଖ୍ୟବକ୍ତା ଭାବେ ଇଶ୍ୱର ଚନ୍ଦ୍ର ସିଂ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଫକୀର ସିଂ, ସନ୍ତୋଷ କୁମାର ସିଂ, ଆରତୀ ସିଂ, ଅନାମ ସିଂ ଓ ବୁଧୁ ସିଂ ଉପସ୍ଥିତ ଥିଲେ । ନିକଟରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ବୁଧୁ ସିଂଙ୍କୁ ନେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା । ଏହି ଅବସରରେ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ସହ ସାଂସ୍କୃତିକ ନୃତ୍ୟ ପରିବେଷଣ ହୋଇଥିଲା । ସଂଗଠନର ସଭାପତି ଫକୀର ମୋହନ ସିଂ, ସମ୍ପାଦକ ରାଜେଶ କୁମାର ସିଂ, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ସିଂ, କୋଷାଧ୍ୟକ୍ଷ ଅଜିତ କୁମାର ସିଂଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାବିତ୍ରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଘଛାଲ କାରବାର ଘଟଣାରେ ୪ ଗିରଫ

ପାରଳାଖେମୁଣ୍ଡି,(ସବ୍ୟୁ): କଲରାପତରିଆ ବାଘଛାଲ କାରବାର ଘଟଣାରେ ବନ ବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଗଜପତି ଜିଲା ମୋହନା ବନାଞ୍ଚଳ ପାଣିଗଣ୍ଡା ବିଟ ତୁଳସୀ ନଗରରୁ ବେଆଇନ ଭାବେ ବାଘଛାଲ କାରବାର ସମୟରେ ବନ ବିଭାଗ ଚଢ଼ାଉ କରି ବାଘଛାଲ ଜବତ କରି ଏହି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ପାଣିଗଣ୍ଡା ଗାଁର ତ୍ରିଲୋଚନ ପାତ୍ର (୩୫ ) ଓ କନ୍ଧମାଳ ଜିଲା ଦାସିଙ୍ଗବାଡ଼ି ଗାଁର ବିଜୟାନନ୍ଦ ନାୟକ (୨୩), ଜଗା ମଲ୍ଲିକ (୩୬) ଦୀପକ ନାୟକ (୨୫) । ଗିରଫ ଅଭିଯୁକ୍ତଙ୍କଠାରୁ ବାଘଛାଲ ସହ ଦୁଇଟି ମୋଟରସାଇକେଲ, ତିନୋଟି ମୋବାଇଲ ଜବତ କରିଛି ବନ ବିଭାଗ । ସେପଟେ ପାରଳାଖେମୁଣ୍ଡି ବନଖଣ୍ଡ ଅଧୀନରେ ଗୋଟିଏ ବାଘଛାଲ ଜବତ ଘଟଣାରେ ଗତକାଲି ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଆଜି ମୋହନା ବନାଞ୍ଚଳ ପକ୍ଷରୁ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ତେବେ ଏହି ବାଘଛାଲ କୋଉଠୁ ଆସିଲା ଏବଂ କେବେଠାରୁ ଏହି ରାକେଟ କାମ କରୁଛି ବନ ବିଭାଗର ଅଧିକା ତଦନ୍ତ ପରେ

# ମୟୂରଭଞ୍ଜର ଗର୍ବ ପାର୍ବତୀଙ୍କୁ ପୁଣି ଭାରତୀୟ ଦଳରେ ସୁଯୋଗ




ବାରିପଦା, (ସବ୍ୟୁ) : ଗ୍ରାମାଞ୍ଚଳର ମାଟିରୁ ନିଜ କ୍ରୀଡ଼ା ଜୀବନ ଆରମ୍ଭ କରି ଭାରତୀୟ ଜର୍ସି ପିନ୍ଧି ଅନ୍ତର୍ଜାତୀୟ ମଞ୍ଚରେ ପ୍ରତିଭାର ପରିଚୟ ଦେଇଥିବା ମୟୂରଭଞ୍ଜର ଝିଅ ପାର୍ବତୀ ହାଁସଦା ପୁଣି ଥରେ ଭାରତୀୟ ମହିଳା ରଗ୍‌ବୀ ଦଳରେ ସ୍ଥାନ ପାଇଛନ୍ତି । ଶ୍ରୀଲଙ୍କାର କଲମ୍ବୋଠାରେ ଅକ୍ଟୋବର ୧୭ ଓ ୧୮ ତାରିଖରେ ହେବାକୁ ଥିବା ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜ୍-୨୦୨୬ର ଦ୍ୱିତୀୟ ପର୍ଯ୍ୟାୟରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ନିକଟରେ ଜାପାନର ନାଗୋୟାଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସ-୨୦୨୬ରେ ଭାରତୀୟ ମହିଳା ରଗ୍‌ବୀ ଦଳର ସଦସ୍ୟା ଭାବେ ଦେଶକୁ ପ୍ରତିନିଧିତ୍ୱ କରିଥିବା ପାର୍ବତୀଙ୍କ ଏହି ସଫଳତା ମୟୂରଭଞ୍ଜ ଜିଲ୍ଲା ସମେତ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ।

ପାର୍ବତୀଙ୍କ କ୍ରୀଡ଼ା ଜୀବନ ସଂଘର୍ଷ, ଅଧ୍ୟବସାୟ ଓ ସଫଳତାର ଏକ ପ୍ରେରଣାଦାୟକ କାହାଣୀ । ୨୦୨୨ ମସିହାରେ ଏସିଆ ରଗ୍‌ବୀ ଅଣ୍ଡର-୧୮ ଓ ଅଣ୍ଡର-୨୦ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଖେଳି ସେ ଦୁଇଟି ରୌପ୍ୟପଦକ ହାସଲ କରିଥିଲେ । ଏହାବ୍ୟତୀତ ୨୦୨୨ ଜାତୀୟ କ୍ରୀଡ଼ା, ୨୦୨୩ ଜାତୀୟ ଚାମ୍ପିୟନସିପ୍, ୨୦୨୫ ଜାତୀୟ କ୍ରୀଡ଼ା ଏବଂ ୨୦୨୬ ସିନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିୟନସିପ୍‌ରେ ଓଡ଼ିଶା ଦଳର ସ୍ୱର୍ଣ୍ଣପଦକ ବିଜୟରେ ସେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି ।

କାସା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟରେ ଦଳର ଅଧିନାୟିକା ଭାବେ ଦାୟିତ୍ୱ ତୁଲାଇ ସେ ନିଜର ନେତୃତ୍ୱ ଦକ୍ଷତାର ପରିଚୟ ଦେଇଛନ୍ତି । ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରେ ପ୍ରଶିକ୍ଷଣ ଓ ସହଯୋଗ ପାଇ ନିଜ ପ୍ରତିଭାକୁ ଶାଣିତ କରିଥିବା ପାର୍ବତୀଙ୍କ ସଫଳତା ପ୍ରମାଣ କରୁଛି ଯେ ଉପଯୁକ୍ତ ସୁଯୋଗ, ନିଷ୍ଠା ଓ କଠିନ ପରିଶ୍ରମ ମିଳିଲେ ଗ୍ରାମାଞ୍ଚଳର ପ୍ରତିଭାମାନେ ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିବା ସହ ଦେଶ ପାଇଁ ଗୌରବ ଆଣିପାରିବେ ।

ପାର୍ବତୀଙ୍କ ଏହି ଅସାଧାରଣ ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ବିଜୟ କୁମାର ଦାସ, ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ ଓ ମଙ୍ଗଲ ହାଁସଦାଃ, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ ଓ ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଏବଂ ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର ଓ ଅଜିତ କୁମାର ହାଁସଦା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ମୟୂରଭଞ୍ଜ ଜିଲ୍ଲା ରଗ୍‌ବୀ ସଂଘ, ଓଡ଼ିଶା ରଗ୍‌ବୀ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗ ପାଇଁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି ।

### ନୀଳକଣ୍ଠପୁରରେ ବୀର ବାଜି ରାଉତଙ୍କ ୮୯ତମ ଶ୍ରାଦ୍ଧବାର୍ଷିକୀ

# ଷ୍ଟାଚ୍ୟୁ ଅଫ ୟୁନିଟ୍ ଢାଞ୍ଚାରେ ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ ହେବ : ମନ୍ତ୍ରୀ କୃଷ୍ଣଚନ୍ଦ୍ର



ଭୁବନ/ ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁରଠାରେ ଅମର ସହିଦ ବୀର ବାଜି ରାଉତଙ୍କ ୮୯ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରାହ୍ମଣୀ ନଦୀକୂଳରେ ତିଳତର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ବୀର ବାଜି ରାଉତଙ୍କୁ ଗାର୍ଡ ଅଫ ଅନର୍ ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ ଏବଂ ବାଜି ରାଉତ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ, ଗଁଦିଆ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ରିନାରାଣୀ ଖଟୁଆ ଏବଂ ବାଜି ରାଉତ ସ୍ମୃତି ପରିଷଦର ସଭାପତି କୋଦଣ୍ଡଧର ସାହୁ ପ୍ରମୁଖ ଉପସ୍ଥିତ ରହି ବୀର ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଭାରେ ଉଦ୍ବୋଧନ ଦେଇ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ –ବୀର ବାଜି ରାଉତଙ୍କ ଅମର ଗାଥା ଓ ବଳିଦାନର ଗୌରବମୟ ଇତିହାସକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଏଥିସହ ବ୍ରାହ୍ମଣୀ ନଦୀକୂଳରେ ବାଜି ରାଉତଙ୍କ ଏକ ବିଶାଳ ଓ ଆକର୍ଷଣୀୟ ପ୍ରତିମୂର୍ତ୍ତି ନିର୍ମାଣକରିବା ପାଇଁ ଯୋଜନା ରହିଥିବା ସେ ପ୍ରକାଶ କରିଥିଲେ ।

ଏହି ପ୍ରତିମୂର୍ତ୍ତି ଏକତାର ପ୍ରତୀକ 'ଷ୍ଟାଚ୍ୟୁ ଅଫ ୟୁନିଟି' ଢାଞ୍ଚାରେ ନିର୍ମାଣ କରିବାର ପରିକଳ୍ପନା ରହିଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ନିଜ ବକ୍ତବ୍ୟରେ କହିଥିଲେ –ବାଜି ରାଉତ ସ୍ମୃତି ପୀଠ ନିକଟରେ ଏକ ଆଧୁନିକ ସ୍ମାରକୀ ପରିସର ନିର୍ମାଣ କରିବା ପାଇଁ ନ୍ୟାସନାଲ ବିଲ୍ଡିଂସ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ (ଏନ୍‌ବିସିସି ଇଣ୍ଡିଆ ଲିମିଟେଡ)କୁ ଦାୟିତ୍ୱ ଦିଆଯାଉଛି। ଏହି ସ୍ମାରକୀ ପରିସର ବୀର ବାଜି ରାଉତଙ୍କ ଅମର ସ୍ମୃତିକୁ ସଂରକ୍ଷିତ ରଖିବା ସହ ଭବିଷ୍ୟତ ପିଢ଼ିକୁ ତାଙ୍କ ତ୍ୟାଗ, ସାହସ ଓ ଦେଶପ୍ରେମରୁ ପ୍ରେରଣା ଯୋଗାଇବ । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ନିଜ ବକ୍ତବ୍ୟରେ ବାଜି ରାଉତଙ୍କ ଆଦର୍ଶ ଓ ତାଙ୍କ ବଳିଦାନର ଗାଥାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀନିବାସ ରାଉତ ଧନ୍ୟବାଦ ଅର୍ପଣ କରିଥିବାବେଳେ ସତ୍ୟନାରାୟଣ କର ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଭୁବନ ବିଡିଓ ଶ୍ରୀମତୀ ଆୟୁଷୀ ମହାପାତ୍ର ସକ୍ରିୟ ଭୂମିକା ନିର୍ବାହ କରିଥିଲେ ।

### ବାଇକ୍ ଉଭାନ

## ଯୁବକ ଥାନାର ଦ୍ୱାରସ୍ଥ

ତାଳଚେର, (ସବ୍ୟୁ) : ତାଳଚେର ଥାନା ଅନ୍ତର୍ଗତ ଭୁବନେଶ୍ୱରୀ କୋଇଲା ଖଣିକୁ ବାଇକ ପାର୍କିଂ ସ୍ଥାନରେ ରଖି କାର୍ଯ୍ୟ କରି ଫେରିଲା ବେଳକୁ ବାଇକ ଉଭାନ । ସୂଚନା ମୁତାବକ ତୋଫାନ ବେହେରା (୩୨), ଘର ତାଳଚେର ଟାଉନ ୱାର୍ ନଂ– ୯ ଜାମୁବଣିଆ ସାହି ଗତ ୦୯/୧୦/୨୦୨୬ରିଖ ଦିନ କାର୍ଯ୍ୟ କରିବାକୁ ଭୁବନେଶ୍ୱରୀ ମାଇନ୍ସକୁ ଯାଇଥିଲେ । ସେ ସବୁଦିନ ପରି ସେହି ସ୍ଥାନରେ ବାଇକ ପାର୍କିଂ କରି କାର୍ଯ୍ୟ କରିବାକୁ ଯାଇ ଫେରିଲା ବେଳକୁ ଓ ୧୯– ୪୯୪୮ କଳାରଙ୍ଗର ବାଇକଟି ସେଠାରୁ ଉଭାନ ହୋଇଯାଇଥିଲା ।

ବହୁ ଖୋଜାଖୋଜି କରିବା ପରେ ମଧ ସେ ବାଇକଟି ପାଇନଥିଲେ । ଶେଷରେ ନିରାଶ ହୋଇ ଏନେଇ ସେ ତାଳଚେର ଥାନାର ଦ୍ୱାରସ୍ଥ ହେବା ସହିତ ଏସମ୍ପର୍କରେ ଏକ ଲିଖିତ ଅଭିଯୋଗପତ୍ର ଥାନାରେ ଦେଇଥିଲେ ।

### ପରଜଙ୍ଗ ମହାବିଦ୍ୟାଳୟରେ କର୍ମଚାରୀ ମରୁଡି

# ଶିକ୍ଷାଦାନ ବାଧାପ୍ରାପ୍ତ, ହୋଇପାରୁନି ଅଫିସ କାର୍ଯ୍ୟ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟରେ କର୍ମଚାରୀ ବର୍ଷ ବର୍ଷଧରି ଅଧ୍ୟାପକ ,କର୍ମଚାରୀ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ବେଳେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସର ପରେ ନୂତନ ନିଯୁକ୍ତି ହେଉନଥିବାରୁ ବିଭିନ୍ନ କାର୍ଯ୍ୟା ବାଧାପ୍ରାପ୍ତ ହେଉଛି ।

ପରଜଙ୍ଗ ଅଞ୍ଚଳରେ ସର୍ବପ୍ରଥମେ ୧୯୭୯ ମସିହାରେ ପରଜଙ୍ଗ ମହାବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ସ୍ଥାପନ ହୋଇଥିଲା। ବର୍ତ୍ତମାନ ସରକାରୀ ଅନୁଦାନ ପ୍ରାପ୍ତ ମହବିଦ୍ୟାଳୟ ଭାବରେ ପରିଗଣିତହେବା ସହିତ ୟୁଜିସିଦ୍ୱାରା ମଧ ମାନ୍ୟତା ଲାଭ କରିଛି।ଏହା ପରେ ମଧ ଏ ଅଞ୍ଚଳରେ ବାରିହାପୁର, କୁଆଲୋ, ସାଆନ୍ଦା ମହାବିଦ୍ୟାଳୟ ସ୍ଥାପନ ହୋଇଛି। ପରଜଙ୍ଗରେ ଶିକ୍ଷାଦାନ ଉନ୍ନତ ମାନର ହେଉଥିବାରୁ, ପରଜଙ୍ଗ ମହାବିଦ୍ୟାଳୟରେ ବହୁଳ ପରିମାଣର ଛାତ୍ରଛାତ୍ରୀ ଅଧ୍ୟୟନ କରିଥାଆନ୍ତି । କିନ୍ତୁ ମହାବିଦ୍ୟାଳୟରେ ବିଭିନ୍ନ ସ୍ତରର କର୍ମଚାରୀ ଅବସର ନେଇ ଗଲେଣି । ସେହି ସ୍ଥାନଗୁଡ଼ିକ ଅଦ୍ୟାବଧି ଖାଲି ପଡିଛି ।

ଖବର ନେବାରୁ ଜଣାପଡିଲା ଯେ, ମହାବିଦ୍ୟାଳୟରେ ଇଂରାଜୀ, ଓଡିଆ, ଇତିହାସ, କ୍ରିଡ଼ା ଶିକ୍ଷକ, ଇକୋନୋମିକ୍ସ, ପଲଟିକାଲ ସାଇନ୍ସ୍ , ଗଣିତ ଅଧ୍ୟାପକ ଏବଂ କେମେଷ୍ଟ୍ରି ଆଟେନାଣ୍ଟ ନାହାନ୍ତି । ଏତଦ୍‌ଭିନ୍ନ ଲାଇବ୍ରେରିଆନ୍, ଲାଇବ୍ରେରି ଆଟେଣ୍ଡାଣ୍ଟ , ୨ ଜଣ କିରାଣୀ, ୨ ଜଣ ପିଅନ, ଏବଂ ଝାଡୁଦାର ପଦବି ଗୁଡ଼ିକ ଖାଲି ପଡିଅଛି । ଛାତ୍ରଛାତ୍ରୀ ମାନେ ଖେଳ କୁଦରୁ ବଞ୍ଚିତ ହୋଇଛନ୍ତି । ଲାଇବ୍ରେରିଆନ୍ କିମ୍ୱା ଲାଇବ୍ରେରିଆନ୍ ଆଟେଣ୍ଡାଣ୍ଟ ନ ଥିବାରୁ ଗରିବ ଛାତ୍ରଛାତ୍ରୀମାନେ ପାଠାଗାରରୁ ପାଠ୍ୟ ପୁସ୍ତକ ନେଇ ଅଧ୍ୟୟନ କରିପାରୁ ନାହାଁନ୍ତି । ଝାଡୁଦାର ନ ଥିବାରୁ ଲାଟିନ୍ ଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଅପରିଷ୍କାର ହୋଇ ପଡିରହିଛି । ଝିଅ ପିଲାମାନେ ଶୌଚକାର୍ଯ୍ୟ କରିବାରେ ବାଧା ସୃଷ୍ଟି ହେଉଛି। ପିଅନ ଅଭାବ ଥିବାରୁ ଭଲ ଭାବରେ ପାନୀୟ ଜଳ ପାଇପାରୁ ନାହାଁନ୍ତି । ବିଭିନ ବିଷୟର ଖାଲିପଡ଼ିଥିବା ଅଧ୍ୟାପକ ବଦଳରେ କଣ୍ଟ୍ରାକଚୁଆଲ୍ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ଅପାରଗ ଯୋଗୁ ଛାତ୍ରଛାତ୍ରୀ ମାନେଅନେକ ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବାର ଜଣାପଡିଛି । ତେଣୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଭ୍ୟ ବୃନ୍ଦ, ସ୍ଥାନୀୟ ବିଧାୟକ, ସାଂସଦ, ଏବଂ ରାଜ୍ୟ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଛାତ୍ର ,ଅଭିଭାବକ ,ଏ ଅଞ୍ଚଳର ଶିକ୍ଷାବିତ୍ ,ବୁଦ୍ଧିଜୀବୀମାନେ ଖାଲି ପଡିଥିବା ପଦବି ଗୁଡ଼ିକ ତୁରନ୍ତ ଯୁଦ୍ଧକାଳୀନ ଭିତରେ ପୁରଣ କରାଗଲେ ଅଞ୍ଚଳବାସୀ ରୁଣୀ ହୋଇପାରିବା ସଙ୍ଗେ ସଙ୍ଗେ, ଛାତ୍ରଛାତ୍ରୀ ମାନେ ଶିକ୍ଷାଦାନର ସୁବିଧା ପାଇ ପାରିବେ ବୋଲି ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ବଳରାମପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ଔଷଧ: ରୋଗୀ ହନ୍ତସନ୍ତ

ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମ ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଘୋର ଅବ୍ୟବସ୍ଥା ଯୋଗୁଁ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛି ଲୋକମାନେ ।

ସୂଚନା ଅନୁଯାୟୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୪/୫ ଟି ପଞ୍ଚାୟତର ଜନସାଧାରଣ ଚିକିତ୍ସା ପାଇଁ ନିର୍ଭରକରନ୍ତି । ପ୍ରତିଦିନ ଶତାଧିକ ପୁରୁଷ ମହିଳା ଓ ଶିଶୁ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି । ତେବେ ଡ଼ାକ୍ତର ଓ କର୍ମଚାରୀ ଅଭାବ ଯୋଗୁଁ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛି ,ଫଳରେ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ଅଞ୍ଚଳବାସୀ । ଜଣେ ମାତ୍ର ଡାକ୍ତରଙ୍କ ଦାରା ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର ,ଦୀର୍ଘ ବର୍ଷ ହେଲା ଫାର୍ମାସିଷ୍ଟ ପଦବୀ ଖାଲି ପଡ଼ିଛି। ସ୍ୱାସ୍ଥ୍ୟପରିକ୍ଷା ପାଇଁ ସମସ୍ତ ଉପକରଣ ରହିଛି କିନ୍ତୁ କର୍ମଚାରୀ ନାହାନ୍ତି । ଏଥିସହିତ ମହିଳା ନର୍ସ ଅଭାବ ରହିଛି । ପିଇବା ପାଣିର ଅବ୍ୟବସ୍ଥା ରହିଛି । ସବୁଠାରୁ ବଡ଼ ସମସ୍ୟା ହେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ଅଭାବ ହେଉଛି । ଏବିଷୟରେ ଜଣେ ବ୍ୟକ୍ତି କହିଛନ୍ତି ମଧୁମେହ ଓ ବିପି ଔଷଧ ସରକାର କମ ଯୋଗାଉଛନ୍ତି ।ଫଳରେ ରୋଗୀ ମାନେ ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ସମ୍ପର୍କରେ ପ୍ରଶାସନ, ନେତା ମନ୍ତ୍ରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି ।

# ଆନ୍ତର୍ଜାତୀୟ ବାଳିକା ଶିଶୁ ଦିବସ ପାଳିତ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ମିନି ଷ୍ଟାଡିୟମରେ ଆନ୍ତର୍ଜାତୀୟ ବାଳିକା ଶିଶୁ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ସି.ବି.ଆଇ. ଜଜ୍ ଭିକାରୀ ଚରଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁମାନେ ରାଷ୍ଟ୍ରର ଶ୍ରେଷ୍ଠ ସମ୍ବଳ, ସେମାନଙ୍କ ପ୍ରତି ବିଶେଷ ଯତ୍ନବାନ ହେବା ଆମମାନଙ୍କର ପ୍ରଥମ ଦାୟୀତ୍ୱ ବୋଲି ମତବ୍ୟ କ୍ତ କରିଥିଲେ । ଶିଶୁମାନଙ୍କୁ ଶିକ୍ଷା ପ୍ରଦାନ କରି ଜ୍ଞାନର ଆଲୋକରେ ପ୍ରକାଶିତ କରାଇବା ଆମମାନଙ୍କର କର୍ତ୍ତବ୍ୟ । ଶିଶୁମାନଙ୍କୁ ନ୍ୟାର୍ଯ୍ୟ ଅଧିକାର ପ୍ରଦାନ କରିବା ସହିତ ବାଲ୍ୟ ବିବାହ ନିରୋଧ ପ୍ରତି ସଜାଗ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ । ସମାଜରେ ପ୍ରତିଷ୍ଠା ଲାଭ ପାଇଁ ଶିକ୍ଷା ଓ ଜ୍ଞାନ ଆହରଣ ମୁଖ୍ୟ ଅସ୍ତ୍ର ବୋଲି ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ପ୍ରକାଶ କରିଥିଲେ। ଅଭିଭାବକମାନେ ପୁଅ ଝିଅଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନ ରଖି ସେମାନଙ୍କୁ ସମାନ ଦୃଷ୍ଟିରେ ଦେଖି ଗଢ଼ିବା ଉଚିତ୍ ବୋଲି ସେ ମତବ୍ୟ କ୍ତ କରିଥିଲେ । ଶିଶୁମାନଙ୍କୁ ଉଚିତ ଶିକ୍ଷା ଓ ସୁଯୋଗ ପ୍ରଦାନ କଲେ , ସେମାନେ ଦେଶର ସାମୂହିକ ଉନ୍ନତିରେ ବିଶେଷ ଭାବରେ ସହାୟକ ହେବେ ବୋଲି କହିଥିଲେ ।

ନିରଞ୍ଜନ ପାଢ଼ୀ, ଏ.ଏସ୍.ପି. ଡ଼ି.ଆଇ.ବି ,ଗଣେଶ୍ୱର ବେହେରା, ଡ଼ି. ଡ଼ି. ପ୍ରୋସେକ୍ୟୁସନ୍ ଏବଂ ଗୋଲକ ବିହାରୀ ପାଣିଗ୍ରାହୀ, ସି.ଡବ୍ଲୁ.ସି.ର ଚେୟାର ପର୍ସନ ଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କର ନ୍ୟାର୍ଯ୍ୟ ଅଧିକାର, ସେମାନଙ୍କର ସୁରକ୍ଷା, ବାଲ୍ୟ ବିବାହ ଦ୍ୱାରା ଉପୁଜୁଥିବା ସମସ୍ୟ । ଓ ଏହାର ନିରାକରଣ ପାଇଁ ଥିବା ଆଇନଗତ କାର୍ଯ୍ୟ ।ନୁଷ୍ଠାନ ସଂପର୍କରେ ଆଲୋକପାତ କରିଥିଲେ ।ପ୍ରାରମ୍ଭରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟ ମଣି ପ୍ରଧାନ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟ କ୍ରମ ସଂପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ସହର ମଧରେ ଶୋଭାଯାତ୍ରା କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦୁରେଖା ପଣ୍ଡିମକବାଟ ସମସ୍ତ କାର୍ଯ୍ୟ କ୍ରମକୁ ସଂଯୋଜନା କରିଥିଲେ । ଶେଷରେ ସଦର ଏସଡ଼ପିଓ. ରମେଶ ଚନ୍ଦ୍ର ଦୋରା ଧନ୍ୟ ବାଦ ଅର୍ପଣ କରିଥିଲେ ।

# ମରଣାନ୍ତକ ଆକ୍ରମଣ, ପରିବାର ଲୋକେ କଲେ ହତ୍ୟା ଅଭିଯୋଗ

ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଜରପଡା ଥାନା ଅନ୍ତର୍ଗତ ଜରପଡା ତଳ ସାହି ଗ୍ରାମରେ ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜରପଡା ଗ୍ରାମର ବିହନ ପନିପରିବା ମଞ୍ଜି ବ୍ୟବସାୟୀ କମାର ସାହୁ (୬୪) ବିଳମ୍ବିତ ରାତିରେ ପ୍ରଚୁର ମଦ୍ୟପାନ କରି ଅସଂଜତ ଅବସ୍ଥାରେ ନିଜ ଘରକୁ ଆସୁଥିବା ବେଳେ ତାଙ୍କ ପାଖ ପଡୋଶୀ ସାହି ଅଞ୍ଚଳର କିଛି ଯୁବକମାନଙ୍କ ସହିତ ବଚସା ଓ ଯୁକ୍ତିତର୍କ ହୋଇଥିଲା । ଏହି ବଚସା କାରଣରୁ କେତେକ ଯୁବକ ତାଙ୍କୁ ମାଡ଼ପିଟ କରିଥିଲେ ।

ତେବେ ଗାଁ ଦାଣ୍ଡରେ ସେ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳକୁ ପହଞ୍ଚି ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।ମୃତ୍ୟୁ ପୂର୍ବରୁ ସେଦିନ ରାତିରେ ହୋଇଥିବା ଆକ୍ରମଣ ବିଷୟରେ ପରିବାର ଲୋକଙ୍କୁ ଜଣାଥିଲେ । ଏହାକୁ ନେଇପରିବାର ଲୋକେ ଜରପଡା ଥାନାରେ କମାର ସାହୁଙ୍କୁ କେତେକ ଯୁବକ ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ କରିବା ପରେ । ପୋଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଜଣେ ଯୁବକକୁ ଅଟକ ରଖି ପଚରାଉଚରା କରୁଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ଘଟଣା ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛନ୍ତି ।

# ସଦର ବ୍ଲକ ବିଜେଡିର ନୂତନ କର୍ମକର୍ତ୍ତା ଚୟନ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ବିଜୁ ଜନତା ଦଳ ସଦର ବ୍ଲକର ନୂତନ କର୍ମକର୍ତ୍ତାଙ୍କ ଚୟନ ଓ ବୈଠକ ନାଗିଆପଶି ପଞ୍ଚାୟତ ଦତ୍ତାତ୍ରେୟ ସାଇ ଆଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକ ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ସାମଲ ଯୋଗ ଦେଇଥିଲେ ।

ବୈଠକରେ ନାଗିଆପଶି ଗ୍ରାମପଞ୍ଚାୟତର ସନତ କୁମାର ମହାନ୍ତିଙ୍କୁ ସଭାପତି ରୂପେ ଚୟନ କରାଗଲା । ଜଗନ୍ନାଥ ସ୍ୱାଇଁଙ୍କୁ ସାଧାରଣ ସମ୍ପାଦକ ଏବଂ ଉପ– ସଭାପତି ଭାବେ ବେହେରା, କୃତିବାସ ବିଶ୍ୱାଳ, କିଶୋର ଗଡ଼ନାୟକ, ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଭାବେ ସିଫୁନ ସାମଲ, ଅଶୋକ କୁମାର ପରିଡ଼ା, ଅଶୋକ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ସାହୁ ଏବଂ ମୁଖ୍ୟ ଉପଦେଷ୍ଟା ଭାବେ ସୁବାସ ଚନ୍ଦ୍ର ପୃଷ୍ଟିଙ୍କୁ ଚୟନ କରାଗଲା । ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ସହିତ ୱାର୍ଡସ୍ତରୀୟ କମିଟି ଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା ।

ନୂତନ ଭାବେ ଗଠିତ ଏହି କମିଟି ପକ୍ଷରୁ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଡା. ଅବିନାଶ ସାମଲଙ୍କୁ କୃତଜ୍ଞତା ଜଣାଯାଇଛି । ବୈଠକରେ କାର୍ଯ୍ୟକାରୀ ସଭ୍ୟ ଭାବେ ଦୁଷ୍ମନ୍ତ ସାହୁ, ବିମଳ ପରିଡା, ପୁରୁଷୋତ୍ତମ ସାଥୁଆ, ପ୍ରଦୀପ ପାଢ଼ୀ, ବିରଞ୍ଚି ନାରାୟଣ ବେହେରା, ବିରଞ୍ଚି ବେହେରା, ବୈକୁଣ୍ଠ ନାୟକ, ଅନିଲ ଗଡ଼ନାୟକ, ସିଫୁନ ସାମଲ, ଅଶୋକ କୁମାର ନାୟକ, ମାୟାଧର ମହାନ୍ତି, ଅଭିମନ୍ୟୁ ପ୍ରଧାନ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ପରିବେଶ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ପଦକ୍ଷେପ

# ପ୍ଲାଷ୍ଟିକ ଟୁ ପର୍ପୋଜ : ୧୦୦ ଦିନର ସ୍କୁଲ ଆହ୍ୱାନ ଚ୍ୟାଲେଞ୍ଜ



ଅନୁଗୋଳ,(ସବ୍ୟୁ) : ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତା କୁ ଏକ ଜନ ଆନ୍ଦୋଳନରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷଠାରେ ଏକ ଅଭିନବ ଅଭିଯାନ ପ୍ଲାଷ୍ଟିକ ଟୁ ପର୍ପୋଜ: ୧୦୦ ଦିନିଆ ସ୍କୁଲ ଆହ୍ୱାନ ଚ୍ୟାଲେଞ୍ଜ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି ।

ଏହି ମହତ ପ୍ରୟାସରେ ଜିଲ୍ଲାର ସମସ୍ତ ୧୬୩ଟି ଘରୋଇ ବିଦ୍ୟାଳୟର ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପ୍ରାୟ ୧୫,୦୦୦ ଛାତ୍ରଛାତ୍ରୀ ସିଧାସଳଖ ଯୋଡ଼ି ହୋଇଛନ୍ତି । ଛାତ୍ରଛାତ୍ରୀମାନଙ୍କ ମାଧମରେ ଜିଲ୍ଲାର ୧୫,୦୦୦ ପରିବାର ଏହି ସ୍ୱଚ୍ଛତା ସଂକଳ୍ପ ସହ ସାମିଲ ହୋଇ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଦିଗରେ ବାର୍ତ୍ତା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ।ଏହି ୧୦୦ ଦିନିଆ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ଲାଷ୍ଟିକ ଆହ୍ୱାନ ଟିମ ଗଠନ କରାଯାଉଛି, ଯାହା ଜଣେ ନୋଡାଲ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ । ସମସ୍ତ କାର୍ଯ୍ୟକ୍ରମର ବିଧିବଦ୍ଧ ଡକ୍ୟୁମେଣ୍ଟେସନ ସୁନିଶ୍ଚିତ କରାଯିବା ସହ ସମଗ୍ର ଅଭିଯାନକୁ ଚାରୋଟି ପୃଥକ ପର୍ଯ୍ୟାୟରେ ପରିଚାଳିତ କରାଯିବ ।

ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ପ୍ଲାଷ୍ଟିକ ବ୍ୟବହାରର 'ହ୍ରାସ , ପୁନଃବ୍ୟବହାର ଏବଂ ପୁନଃଚକ୍ରଣ' ଅର୍ଥାତ ୩ ନୀତିକୁ ପିଲାମାନଙ୍କ ଦୈନନ୍ଦିନ ଜୀବନଶୈଳୀରେ ଅଭ୍ୟାସରେ ପରିଣତ କରିବା, ଯାହା ଦ୍ୱାରା ପ୍ଲାଷ୍ଟିକ ପରିବେଶ ପାଇଁ ବୋଝ ନହୋଇ ଏକ ନୂତନ ସୁଯୋଗରେ ରୂପାନ୍ତରିତ ହୋଇପାରିବ । ଏହି ସ୍ୱଚ୍ଛତା ଚ୍ୟାଲେଞ୍ଜରେ ଉଲ୍ଲେଖନୀୟ ଅବଦାନ ଏବଂ ସକ୍ରିୟ ଭାଗିଦାରୀ ପାଇଁ ଶ୍ରେଷ୍ଠ କୃତି ଛାତ୍ରଛାତ୍ରୀ ଓ ବିଦ୍ୟାଳୟଗୁଡ଼ିକୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ପୁରସ୍କାର ଓ ସ୍ୱୀକୃତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

ଏହି କାର୍ଯ୍ୟକ୍ରମରେ ଆଇଏଏସ ପ୍ରୋବେସନର ଅଭି ଜୈନ, ଜିଲ୍ଲା ପରିଷଦର ଅତିରିକ୍ତନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ରେଳ ଦୁର୍ଘଟଣାରେ ମୃତାହତଙ୍କ ପରିବାରଙ୍କୁ ଭେଟିଲେ ସାଂସଦ

ଅନୁଗୋଳ, (ସବ୍ୟୁ): ଗତ ୨୮ ତାରିଖ ଦିନ ଓଡ଼ାପଡ଼ା ବ୍ଲକ ବଳରାମପ୍ରସାଦ ପଞ୍ଚାୟତ ଅଧୀନ ଗୋଡିଡିହି ଗ୍ରାମର ମାନସ ମହାରଣା ନାମକ ଯୁବକ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ ।

ଏହି ଖବର ପାଇ ଢ଼େଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଆଜି ଗୋଡିଡିହି ଗ୍ରାମର ବିକ୍ରମ ମହାରଣାଙ୍କ ଘରକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଶୋକ ସନ୍ତପ୍ତ ପରିବାରକୁ ସରକାରୀ ସାହାଯ୍ୟ ନିମନ୍ତେ ଶ୍ରୀ ପାଣି ଢେଙ୍କାନାଳ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ପରେ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ ରେଡକ୍ରସ ପାଣ୍ଠି ରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ାପଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ବିଜେପି ନେତା ମନୋଜ କୁମାର ମହାରଣା, ସହଦେବ ପୃଷ୍ଟି, ସନ୍ତୋଷ କୁମାର ନାଏକ, ପଙ୍କଜ ଲୋଚନ ଦାସ,ତପନ କୁମାର ମହାପାତ୍ର,ପ୍ରଦିପ କୁମାର ସାହୁ ଙ୍କ ସହିତ ଅନ୍ୟାନ୍ୟ କର୍ମୀ ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

# ଆଶିଷ ରଞ୍ଜନ ସାହୁ ଅନୁଗୋଳର ନୂତନ ଉପଜିଲ୍ଲାପାଳ

ଅନୁଗୋଳ, (ସବ୍ୟୁ) : ତାଳଚେରର ପୂର୍ବତନ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଶୁକ୍ରବାର ଅନୁଗୋଳର ନୂତନ ଉପଜିଲ୍ଲାପାଳ ଭାବେ ଯୋଗଦାନ କରିଛନ୍ତି। ସେ ପୂର୍ବତନ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।



ଯୋଗଦାନ କରିବା ପରେ ତାଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଶ୍ରୀ ସାହୁ ଏହା ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ ଥିବା ବେଳେ ତା' ପୂର୍ବରୁ ତାଳଚେର ର ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି ।

ଯୋଗଦାନ ପରେ ସେ ପ୍ରତିକ୍ରିୟା ଦେଇ ଶିଳ୍ପ ସମୃଦ୍ଧ ଅନୁଗୋଳରେ ପରିବେଶ ପ୍ରଦୂଷଣ ହ୍ରାସ ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ଟ୍ରାଫିକ ସମସ୍ୟା ଦୂରୀକରଣ ସହିତ ଟ୍ରକ ଟର୍ମିନାଲ ପାଇଁ ଖାଲି ସ୍ଥାନ ଚିହ୍ନଟ କରାଯିବ। ଯଦ୍ୱାରା ରାସ୍ତା ପାର୍ଶ୍ୱରେ ଟ୍ରକ ପାର୍କିଂରେ ରୋକ ଲାଗିବ । ରାସ୍ତା ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ କରାଯିବ । ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମିର ଅଭିବୃଦ୍ଧିରେ କାମ କରିବା ସହିତ ବିସ୍ଥାପନ ଓ ଥଇଥାନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ କମ୍ପାନି ସହିତ ନିୟମିତ ବୈଠକ କରାଯିବ । ଯଦ୍ୱାରା ଜିଲ୍ଲାର ବିକାଶ ହେବା ସହିତ ଖଣି ଖନନ ସମାନ୍ତରାଳ ଭାବେ ଚାଲି ପାରିବ ବୋଲି ସାହୁ କହିଛନ୍ତି ।

ପ୍ରକାଶ ଯେ, ଅନୁଗୋଳର ପୂର୍ବତନ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ ଭାବେ ପଦୋନ୍ନତି ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ବଦଳି ହୋଇଛି। ଶ୍ରୀ ସାହୁ ଅନୁଗୋଳର ଉପଜିଲ୍ଲାପାଳ ଭାବେ ଯୋଗ ଦେଇଥିବାରୁ ଅନୁଗୋଳ ଜିଲ୍ଲା ବିକାଶ ପରିଷଦର ସଭାପତି ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ଅନୁଗୋଳ ଉପଖଣ୍ଡର ଦ୍ରୁତ ବିକାଶ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ ।

# ରୋଟାରୀ କ୍ଲବ ପକ୍ଷରୁ ନେସନ ବିଲ୍ଡର ଆୱାର୍ଡ ପ୍ରଦାନ

ନୀଳଗିରି, (ସବ୍ୟୁ): ନିଃସ୍ୱାର୍ଥପର ଶିକ୍ଷାଦାନ ଏବଂ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଶିକ୍ଷକ ମାନଙ୍କୁ ନେସନ ବିଲ୍ଡର ଆୱାର୍ଡ ପ୍ରଦାନ କରାଯାଇଥାଏ । ଏହି କ୍ରମରେ ରୋଟାରୀ କ୍ଲବ ଅଫ୍ ,କଟକ ସେଣ୍ଟ୍ରାଲ ପକ୍ଷରୁ ନେସନ ବିଲ୍ଡର ଆୱାର୍ଡ ନୀଳଗିରି ବ୍ଲକ ଅଧିନ ତେଣ୍ଡା ସରକାରୀ (ଏସ୍.ଏସ୍.ଡି) ବାଳିକା ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ବେଣୁଧର ମହାରଣାଙ୍କୁ ପ୍ରଦାନ କରାଯାଇଛି । ଏହି ପୁରସ୍କାର ର ମୁଖ୍ୟ ଉଦ୍ଦେଶ୍ୟ ପ୍ରେରଣା ଓ ସ୍ୱୀକୃତି ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ମାନ ବୃଦ୍ଧି ଏବଂ ଶିକ୍ଷକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା । ଜଣେ ଆଦର୍ଶ ଶିକ୍ଷକ କେବଳ ପାଠ ପଢ଼ାନ୍ତି ନାହିଁ, ବରଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଏବଂ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରି ସେମାନଙ୍କୁ ଦେଶର ସୁନାଗରିକ ଭାବେ ଗଢ଼ିଥାନ୍ତି ।

ଏହି ପୁରସ୍କାର ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଗୋପନୀୟ ମତାମତ ଆଧାରରେ ଶିକ୍ଷକଙ୍କ ଶିକ୍ଷାଦାନର ଶୈଳୀ ଓ ନିଷ୍ଠାକୁ ପରଖାଯାଏ । ସଂଗୃହିତ ତଥ୍ୟକୁ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଯାଞ୍ଚ କରାଯାଇ ଯୋଗ୍ୟ ଶିକ୍ଷକଙ୍କ ନାମ ଚୂଡ଼ାନ୍ତ ହୁଏ । ପ୍ରତିବର୍ଷ ବିଭିନ୍ନ ଜିଲ୍ଲାରୁ ନିଃସ୍ୱାର୍ଥପର ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କୁ ଚିହ୍ନଟ କରାଯାଇ ରୋଟାରୀ କ୍ଲବ୍ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଉଛି । ଏହା ଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବସ୍ତି ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ସ୍କୁଲର ଶିକ୍ଷକ ମାନେ ବିଶେଷ ଭାବେ ଉତ୍ସାହିତ ହେଉଛନ୍ତି ।

# ସାଆନ୍ଦା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଏଏଫ୍‌ସି ସାଆନ୍ଦା ଚାମ୍ପିଅନ

ଖମାର, (ସବ୍ୟୁ) : ପାଲଲହଡ଼ା ବ୍ଲକ ଇଞ୍ଜିଡ଼ି ପଞ୍ଚାୟତ ମା ମଙ୍ଗଳା ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଆୟୋଜିତ ସାଆନ୍ଦା କପ ଫୁଟବଲ ଟୁର୍ନାମେଣ୍ଟ ଉଦଯ ।ପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ମୋଟ ୨୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଏମ କେ ବ୍ରଦର୍ସ ଓ ଏ ଏଫ ସି ସାଆନ୍ଦା ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେଏ ଏଫ ସି ଟିମ ୨–୧ ଗୋଲରେ ବିଜୟୀ ହେବା ସହ ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି ।




ପୁରସ୍କାର ବିତରଣ ଉତ୍ସବରେ ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି ,ଇଞ୍ଜିଡ଼ି ସରପଞ୍ଚଙ୍କ ପ୍ରତିନିଧି ଜୟନ୍ତ କୁମାର ଶରଣ, ରୋହିଲା ସରପଞ୍ଚ ଦିବ୍ୟଲୋଚନ ନାଏକ, ଆଲୋରୀ ସରପଞ୍ଚଙ୍କ ପ୍ରତିନିଧି ରୋହିତ ସାହୁ,ବରିଷ୍ଠ ନେତା ଲକ୍ଷ୍ମୀଧର ବିଶ୍ୱାଳ, ସାଆନ୍ଦା ଗାଁ ସଭାପତି ପ୍ରମୋଦ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଯୋଗଦେଇ ଚମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ । କ୍ଲବ ସଭାପତି ମନୋଜ ଗଡ଼ନାଏକ ଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ରେଫରି ସୁଶାନ୍ତ ବେହେରା ଖେଳ ପରିଚାଳନା କରିଥିବା ବେଳେ ପପୁଲୁ ବେହେରା ଓ ଭରତ ମହାକୁଳ ଲାଇନ୍ସମେନ ଭାବେ ସହଯୋଗ କରିଥିଲେ । ଭୁବନ ଗଡ଼ନାଏକ, ବାମ ଦେବ ବେହେରା,ପ୍ରଦୀପ ସାହୁ , ଅଜିତ ସାହୁ , ବିଭୁତି ବାରିକ, ଦିପୁ ସାହୁଙ୍କ ସମେତ ଯୁବକ ସଂଘ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ହେଲମେଟ ବାଣ୍ଟି ପ୍ରଶଂସା ସାଉଁଣ୍ଟିଲେ ବଡବିଲ ଏଆରଟିଓ



ଯୋଡ଼ା ,(ସବ୍ୟୁ): ସଡ଼କ ସୁରକ୍ଷା ଜୀବନ ରକ୍ଷା କେବଳ ନିୟମ କିମ୍ବା ସ୍ଲୋଗାନରେ ସୀମିତ ନୁହେଁ ବୋଲି ପ୍ରମାଣ କରି ଦେଖାଇଛନ୍ତି ବଡ଼ବିଲ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱ ରଞ୍ଜନ ସାହୁ । ନିଜ ଜୀବନର ସୁରକ୍ଷା ପ୍ରତି ସଚେତନ ହେବା ମଧ୍ୟ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହି ବାର୍ତ୍ତା ଦେଇ ବଡ଼ବିଲ ସହରରେ ଏକ ଭିନ୍ନ ଢଙ୍ଗରେ ସଡ଼କ ସୁରକ୍ଷା ସଚେତନତାର ପଦକ୍ଷେପ ନେଇଛନ୍ତି ବଡ଼ବିଲର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ । ଶୁକ୍ରବାର ବଡ଼ବିଲ ସହରର କିରିବୁରୁ ଛକଠାରେ ହେଲମେଟ ନ ପିନ୍ଧି ବାଇକ ଓ ସ୍କୁଟି ଚଳାଉଥିବା କିଛି ଚାଳକଙ୍କୁ ବଡ଼ବିଲ ଏଆରଟିଓ ଏବଂ ଏମଭିଆଇ ଅଟକାଇଥିଲେ।ଏହି ସମୟରେ ଚାଳକମାନଙ୍କୁ ହେଲମେଟ ନ ପିନ୍ଧିବାର କାରଣ ପଚାରିବା ସହ ଯଦି ହେଲମେଟ ଅଛି ତେବେ ତାହାକୁ କାହିଁକି ବ୍ୟବହାର କରୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ । ତେବେ କେବଳ ନିୟମ ଉଲ୍ଲଂଘନ ପାଇଁ ଚାଲାଣ କାଟିବା ପରିବର୍ତ୍ତେ ଚାଳକମାନଙ୍କୁ ହେଲମେଟ ପିନ୍ଧିବାର ଆବଶ୍ୟକତା ବୁଝାଇବା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ଏଥିସହ ସହକର୍ମୀଙ୍କ ନିକଟରୁ ନୂଆ ହେଲମେଟ ମଗାଇ ହେଲମେଟ ନଥିବା ଚାଳକମାନଙ୍କୁ ପିନ୍ଧାଇ ଦେଇଥିଲେ ଏଆରଟିଓ। ଏହି ପଦକ୍ଷେପ ଉପସ୍ଥିତ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସାଧାରଣରେ ପ୍ରଶଂସା ସାଉଁଟିଛି । ବଡ଼ବିଲ ଏଆରଟିଓଙ୍କ ଏହି ପଦକ୍ଷେପ ଦଣ୍ଡ ଅପେକ୍ଷା ସଚେତନତା ମାଧ୍ୟମରେ ଲୋକଙ୍କୁ ଟ୍ରାଫିକ ନିୟମ ପାଳନ ପାଇଁ ପ୍ରେରିତ କରିବାର ଏକ ଉଦାହରଣ ପାଲଟିଛି କହିଲେ ଭୁଲ ହେବ ନାହିଁ। ଏଭଳି ପଦକ୍ଷେପ ଚାଳକମାନଙ୍କ ମଧ୍ୟରେ ହେଲମେଟ ବ୍ୟବହାର ନେଇ ସଚେତନତା ବୃଦ୍ଧି କରିବା ସହ ସଡ଼କ ସୁରକ୍ଷା ଦିଗରେ ଏହା ନିଶ୍ଚିତ ଭାବେ ସହାୟକ ହେବ । ଏଆରଟିଓ ଶ୍ରୀ ବିଶ୍ୱ ରଞ୍ଜନ ସାହୁଙ୍କ ଏତାଦୃଶ ଜନ ସଚେତନତା କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

# ବାପ-ପୁଅଙ୍କ ଠାରୁ ୨ ଦେଶୀ ବନ୍ଧୁକ ସହ ବିପୁଳ ଗୁଳି ଜବତ

ଆନନ୍ଦପୁର,(ସବ୍ୟୁ): ପାର୍ବଣକୁ ଦୃଷ୍ଟିରେ ରଖି କେନ୍ଦୁଝର ପୋଲିସ କଡ଼ା ପଦକ୍ଷେପ ନେଇଛି। ଆନନ୍ଦପୁର ଉପଖଣ୍ଡରେ ପ୍ରଥମଥର ପାଇଁ ପୋଲିସ ଏକ ବଡ଼ଧରଣର ସଫଳତା ହାସଲ କରିଛି। ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ନେତୃତ୍ୱରେ ରବିବାର ସକାଳୁ ଚାଲିଥିବା ଚେକିଂ ବେଳେ ବାପ-ପୁଅଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ଏବଂ ବିପୁଳ ପରିମାଣର ଗୁଳି ଜବତ କରାଯାଇଛି।କେନ୍ଦୁଝର ଏସ୍ପି ନୀତିନ କୁଶଲକର ଦାଗୁଡୁଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଜିଲାରେ ପୋଲିସ ପକ୍ଷରୁ ସଚେତନତା ଏବଂ ଯାଞ୍ଚ ପ୍ରକ୍ରିୟା ଜୋରଦାର କରାଯାଇଛି। ଆଜି ସକାଳୁ ଆନନ୍ଦପୁର ଥାନା ଅନ୍ତର୍ଗତ କାଠକଟା ପଞ୍ଚାୟତର ବରଗୋଠା ଗ୍ରାମ ରାସ୍ତାରେ ଏସଡିପିଓପଣ୍ଡା ଓ ଆନନ୍ଦପୁର ପୋଲିସ ଟିମ ପାଟ୍ରୋଲିଂ କରୁଥିଲେ ।ଉକ୍ତ ରାସ୍ତାରେ ଯାଉଥିବା ନଣ୍ଡା ହୋ (୫୦) ଏବଂ ତାଙ୍କ ପୁଅ ଚକ୍ର ହୋ (୩୦)ଙ୍କୁ ସନ୍ଦେହ କରି ପୋଲିସ ଯାଞ୍ଚ କରିଥିଲା। ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ଏବଂ ବହୁ ପରିମାଣର ଗୁଳି ଜବତ କରାଯାଇଥିଲା। ଆନନ୍ଦପୁର ଉପଖଣ୍ଡ ଇତିହାସରେ ଏପରି ଅସ୍ତ୍ରଶସ୍ତ୍ର ଜବତ ହେବା ଘଟଣା ପ୍ରଥମ ବୋଲି ଜଣାପଡ଼ିଛି। ଜବତ ହୋଇଥିବା ବନ୍ଧୁକ ଓ ଗୁଳିଗୁଡ଼ିକ ସେମାନେ କେଉଁଠୁ ଏବଂ କାହାଠାରୁ ଆଣିଥିଲେ, ଏହାର କୌଣସି ଅପରାଧିକ ଲିଙ୍କ ଅଛି କି ନାହିଁସେନେଇ ପୋଲିସ ବାପ-ପୁଅଙ୍କୁ ପଚରାଉଚରା ଜାରି ରଖିଛି। ଆଗକୁ ଆଉ କେତେକ ସ୍ଥାନରେ ମଧ୍ୟ ତନାଘନା କରାଯିବ ବୋଲି ଜଣାପଡ଼ିଛି।

# ଟ୍ରାକ୍ଟର ଓଲଟି ଜଣେ ମୃତ, ଦୁଇ ଗୁରୁତର

ନୀଳଗିରି,(ସବ୍ୟୁ) : ରାତିରେ ବାଲି ଚୋରି କରିବାକୁ ଯାଉଥିବା ବେଳେ ଓଲଟିଲା ଟ୍ରାକ୍ଟର, ୨ ଜଣ ଗୁରୁତର ହୋଇଥିବା ବେଳେ ଜଣେ ମୃତ, ନୀଳଗିରି ଥାନା ଅଯୋଧ୍ୟା ଫାଣ୍ଡି ସୋନ ନଦୀର ପୁନ୍ଦାଳ ଘାଟରୁ ଚୋରାରେ ବାଲି ଚାଲାଣ ପାଇଁ ଶୁକ୍ରବାର ରାତିରେ ଯାଉଥିବା ବେଳେ ଟ୍ରାକ୍ଟର ଓଲଟିପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ୨ଜଣ ଗୁରୁତର ହୋଇଛନ୍ତି ।ସୂଚନା ଅନୁସାରେ ନୀଳଗିରି ବ୍ଲକର ରାଧାକିଶୋରପୁର ପଞ୍ଚାୟତ ସଂଗ୍ରାମପୁର ଗାଁର ଟ୍ରାକ୍ଟର ଶ୍ରମିକ ରଞ୍ଜିତ କୁମାର ସିଂ (୧୯) ଶୁକ୍ରବାର ରାତି ପ୍ରାୟ୨ଟାରେ ଏକ ଟ୍ରାକ୍ଟରରେ ସୋନ ନଦୀ ପୁନ୍ଦାଳ ଘାଟକୁ ବାଲି ଲୋଡ କରିବାକୁ ବାଲି ଘାଟକୁ ଯାଉଥିବା ବେଳେ ଡ୍ରାଇଭରର ବେପରୁଆ ଚାଳନା ଯୋଗୁଁ ଏକ ଟ୍ରାକ୍ଟର ଓଲଟି ପିଡ଼ିଥିଲା। ଟ୍ରାକ୍ଟର ତଳେ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ରେମୁଣା ମେଡିକାଲକୁ ୧୦୮ ଆମ୍ବୁଲାନ୍ସ ରେ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଟ୍ରାକ୍ଟର ଓଲଟି ଥିବା ଘଟଣା ସ୍ଥଳରୁ ଟ୍ରାକ୍ଟର ମାଲିକ ଚଞ୍ଚକତା କରି ଟ୍ରାକ୍ଟର ଡଲାଟିକୁ ଛାଡିଦେଇ ଟ୍ରାକ୍ଟର ଡ୍ରାଇଭର ଓ ଟ୍ରାକ୍ଟର ଇଞ୍ଜିନକୁ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଟ୍ରାକ୍ଟର ଓଲଟି ଥିବାର ଖବର ପାଇ ଅଯୋଧ୍ୟା ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ପୋଲିସ ଟ୍ରାକ୍ଟର ଡଲାଟିକୁ ଜବଦ କରିଥିଲା। ଏନେଇ ନୀଳଗିରି ଥାନା ପକ୍ଷରୁ କେଶ୍ ନମ୍ବର ୪୫୮/୨୬ ଏକ ମାମଲା ରୁଜୁ କରି ବାଲେଶ୍ୱରରେ ଶବ ବ୍ୟବଚ୍ଛେଦ କରାଯାଇଛି ।

# ବିଜେଡ଼ିର ୩ ନେତା ନିଲମ୍ବିତ



ବାଲେଶ୍ୱର,(ସବ୍ୟୁ):ଦଳବିରୋଧି କାର୍ଯ୍ୟ ପାଇଁ ବିଜୁ ଜନତା ଦଳର ପ୍ରାକ୍ତନ ସଂଯୋଜକ ମାନସ ଦାସପଟ୍ଟନାୟକ,ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ ଏବଂ ବିଜୁ ଛାତ୍ରଜନତା ଦଳର ପୂର୍ବତନ ସମ୍ପାଦକ ବିଭୁଦତ୍ତ ପରିଡ଼ା ପ୍ରମୁଖଙ୍କୁ ଦଳରୁ ନିଲମ୍ବିତ କରାଯାଇଛି । ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାୟକ ଗତ ୧୦ ତାରିଖରେ ଏକ ପତ୍ର ମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଏହି ଚିଠିର ନକଲ ବିଜେଡ଼ି ଜିଲ୍ଲା ସଭାପତି, ଯୁବ ସଭାପତି ଏବଂ ଛାତ୍ର ସଭାପତିଙ୍କୁ ପଠାଇ ଦିଆଯାଇଛି । ଏଠାରେ ସୂଚନା ଯୋଗ୍ୟ ଦୀର୍ଘ ଦିନ ଧରି ଦଳରେ ଏକ ସମାନ୍ତରାଳ ସଂଗଠନ ତିଆରି କରି ଶ୍ରୀ ଦାସପଟ୍ଟନାୟକ ଦଳୀୟ କର୍ମୀଙ୍କ ମଧ୍ୟରେ ଏକ ବିଭ୍ରାନ୍ତି ସୃଷ୍ଟି କରିଆସୁଥିଲେ । ସେହିଭଳି ରାଜ୍ୟ ଯୁବ ବିଜେଡ଼ିର ସାଧାରଣ ସମ୍ପାଦକ ଶ୍ରୀ ନାୟକ ଏବଂ ଛାତ୍ରନେତା ବିଭୁଦତ୍ତ ପରିଡ଼ା ସମ୍ପ୍ରତି କଲେଜରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ସେମାନେ ଏକ ସମାନ୍ତରାଳ ସଂଗଠନ କରି ଏହାକୁ ବିଜୁ ଛାତ୍ରଜନତା ଦଳର ସଂଗଠନ ବୋଲି ଦାବି କରି ଆସୁଥିଲେ । ମାତ୍ର ଉକ୍ତ କଲେଜରେ ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ହରେକୃଷ୍ଣ ପ୍ରଧାନଙ୍କ ପକ୍ଷରୁ ବିଜୁ ଛାତ୍ରଜନତା ନାମରେ ବିଭିନ୍ନ ଅଫିସିଆଲ ପ୍ରାର୍ଥୀ ଛିଡ଼ା କରାଯାଇଛି । ଗୋଟିଏ କଲେଜରେ ଦୁଇଗୋଷ୍ଠୀ ବିଜୁ ଛାତ୍ର ଜନତା ଦଳ ନାମରେ ପ୍ରାର୍ଥୀ ଦେଇଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଧିରେନ ନାୟକ ଏବଂ ଶ୍ରୀ ପରିଡ଼ାଙ୍କ ସହିତ ଦଳର ବରିଷ୍ଠ ନେତୃବୃନ୍ଦ ବାରମ୍ବାର ଆଲୋଚନା କରିଥିଲେ ମଧ୍ୟ ସେମାନେ କୌଣସି ସମାଧାନରେ ଏକମତ ନହେବାରୁ ଶେଷରେ ଉକ୍ତ ଦୁଇଜଣଙ୍କ ସମେତ ତାଙ୍କର ନେତା ମାନସ ଦାସପଟ୍ଟନାୟକଙ୍କୁ ମଧ୍ୟ ଦଳରୁ ନିଲମ୍ବିତ କରାଯାଇଥିବାରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଲାଗି ରହିଥିବା ବିଭ୍ରାନ୍ତିର ଅବସାନ ଘଟିଛି ।

# ଡିବିରି କଳାଧୂଆଁରେ ଫଟୋଚିତ୍ର କରି ନାନା ପାଟେକରଙ୍କୁ ଶ୍ରଦ୍ଧାଞ୍ଜଳି



ବେତନଟୀ ,(ସବ୍ୟୁ) ବର୍ଷୀୟାନ କଳାକାର ତଥା ଫିଲ୍ମ ନିର୍ମାତା ନାନା ପାଟେକରଙ୍କ ଆକସ୍ମିକ ଦେହାନ୍ତରେ ସମଗ୍ର ଦେଶରେ ଶୋକପ୍ରକାଶ ପାଇଥିବା ବେଳେ ଡିବିରୀ ନିଆଁରୁ ନିର୍ଗତ କଳାଧୂଆଁର ବ୍ୟବହାର କରି ନାନା ପାଟେକରଙ୍କ ଫଟୋଚିତ୍ର ପ୍ରସ୍ତୁତକରି ନିଜର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଦହିକଟି ପଞ୍ଚାୟତ ଅଧୀନ ଆଗଡା ଗ୍ରାମର ଯୁବପ୍ରତିଭା ତଥା ବର୍ତ୍ତମାନ ବାଲେଶ୍ୱରସ୍ଥିତ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ କଳାଶିକ୍ଷକ ଭାବେ କାର୍ଯ୍ୟରତ ସମରେନ୍ଦ୍ର ବେହେରା ଡିବିରି ଆଲୁଅରୁ ନିର୍ଗତ କଳାଧୂଆଁର ବ୍ୟବହାର କରି ବର୍ଷୀୟାନ କଳାକାର ନାନା ପାଟେକରଙ୍କ ଫଟୋଚିତ୍ର ପ୍ରସ୍ତୁତକରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । କଳାଶିକ୍ଷକ ସମରେନ୍ଦ୍ରଙ୍କ ଏହି ନିଆରା କଳାକୃତି ବେଶ ଆକର୍ଷଣୀୟ ହୋଇଥିବା ବେଳେ ଏହି ଫଟୋଚିତ୍ର ବେଶ ଚର୍ଚ୍ଚିତ ହୋଇଛି। ସବୁବେଳେ ସେ ନିଜର ନିଆରା କଳାକୃତି ଦ୍ୱାରା ସମାଜକୁ ସଚେତନତା ମୂଳକ ଠାରୁ ଆରମ୍ଭ କରି ଗଠନମୂଳକ ବାର୍ତ୍ତା ଦେବାପାଇଁ ସବୁବେଳେ ଚର୍ଚ୍ଚିତ ରହି ଆସିଛନ୍ତି।

# ସାମ୍ବାଦିକ ଅଶୋକ କୁମାର ନାୟକ ସମ୍ବର୍ଦ୍ଧିତ



ଭଦ୍ରକ,(ସବ୍ୟୁ) :ଭଦ୍ରକ ଜିଲ୍ଲାର ନିର୍ଭୀକ ସାମ୍ବାଦିକ ଅଶୋକ କୁମାର ନାୟକ ସମ୍ବର୍ଦ୍ଧିତ ହୋଇଛନ୍ତି। ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର 'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସରେ ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ,ବିଧାୟକ ପଦ୍ମଲୋଚନ ପଣ୍ଡା,ବିଧାୟକ ମାନସ କୁମାର ଦତ,ବିଧାୟକ ଅଶ୍ୱିନୀ କୁମାର ପାତ୍ର,ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ,ବରିଷ୍ଠ ସାମ୍ବାଦିକ କିଶୋର କୁମାର ଦ୍ୱିବେଦୀ,ବାଲେଶ୍ୱର ପୌର ଅଧ୍ୟକ୍ଷା ସବିତା ସାହୁ,ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ,'ଆଜିକାଲି'ର ସମ୍ପାଦକ ନିର୍ମାଲ୍ୟ ମହାନ୍ତି,ପରିଚାଳନା ସମ୍ପାଦକ ଡକ୍ଟର ଲକ୍ଷ୍ମୀନାରାୟଣ ମହାନ୍ତି,ପ୍ରକାଶକ କିଶୋର ଦାସ,ପ୍ରାଧ୍ୟାପକ ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭଦ୍ରକ ଜିଲ୍ଲା ପ୍ରତିନିଧି ଶ୍ରୀନାୟକଙ୍କୁ ଉଲ୍ଲେଖନୀୟ ଅବଦାନ,ସମାଜସେବା ଓ ଚାରିଦଶନ୍ଧି ଧରି 'ଆଜିକାଲି'ସମ୍ବାଦପତ୍ରରେ କାର୍ଯ୍ୟ ବଜାୟ ରଖିଥିବାରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶ୍ରୀନାୟକ ଭଦ୍ରକ ଜିଲ୍ଲାର ଆକାଶବାଣୀ ଓ ଦୂରଦର୍ଶନରେ ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି। ସାମ୍ବାଦିକ କାର୍ଯ୍ୟ କ୍ଷେତ୍ରରେ ପୂର୍ବରୁ ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମନ୍ତ୍ରୀ,ସାଂସଦ, ବିଧାୟକ, ଜିଲ୍ଲାପାଳ ପ୍ରମୁଖଙ୍କ ଠାରୁ ଶ୍ରୀନାୟକ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡ଼ିଛି।

# ବିସିଇଟିରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟୁ) :ସେରଗଡ଼ ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ଠାରେ ସେବା ସଂକଳ୍ପ ଅଭିଯାନ ମାଧ୍ୟମରେ ବିସିଇଟି ଏନଏସଏସ୍ କୋ-ୟୁନିଟ୍ ଓ ଆରଟିଓ ବାଲେଶ୍ୱରଙ୍କ ମିଳିତ ଉଦ୍ୟମରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ଭିଆଇ ଶ୍ରୀମତୀ ଦେବସ୍ମିତା ନାୟକ ମୁଖ୍ୟ ଅତିଥି ଓ ବକ୍ତା ଭାବରେ ଯୋଗଦେଇ ସଡ଼କ ସୁରକ୍ଷା ନିମନ୍ତେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତ୍ରିଲୋଚନ ସାହୁ, ଅଧ୍ୟକ୍ଷ ଡ. ଶିବେନ୍ଦ୍ର କୁମାର ଘଡ଼ାଇ, ଡିନ୍ ଏକାଡେମିକ୍ ପ୍ରଫେସର ସରୋଜ କୁମାର ପାତ୍ର ଓ ଆଇ.କ୍ୟୁ.ଏସି. ସଂଯୋଜକ ଡ. ଧିରେନ୍ଦ୍ର କୁମାର ଜେନା ଉପସ୍ଥିତ ରହି ସଡ଼କ ସୁରକ୍ଷା ନିମନ୍ତେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ଏନ୍.ଏସ୍.ଏସ୍. ପ୍ରୋଗ୍ରାମ ଅଫିସର ପ୍ରଫେସର ଅମ୍ବୁଜ ଲୋଚନ ଦାଶ ମଂଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ଓ ମହାବିଦ୍ୟାଳୟର ସମସ୍ତ ଗାଡ଼ି ଚାଳକ ଓ ସହଯୋଗୀ ମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ ଉପସଭାପତି ରାଜଶ୍ରୀ ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅତିଥି, ସ୍ୱେଚ୍ଛାସେବୀ, ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜୁଆ ଖେଳ ବେଳେ ଚଢ଼ାଉ

ଠାକୁରମୁଣ୍ଡା ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମ ପଞ୍ଚାୟତ ଜାମୁନଣ୍ଡା ହାଟରେ ମହୁଲଡିହା ଥାନା ପୋଲିସ ଚଢ଼ାଉକରି ୪ ଜୁଆଡିଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ଶନିବାରଅପରାହ୍ନ ୪ଟା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ମହୁଲଡିହା ଥାନା ଅଧିକାରୀ ବିରେନ୍ଦ୍ର କୁମାର ରାଉତ ଏବଂ ଏ ଏସ ଆଇ ବିଜୟକୃଷ୍ଣ ସାନ୍ତେରା ପୋଲିସ ବାହିନୀ ସହ ମିଳିତ ଭାବେ ଜାମୁନଣ୍ଡା ହାଟରେ ଚଢ଼ାଉ କରି ଆନନ୍ଦପୁର ଥାନା ଜଞ୍ଜାଳି ଗ୍ରାମର ଧନଞ୍ଜୟ ମହାନ୍ତ,ଗୟଳମୁଣ୍ଡା ଗ୍ରାମର ମାନଗୋବିନ୍ଦ ଦିଗାଲ, ମହୁଲଡିହା ଥାନା ।ଗଦଫା। ଗ୍ରାମର ତୁରି ହୋ,ଚିଆଁଡୋ ଗ୍ରାମର ରଙ୍ଗିଲା ଜାମୁଦାଙ୍କ ନାମରେ କେଶ ନଂ ୧୪୯/୨୦୨୬ ଦଫା ୩ ଜିପି ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।ଜୁଆଡିଙ୍କ ନିକଟରୁ ୧୨୩୦ ଟଙ୍କା ସହିତ ଡଲା,ଗୁଟି, ପାଲ ଜବ୍ତ କରିଛି ପୋଲିସ।

# ନୋଭା ଓ ପଲ୍ସ ସିରଜରେ ପାର୍ବଣ ଅଫର୍

ଯୋଡା,(ସବ୍ୟୁ) : ଏଆଇ ସ୍ମାର୍ଟଫୋନ୍ ପକ୍ଷରୁ ଫ୍ଲିପକାର୍ଟର ବିଗ୍ ବିଲିୟନ୍ ଡେଜ୍ ୨୦୨୬ ସେଲ୍ ଅବସରରେ ନୋଭା ଓ ପଲ୍ସ ସିରିଜର ସ୍ୱତନ୍ତ୍ର ମୂଲ୍ୟ ଘୋଷଣା କରାଯାଇଛ । ଏହି ସ୍ମାର୍ଟଫୋନ୍ଗୁଡ଼ିକର ମୂଲ୍ୟ ୮,୯୯୯ ଟଙ୍କାରୁ ଆରମ୍ଭ ହେଉଛି ।ଏହି ମୂଲ୍ୟରେ ବ୍ୟାଙ୍କ ଅଫର୍ ମଧ୍ୟ ସାମିଲ ଥିବାବେଳେ ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ଅଫର୍ ଉପଲବ୍ଧ ରହିବ ।

# ଦୃଢ ଇଚ୍ଛାଶକ୍ତିର ଅନ୍ୟ ନାମ ୟାଜ୍ଞସେନୀ

ନୀଳଗିରି,(ସବ୍ୟୁ):-ନୀଳଗିରି ମହାବିଦ୍ୟାଳୟ ର ନୀଳଗିରି ଇତିହାସରେ ଏକ ଅଭୁଲା ଅଧ୍ୟାୟ ଯୋଡ଼ି ହୋଇ ଯାଇଛି ଗତ ଅକ୍ଟୋବର ୨ ତାରିଖରେ। ବିଶ୍ୱବିଦ୍ୟାଳୟସ୍ତରୀୟ ନବ ପ୍ରବର୍ତ୍ତନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ୨୦୨୬ ରେ ଅଂଶଗ୍ରହଣ କରି ଏହି ସୁନାମଧନ୍ୟ ମହାବିଦ୍ୟାଳୟର ସମ୍ମାନଧନ୍ୟା ଯୁକ୍ତ ୩ ତୃତୀୟ ବର୍ଷ ପଦାର୍ଥ ବିଜ୍ଞାନ (ସମ୍ମାନ)ର ଛାତ୍ରୀ ୟାଜ୍ଞସେନୀ ରାଉତଙ୍କ ଅଭିନବ ଉଦ୍ଭାବନ ଅନ୍ଧ ବ୍ୟକ୍ତିଙ୍କ ପାଇଁ ସ୍ମାର୍ଟ ଆଖି ଆଜି ଦୁନିଆର ଅନ୍ଧ ବ୍ୟକ୍ତିଙ୍କ ଲାଗି ଏକ ଅଭୂତ ସୁଖଦ ଅନୁଭୂତି ଆଣିଦେଇଛି। ଏହି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ସୂର୍ଯ୍ୟନ୍ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ପ୍ରୟନ୍ ଓ ମହନୀୟ ମାର୍ଗଦର୍ଶନରେ ୟାଜ୍ଞସେନୀଙ୍କ ଏହି ଯାଦୁକରୀ ଉଦ୍ଭାବନ ଆଜି ଏହି ମହାବିଦ୍ୟାଳୟର ଇତିହାସରେ ଏକ ସ୍ୱର୍ଣ୍ଣିମ ସ୍ୱାକ୍ଷର। ସେ ଏଥି ନିମନ୍ତେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର ଡଃ ସନ୍ତୋଷ କୁମାର ତ୍ରିପାଠୀଙ୍କ ଶ୍ରୀହସ୍ତରୁ ୧ ଲକ୍ଷ ଟଙ୍କାର ଚେକ୍, ଟ୍ରଫି ସହ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କ ଠାରୁ ସଦେବ ସମ୍ମାନ ଗ୍ରହଣ ସହିତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ଅଜସ୍ର ଆଶୀର୍ବାଦ ଓ ପୁଳା ପୁଳା ପ୍ରଶଂସାରେ ତାଙ୍କ ଅଦମ୍ୟ ଉଦ୍ୟମ ଆଜି ଫଳବତୀ ହୋଇଛି। ପରିବାର, ସାଙ୍ଗସାଥୀ ମହଲରୁ ଧନ୍ୟବାଦର ସୁଅ ଛୁଟି ଚାଲିଛି।

# ବାରାଣସୀ , ଅଯୋଧ୍ୟା ଅଭିମୁଖେ ବାହାରିଲେ ୧୪୦ ବରିଷ୍ଠ ନାଗରିକ

କେନ୍ଦୁଝର, (ସବ୍ୟୁ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ କେନ୍ଦୁଝର ଜିଲ୍ଲାରୁ ମୋଟ ୧୪୦ ଜଣ ବରିଷ୍ଠ ନାଗରିକ ବାରାଣସୀ ଏବଂ ଅଯୋଧ୍ୟା ଅଭିମୁଖେ ଏକ ଆଧ୍ୟାତ୍ମିକ ତୀର୍ଥଯାତ୍ରାରେ ବାହାରିଛନ୍ତି। କେନ୍ଦୁଝରଗଡ଼ ପୌରପାଳିକାର କଲ୍ୟାଣ ମଣ୍ଡପଠାରେ ରବିବାର ଅପରାହ୍ନ ପ୍ରାୟ୩ଟାରେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ଏହି ତୀର୍ଥଯାତ୍ରୀ ବସକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ ଏବଂ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁଶ୍ରୀ ବିନତି ମାଝୀ ଉପସ୍ଥିତ ଥିଲେ।ତୀର୍ଥଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓ ଯାତ୍ରାକୁ ସହଜ କରିବା ତଥା ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ଏସକର୍ଟ ଅଫିସର (ସହଯୋଗୀ ଅଧିକାରୀ) ମାନେ ସମ୍ପୂର୍ଣ୍ଣ ଯାତ୍ରା ସମୟରେ ଏହି ଦଳ ସହିତ ରହିଛନ୍ତି।ଏହି ପଦକ୍ଷେପ ବରିଷ୍ଠ ନାଗରିକମାନଙ୍କ ପାଇଁ ତୀର୍ଥଯାତ୍ରାର ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କ ପାଇଁ ଏକ ସୁରକ୍ଷିତ, ଆରାମଦାୟକ ତଥା ସ୍ମରଣୀୟ ଆଧ୍ୟାତ୍ମିକ ଅନୁଭୂତି ସୁନିଶ୍ଚିତ କରୁଛି।

# ରାସ୍ତା ନିର୍ମାଣର ୩ ଦିନ ପରେ ରାସ୍ତା ଫାଟି ଚାରି ଫାଳ

ନୀଳଗିରି,(ସବ୍ୟୁ):ନୀଳଗିରି ବ୍ଲକର ମାଡୁଆ ଜେ.ଇ.ଙ୍କ ପୁଣି ଏକ କାରନାମା ସାମ୍ନାକୁ ଆସିଛି। ଏକ ପକ୍କା ରାସ୍ତା ନିର୍ମାଣର ୩ଦିନ ନ ପୁରୁଣୁ ଫାଟି ଆଁ କରିଛି। ଏହି ରାସ୍ତାଟି ଖୋଦ୍ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ନୀଳଗିରି ବ୍ଲକର ପିଠାହଟା ପଞ୍ଚାୟତର ଚତୁର୍ଭୁଜ ମହାକୁଡ଼ ଘର ଠାରୁ ପ୍ରଭାକର ନାୟକ ଘର ପର୍ଯ୍ୟନ୍ତ ଏକ ସି.ଏମ୍.ଏସ.ଏ. ଯୋଜନାରେ ୨୦୨୫/୨୬ଆର୍ଥିକ ବର୍ଷରେ ୬ ଲକ୍ଷ ଟଙ୍କାର ପକ୍କା ରାସ୍ତା ନିର୍ମାଣ ପାଇଁ ଅନୁଦାନ ରାଶି ଆସିଥିଲା। ଉକ୍ତ କାର୍ଯ୍ୟର ବ୍ଲକର ଯନ୍ତ୍ରୀ ରମେଶ ସିଂ ଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବେଳେ ଉକ୍ତ ରାସ୍ତାର ଅବସ୍ଥା କହିଲେ ନ ସରେ। ପାଖା ପାଖି ୪୦ଫୁଟ୍ ଲମ୍ବର ନୂତନ ପକ୍କା ରାସ୍ତା ଫାଟି ଚାରିଫାଳ ହୋଇ ଥିବାର ଦେଖିବାକୁ ମିଳିଛି। ନିର୍ମାଣର ମାତ୍ର ୩ଦିନ ପରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଉକ୍ତ ଅଂଶରେ ମେଟାଲ୍ ଦେଇ ନ ଥିବା ବେଳେ ବହୁ କମ୍ ସିମେଣ୍ଟ ଦେଇ କାର୍ଯ୍ୟ ହୋଇଥିବାର ଅଭିଯୋଗ କରିଛନ୍ତି। ପିଠାହଟା ପଞ୍ଚାୟତର ମାଟି ଖରାପ୍, ଏଥି ପାଇଁ ସବୁ କଂକ୍ରିଟ ରାସ୍ତା ଫାଟିବ ବୋଲି ସ୍ଥାନୀୟ ଜଣେ ବିଜେପିର କର୍ମୀ ପ୍ରକାଶ କରିଛନ୍ତି। ଯଦି ଉକ୍ତ ପଞ୍ଚାୟତର ମାଟିର ଦୋଷ, ତାହା ହେଲେ ସରକାରଙ୍କ କୋଟି କୋଟି ଟଙ୍କାର ପ୍ରକଳ୍ପ ନ ହେବା ଉଚିତ୍ ବୋଲି ଜଣେ ଶାସକ ଦଳର କର୍ମୀ ପ୍ରକାଶ କରିବା ସହ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି। ତେବେ ଯନ୍ତ୍ରୀ ରମେଶ ସିଂ ଉକ୍ତ ପ୍ରକଳ୍ପକୁ ସଠିକ୍ ଭାବେ ତଦାରକ କରି ନ ଥିବା ବେଳେ ହରିଲୁଟ୍ କରିବାର ପନ୍ଥା ଅବଲମ୍ବନ କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ଏନେଇ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଫୋନ୍ ଉଠାଇ ନଥିଲେ। ଏବାବଦରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଧର୍ମପ୍ରାଣ ସମାଜସେବୀ ଉମାକାନ୍ତ ଦାଶଙ୍କ ପରଲୋକ



ଅସୁରାଳି, (ସବ୍ୟୁ): ଧୂଷୁରୀ ସାହାସପୁର ପଞ୍ଚାୟତର ଧର୍ମପ୍ରାଣ, ସମାଜସେବୀ ତଥା ବରିଷ୍ଠ ନାଗରିକ ଉମାକାନ୍ତ ଦାଶଙ୍କ ଆଜି ସକାଳେ ତାଙ୍କ ସାହାସପୁର ସ୍ଥିତବାସଭବନରେ ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତା ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ଉମାକାନ୍ତ ଜଣେ ପରୋପକାରୀ, ଧର୍ମପ୍ରାଣ, ଆଧ୍ୟାତ୍ମ୍ୟବାଦୀ ବ୍ୟକ୍ତି ତଥା ଭେଣ୍ଡର ଭାବେ ଧୂଷୁରୀ ଅଂଚଳରେ ବେଶ ପରିଚିତ ଥିଲେ । ସେ ତାଙ୍କ ଇଷ୍ଟଦେବ ଶ୍ରୀ ରାଧାମୋହନ ଜୀଉଙ୍କ ପରମ ସେବକ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଧାମନଗର ବ୍ଲକର ପ୍ରାକ୍ତନ ନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଧୂଷୁରୀ ଏନଏସି ବିଜେଡି ସଭାପତି ସନ୍ଦୀପ ଶଙ୍କର ସାଇଁ, ସରପଂଚଙ୍କ ପ୍ରତିନିଧି ବିଜୟ ସାହୁ, ପ୍ରାକ୍ତନ ସରପଞ୍ଚଅମୂଲ୍ୟ ଦାଶ, ପ୍ରାକ୍ତନ ସରପଂଚ ଅନିରୁଦ୍ଧ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ତାଙ୍କ ମୃତ୍ୟଶଯ୍ୟା ନିକଟରେ ପତ୍ନୀ ପଦ୍ମାବତୀ ଦାଶ, ବଡପୁଅ କମଳାକାନ୍ତ, ଲକ୍ଷ୍ମୀକାନ୍ତ, ଶ୍ରୀକାନ୍ତ, ମୁକ୍ତିକାନ୍ତ, ଚୁକ୍ତିକାନ୍ତ, କନ୍ୟା-ବିଜୟାଲକ୍ଷ୍ମୀ, ସଜିଆଲତା, ପ୍ରଭାତୀ, ସାରତୀ, ଜାମାତା-ସତ୍ୟନାରାୟଣ ପତି, ରମେଶ ଚନ୍ଦ୍ର ପଣ୍ଡା, ଉମାକାନ୍ତ ତ୍ରିପାଠୀ, ପ୍ରଭାତ ପଣ୍ଡାଙ୍କ ସହ ନାତି-ଅମିତ, ସୁଶାନ୍ତ, ସତ୍ୟପ୍ରକାଶ, ଅନନ୍ତନାରାୟଣ, ଜ୍ୟୋତିପ୍ରକାଶ, ନାତୁଣୀ ତୁଣୀ-ଅନିତା, ବିନିତା, ସୁନୀତାଙ୍କ ସମେତ ପୁତୁରା ଅଜୟ ଦାଶ ଓ ଅଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ମୃତଦେହକୁ ଗ୍ରାମ ପରିକ୍ରମା ତାଙ୍କ ପୈତୃକ ବାଡ଼ିରେ ଶେଷକୃତ ସମ୍ପନ୍ନ କରାଯାଇଥିଲା । ବଡପୁଅ କମଳାକାନ୍ତ ଦାଶ ମୁଖାଗ୍ନି ଦେଇଥିଲେ ।

# କୁଲଡ଼ିହା ଅଭୟାରଣ୍ୟରୁ ଶିକାର ଉଦ୍ୟମ : ୬ ଶିକାରୀ ଗିରଫ

ନୀଳଗିରି ,(ସବ୍ୟୁ):କୁଲଡ଼ିହା ଅଭୟାରଣ୍ୟରେ ଶୀକାର ପାଇଁ ଉଦ୍ୟମ କରୁଥିବା ଘଟଣାରେ କୁଲଡ଼ିହା ବନବିଭାଗ ୬ଜଣ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଶିକାର ସରଞ୍ଜାମ ଜବତ କରିଛି। ଶୁକ୍ରବାରରାତିରେ ୬ଜଣ ଶିକାରୀ ଶିକାର ପାଇଁ ଉଦ୍ୟମ କରୁଥିବା ନେଇ ଖବର ପାଇ ବନ ବିଭାଗ ସେମାନଙ୍କ ଘରେ ଚଢ଼ାଉ କରି ୮ଟି ଦେଶୀ ବନ୍ଧୁକ, ୧୬ଟି ସୀସା ଗୋଳି, ୨୦ଗ୍ରାମ୍ କଳା ବାରୁଦ, ଗୋଟାଏ ଲୁହା ରଡ, ତିନୋଟି ଧନୁ, ୫ଟି ତୀର ଜବଦ କରିଛନ୍ତି। ଗିରଫ ୬ଜଣ ହେଲେ ନିଳଗିରି ବ୍ଲକର ସିଆଡ଼ିମାଳ ପଞ୍ଚାୟତର ମଦନ ସିଂ (୪୬), ଗୁରୁବା ସିଂ (୨୩), ଘନ ସିଂ (୨୮), ସନିଆ ସିଂ (୩୨), ମଙ୍ଗୁଲୁ ସିଂ (୩୧) ଦେବେନ୍ଦ୍ର ସିଂ (୨୬)। ଗିରଫ ସମସ୍ତ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ କୁଲଡ଼ିହା ର ଭାରପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀ, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନ, ହାତୀ ଖୋଲିଆ ଫରେଷ୍ଟର ଜୟନ୍ତ କୁମାର ପ୍ରଧାନ, ଫରେଷ୍ଟ ଗାର୍ଡ ଲାକ୍ସ୍ମି ପୁହାଣ, ରାକେଶ ବାରିକ ସାମିଲ୍ ଥିଲେ।

# ଛାତ୍ର କଂଗ୍ରେସର ବିଜୟ ଉତ୍ସବ ପାଳିତ



ବାଲେଶ୍ୱର,(ସବ୍ୟୁ):ଗତ ୯ ତାରିଖରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀ ପତ୍ର ଦାଖଲ ଓ ପ୍ରତ୍ୟାହାର ପ୍ରକ୍ରିୟା ସମାପ୍ତ ହେବା ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିଲା। ଏହି ପରିପ୍ରେକ୍ଷୀ ରେ ଏନ ଏସ ୟୁ ଆଇ ର କିଛି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ ରେ ନିର୍ବାଚିତ ହୋଇଛନ୍ତି। କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଓ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର କିଛି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତି ଥିବା ପରିପ୍ରେକ୍ଷୀରେ ସ୍ଥାନୀୟ କଂଗ୍ରେସ ଭବନରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଇଂ. ରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସଭା ଓ ଖବରଦାତା ସମ୍ମିଳନୀରେ ମହାବିଦ୍ୟାଳୟର କର୍ମଚାରୀ, ଅଧ୍ୟକ୍ଷ ଓ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ରେ ଥିବା ପୋଲିସ ଅଧିକାରୀଙ୍କ ପାତର ଅନ୍ତର ନୀତି ସହ ସୌମ୍ୟା ଶ୍ରୀ ବିଶିଙ୍କ ଆତ୍ମାହୁତି ପାଇଁ ଦାୟୀ ଥିବା ତଥାକଥିତ ଛାତ୍ରନେତାମାନେ କଲେଜରେ କିଭଳି ଛାତ୍ରୀମାନଙ୍କୁ ସୁରକ୍ଷା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି ତା ଉପରେ କଲେଜର ଛାତ୍ର ଛାତ୍ରୀମାନେ ଭୟ ମୁକ୍ତ ହୋଇ ପ୍ରଶ୍ନ ପଚାରିବାକୁ ଶ୍ରୀ ଦାସ କହିଥିଲେ। କାହାରି ଧମକ କିମ୍ବା ଅର୍ଥ ଲୋଭରେ ନ ପଡି ଏନଏସୟୁ ଆଇର ପ୍ରାର୍ଥୀ ମାନଙ୍କୁ ଜିତାଇବାକୁ ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଗୌତମ ସାହୁ, ଛାତ୍ର ନେତା ମିନାଜ ମଲ୍ଲିକ ପ୍ରମୁଖ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଲତା ଜେନା ହର୍ଷ ଖଣ୍ଡେଲୱାଲ,ଧରିତ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

ବାଲେଶ୍ୱର,(ସବ୍ୟୁ) :ଆସନ୍ତା ୧୭ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଶାରଦୀୟ ଦୁର୍ଗାପୂଜାକୁ ବାଲେଶ୍ୱରରେ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ପାଳନ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ପୌରାଧ୍ୟକ୍ଷା ବାଲେଶ୍ୱର ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିବ୍ୟଜ୍ୟୋତି ଦାଶ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପରେଶ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଦୁର୍ଗାପୂଜା ଅବସରରେ ଆଇନଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ଶୋଭାଯାତ୍ରାର ସୁପରିଚାଳନା ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପୂଜା କମିଟିଗୁଡ଼ିକୁ ନିର୍ଦ୍ଧାରିତ ନିୟମ ଓ ପ୍ରଶାସନିକ ନିର୍ଦ୍ଦେଶାବଳୀ ପାଳନ କରିବା ସହିତ ଶାନ୍ତି ଓ ଶୃଙ୍ଖଳା ରକ୍ଷାରେ ପ୍ରଶାସନକୁ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା। ବୈଠକରେ ଡିଜେ ଓ ଉଚ୍ଚ ଶବ୍ଦଯୁକ୍ତ ମାଇକର ବ୍ୟବହାର ସମ୍ପର୍କିତ ନିୟମ ପାଳନ, ମେଢ଼ର ଉଚ୍ଚତା ସମ୍ପର୍କିତ ନିୟମ ପାଳନ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଧ୍ୱନି ପରିବେଷଣ, ଉଚ୍ଚ ଶବ୍ଦଯୁକ୍ତ ବାଣର ବାରଣ, ଶୋଭାଯାତ୍ରା ସମୟରେ ଯାତାୟାତ ବ୍ୟବସ୍ଥାକୁ ବାଧା ନଦେବା ଏବଂ ମଦ୍ୟପାନ ଠାରୁ ଦୂରେଇ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପୂଜା ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଉପରେ ପୋଲିସର ତୀକ୍ଷ୍ଣ ନଜର ରହିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଆସନ୍ତା ୨୨ ଅକ୍ଟୋବରରେ ଭସାଣି ଉତ୍ସବ ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଦୁର୍ଗାପୂଜା ହେଉଛି ଭାଇଚାରା, ସାମାଜିକ ଏକତା ଓ ସୌହାର୍ଦ୍ଦ୍ୟର ପର୍ବ। ତେଣୁ ସମସ୍ତେ ପରସ୍ପରର ଧାର୍ମିକ ଭାବନାକୁ ସମ୍ମାନ ଦେଇ ଶାନ୍ତିପୂର୍ଣ୍ଣ ଭାବେ ପୂଜା ପାଳନ କରିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା। ପୂଜା କମିଟି, ପୋଲିସ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ଦୁର୍ଗା ପୂଜା ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା।ଏହି ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀ, ଶାନ୍ତି କମିଟିର ସଦସ୍ୟ, ଦୁର୍ଗାପୂଜା କମିଟିର କର୍ମକର୍ତ୍ତା, ଜନପ୍ରତିନିଧି, ସାମ୍ବାଦିକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଯୋଗଦେଇ ଦୁର୍ଗା ପୂଜାର ସୁପରିଚାଳନା ନେଇ ଆଲୋଚନା କରିଥିଲେ।

## ସମ୍ପାଦକୀୟ

# ବିକ୍ଷୋଭ ସ୍ଥଳର ପରିବର୍ତ୍ତନ କରାଯାଉ

ନୂଆଦିଲ୍ଲୀରେ ବିକ୍ଷୋଭସ୍ଥଳ ଯନ୍ତରମନ୍ତରଠାରେ କଂଗ୍ରେସ ଓ ତା'ର ସହଯୋଗୀ ଇଣ୍ଡିମେଣ୍ଟ ପକ୍ଷରୁ ଅନବରତ ବିକ୍ଷୋଭ ପ୍ରଦର୍ଶନ କରା ଯାଉଥିଲା । ଦେଶର କୃଷକ, ପେନସନ ପାଉଥିବା ଲୋକେ ଓ ବିଭିନ୍ନ ଶ୍ରମିକ ସଂସ୍ଥା ମଧ୍ୟ ସେହି ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥାନ୍ତି । ଫଳରେ ଭାରତର ରାଜଧାନୀ ନୂଆଦିଲ୍ଲୀରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ତ ହୋଇଥାଏ, ପୁଣି ହଜାର ହଜାର ଯାତ୍ରୀ ଜରୁରୀ କାମରେ ଯାଇ ନ ପାରି ଘୋର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଯନ୍ତରମନ୍ତରରେ ବିରୋଧୀ ଦଳ ଓ ଇଣ୍ଡି ମେଣ୍ଟର ଏହି ବିକ୍ଷୋଭ କରିବା ବେଳେ ନୂଆଦିଲ୍ଲୀର ପ୍ରାୟ ୪୫ଟି ମେଟ୍ରୋ ରେଳ ଷ୍ଟେସନ ବନ୍ଦ ହେବାକୁ ବାଧ୍ୟ ହେଲା । ସେ ବାଟ ଦେଇ ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନବାହନ ତଥା ପରିବହନ କାର୍ଯ୍ୟରେ ଲାଗିଥିବା ଛୋଟରୁ ବଡ଼ ଗାଡ଼ି ପ୍ରଭୃତି ମଧ୍ୟ ଦୀର୍ଘ ସମୟ ଧରି ଅଟକି ରହିଥିଲେ । ବିକ୍ଷୋଭକାରୀମାନଙ୍କ ଦୁଃଖଠାରୁ ଯାତ୍ରୀମାନଙ୍କର ଦୁଃଖ ବଳି ପଡ଼ିଥିଲା । ବିଭିନ୍ନ ଗଣମାଧ୍ୟମ ବିକ୍ଷୋଭକାରୀମାନଙ୍କ କଥାକୁ, ପ୍ରତିବାଦକୁ ନିଜ ନିଜ ଗଣମାଧ୍ୟମ ଜରିଆରେ ପ୍ରସାରିତ ଓ ପ୍ରଚାରିତ କରିଥିଲେ । ମାତ୍ର ରାସ୍ତା ମଝିରେ ଅଟକି ଥିବା ଲୋକଙ୍କର ଦୁର୍ଦ୍ଦଶା ବୁଝିଲା କିଏ ? ଘରୁ ବାହାରୁଥିବା ଯାତ୍ରୀମାନେ ଯେତେବେଳେ ଜାଣିବେ ଯେ ଯାତ୍ରୀମାନଙ୍କର ଗାଡ଼ି ସବୁ ବାତିଲ ହୋଇ ଯାଇଛି, ସେମାନେ କେତେ ମନ ଦୁଃଖରେ ନଥିବେ ? ରୋଗୀମାନେ ମଧ୍ୟ ଖୁବ୍ ହିନସ୍ତା ହୋଇଥିବେ । ତେବେ ଦେଶର ସର୍ବୋଚ୍ଚ ଅଦାଲତ ଏ ସବୁ ଦେଖି ବା ଜାଣି ଖପ୍ପା ହୋଇଛନ୍ତି । ଏ କ୍ଷେତ୍ରରେ 'ନିଷେଧାଦେଶ ନୁହେଁ, ନିୟନ୍ତ୍ରଣ ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ ମଧ୍ୟ ସରକାରଙ୍କୁ ତାଗିଦ କରିଛନ୍ତି ।

**ସାଧାରଣଃ ବିଧାନସଭାର ଅଧିବେଶନ ଚାଲିଥିବା ବେଳେ ଏହି ବିକ୍ଷୋଭକାରୀମାନେ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥା'ନ୍ତି ! ବିଧାନସଭା ନିକଟକୁ ବିକ୍ଷୋଭକାରୀମାନଙ୍କୁ ଛଡା ନ ଯାଉ ପଛେ, ମେଡିଆ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ନେତାମାନେ କହିଦେଇ ଗଳଦଘର୍ମ । ସେମାନେ ଅଟକି ରହିଥିବା ଯାତ୍ରୀ, ଟ୍ରେନ ବା ବସ୍ ଓ ଅନ୍ୟାନ୍ୟ ଗାଡ଼ି ମୋଟରରେ ଦୁର୍ଦ୍ଦଶା ଭୋଗ କରୁଥିବା ଯାତ୍ରୀମାନଙ୍କ ପାଇଁ ସମବେଦନା ମଧ୍ୟ ପ୍ରକାଶ କରନ୍ତି ନାହିଁ ।**

ସେହିପରି ଭୁବନେଶ୍ୱର ରାଜଧାନୀର ପିଏମ୍‌ଜି ଛକ ସମେତ ପିଏମ୍‌ଜିରୁ ଷ୍ଟେସନ ଛକ ପର୍ଯ୍ୟନ୍ତ ମୁଖ୍ୟ ସଡ଼କ ପଥରେ ସତେ ଯେପରି ବିକ୍ଷୋଭକାରୀମାନେ ବେଳ କାଳ ଦେଖି ବିକ୍ଷୋଭ ପ୍ରଦର୍ଶନ କରନ୍ତି । ଯିବା ଓ ଆସିବା ସେ ବାଟ ଦେଇ ବନ୍ଦ ହେବା ଯୋଗୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଜରୁରୀ କାମରେ ରୋଗୀ, ଛାତ୍ରଛାତ୍ରୀ ବା ଅନ୍ୟମାନେ ସେ ବାଟେ ଯାଇ ନପାରି ଖୁବ୍ ଅସୁବିଧାରେ ପଡ଼ନ୍ତି । ତେବେ ଭୁବନେଶ୍ୱର ମହାନଗର ନିଗମ ସମ୍ଭବତଃ ବିକ୍ଷୋଭସ୍ଥଳରେ ବା ବଡ଼ ବଡ଼ ଗଛମୂଳରେ ବସିବାକୁ ବା ବିକ୍ଷୋଭ କରିବାକୁ ପଇସା ନେଇ ଲାଇସେନ୍ସ ଦେଉଥିବେ । ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ବିଧାୟକ, ପଦାଧିକାରୀ, ସାମ୍ବାଦିକମାନେ ମଧ୍ୟ ସେହି ବିକ୍ଷୋଭସ୍ଥଳରେ ଥିବା ସରକାରୀ ଅଟ୍ଟାଳିକାମାନଙ୍କରେ ରହିଥା'ନ୍ତି । ଅବଶ୍ୟ ସୁରକ୍ଷାକର୍ମୀଙ୍କ ସହାୟତାରେ ସେମାନେ ଘର ଭିତରକୁ ଯାଇଥା'ନ୍ତି ବା ବାହାରକୁ ଆସନ୍ତି । ତେବେ ସ୍ୱାଧୀନତାର ଅଶୀ ବର୍ଷରେ ଆମେ ପାଦ ଦେଇଥିବା ବେଳେ ମନେ ହୋଇଥାଏ ଯେ ଭୁବନେଶ୍ୱର ମହାନଗର ନିଗମ ବା ସ୍ୱାୟତ୍ତଶାସନ ସଂସ୍ଥା ଯେପରି ନିଜ ଆୟତରେ ନାହିଁ । ବିକ୍ଷୋଭକାରୀମାନେ ଯେଉଁ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରନ୍ତି, ସେ ସ୍ଥାନକୁ ପରିଷ୍କାର ବା ପରିଚ୍ଛନ୍ନ ରଖାଯାଏ ମଧ୍ୟ ନାହିଁ । ଛୋଟ ଛୋଟ ଖାଇବା ଦୋକାନ ବା ଅନ୍ୟାନ୍ୟ ଠେଲାଗାଡ଼ି ଆସି ବିକ୍ଷୋଭକାରୀମାନଙ୍କ ନିକଟରେ ପହଞ୍ଚି ଯାଆନ୍ତି।

ସାଧାରଣତଃ ବିଧାନସଭାର ଅଧିବେଶନ ଚାଲିଥିବା ବେଳେ ଏହି ବିକ୍ଷୋଭକାରୀମାନେ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥା'ନ୍ତି । ବିଧାନସଭା ନିକଟକୁ ବିକ୍ଷୋଭକାରୀମାନଙ୍କୁ ଛଡା ନ ଯାଉ ପଛେ, ମେଡିଆ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ନେତମାନେ ବାଇଟ୍ ଦେଇ ଗଳଦଘର୍ମ। ସେମାନେ ଅଟକି ରହିଥିବା ଯାତ୍ରୀ, ଟ୍ରେନ ବା ବସ୍ ଓ ଅନ୍ୟାନ୍ୟ ଗାଡ଼ି ମୋଟରରେ ଦୁର୍ଦ୍ଦଶା ଭୋଗ କରୁଥିବା ଯାତ୍ରୀମାନଙ୍କ ପାଇଁ ସମବେଦନା ମଧ୍ୟ ପ୍ରକାଶ କରନ୍ତି ନାହିଁ ।

ତେବେ ବିକ୍ଷୋଭ ସ୍ଥଳ ଦିଲ୍ଲୀରେ ବା ଭୁବନେଶ୍ୱରରେ ଦୂର ସ୍ଥାନକୁ ପରିବର୍ତ୍ତନ କରି ସରକାର ବିକ୍ଷୋଭକାରୀ ଓ ଦୁର୍ଦ୍ଦଶାଗ୍ରସ୍ତ ଯାତ୍ରୀଙ୍କ ଦୁଃଖ ଦୂର କରିବା ଉଚିତ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭବିଷ୍ୟତର ଗାନ୍ଧୀ: ଏକ ଦିଗ୍‌ଦର୍ଶନ



ମଧୁସୂଦନ ମିଶ୍ର

ମହାତ୍ମା ଗାନ୍ଧିଙ୍କୁ କେବଳ ଭାରତର ସ୍ୱାଧୀନତା ଆନ୍ଦୋଳନର ଜଣେ ମହାନ ନେତା ଭାବେ ଦେଖିବା ତାଙ୍କ ଚିନ୍ତାର ବିଶାଳତାକୁ ସୀମିତ କରିଦେବ । ସେ ଏକ ଯୁଗର ନେତା ଥିଲେ, କିନ୍ତୁ ତାଙ୍କ ଚିନ୍ତା ଏକ ଯୁଗରେ ବନ୍ଦୀ ନୁହେଁ । ଆଜି ବିଶ୍ୱ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ୍ ବିପ୍ଳବ, ଜୀବପ୍ରଯୁକ୍ତି, ଅନ୍ତର୍ଜାତୀୟ ଅର୍ଥନୀତି ଓ ଅଭୂତପୂର୍ବ ସଂଯୋଗର ଯୁଗରେ ପ୍ରବେଶ କରିଛି । ତଥାପି ମଣିଷର ମୌଳିକ ପ୍ରଶ୍ନ ବଦଳି ନାହିଁ–ଶକ୍ତି କିପରି ବ୍ୟବହୃତ ହେବ, ସତ୍ୟ କିପରି ସୁରକ୍ଷିତ ରହିବ, ମତଭେଦ କିପରି ଶତ୍ରୁତାରେ ପରିଣତ ହେବ ନାହିଁ ଏବଂ ବିକାଶ କିପରି ମାନବୀୟ ମର୍ଯ୍ୟାଦା ସହିତ ସମନ୍ୱିତ ରହିବ । ଏହି ପ୍ରଶ୍ନଗୁଡ଼ିକ ଗାନ୍ଧିଙ୍କୁ ଆଜି ମଧ୍ୟ ପ୍ରାସଙ୍ଗିକ କରି ରଖିଛି ।

୨ ଅକ୍ଟୋବରକୁ ସଂଯୁକ୍ତ ରାଷ୍ଟ୍ରସଂଘ 'ଅନ୍ତର୍ଜାତୀୟ ଅହିଂସା ଦିବସ' ଭାବେ ପାଳନ କରିବା ଗାନ୍ଧିଙ୍କ ଚିନ୍ତାର ବିଶ୍ୱଜନୀନ ସ୍ୱୀକୃତିର ଏକ ଉଲ୍ଲେଖନୀୟ ଉଦାହରଣ । ୨୦୦୭ରେ ଜାତିସଂଘ ସାଧାରଣ ସଭା ଏହି ଦିବସକୁ ଅହିଂସା, ଶାନ୍ତି, ସହିଷ୍ଣୁତା ଓ ବୁଝାମଣାର ସଂସ୍କୃତିକୁ ପ୍ରୋତ୍ସାହନ ଦେବାର ଅବସର ଭାବେ ଘୋଷଣା କରିଥିଲା । ଏହା ଦର୍ଶାଏ ଯେ ଗାନ୍ଧିଙ୍କ ଉତ୍ତରାଧିକାର କେବଳ ଭାରତୀୟ ନୁହେଁ ଏହା ବିଶ୍ୱ ମାନବତାର ଏକ ନୈତିକ ସମ୍ପଦ ।

ଗାନ୍ଧିଙ୍କ ଚିନ୍ତାର ପ୍ରଥମ ମୂଳସ୍ତମ୍ଭ ହେଉଛି ସତ୍ୟ । ତାଙ୍କ ପାଇଁ ସତ୍ୟ କେବଳ ବ୍ୟକ୍ତିଗତ ଗୁଣ ନୁହେଁ ଏହା ରାଜନୀତି, ସମାଜ ଓ ଜନଜୀବନର ନୈତିକ ଆଧାର । ସତ୍ୟାଗ୍ରହର ଅର୍ଥ ଥିଲା ସତ୍ୟ ପାଇଁ ଆଗ୍ରହ, କିନ୍ତୁ ସେହି ଆଗ୍ରହରେ ଘୃଣା ନଥିଲା ।

ଆଜିର ଡିଜିଟାଲ୍ ଯୁଗରେ ଏହି ଚିନ୍ତାର ମହତ୍ତ୍ୱ ଅଧିକ । ସାମାଜିକ ମାଧ୍ୟମ ଯୋଗାଯୋଗକୁ ସହଜ କରିଛି, କିନ୍ତୁ ମିଥ୍ୟା ସୂଚନା, ଅପପ୍ରଚାର ଓ ଘୃଣାର ପ୍ରସାରକୁ ମଧ୍ୟ ଅଭୂତପୂର୍ବ ଗତି ଦେଇଛି । କୌଣସି ସୂଚନା ପଠାଇବା ପୂର୍ବରୁ ତାହା ଯାଞ୍ଚ କରିବା, ଅଭିଯୋଗ ପୂର୍ବରୁ ପ୍ରମାଣ ଖୋଜିବା ଏବଂ ଭିନ୍ନ ମତକୁ ଶୁଣିବା ଆଜିର ଏକ ନୂଆ ଡିଜିଟାଲ୍ ସତ୍ୟାଗ୍ରହ ହୋଇପାରେ ।

'ଅହିଂସା' ଗାନ୍ଧିଙ୍କ ଦ୍ୱିତୀୟ ମହାନ ଅବଦାନ । ଅହିଂସାକୁ ଦୁର୍ବଳତା ବୋଲି ବୁଝିବା ତାଙ୍କ ଦର୍ଶନକୁ ଭୁଲ୍ ବୁଝିବା । ଅନ୍ୟାୟକୁ ପ୍ରତିରୋଧ କରିବା ପାଇଁ ଯେ ନୈତିକ ସାହସ ଆବଶ୍ୟକ, ଅହିଂସା ସେହି ସାହସକୁ ଶକ୍ତିରେ ପରିଣତ କରେ । ୧୯୩୦ର 'ଦାଣ୍ଡି ଯାତ୍ରା' ଏହାର ଐତିହାସିକ ଉଦାହରଣ ।

ପରବର୍ତ୍ତୀ କାଳରେ ମାର୍ଟିନ୍ ଲୁଥର କିଙ୍ଗ ଜୁନିଅରଙ୍କ ନାଗରିକ ଅଧିକାର ଆନ୍ଦୋଳନ ସହିତ ବିଶ୍ୱର ଅନେକ ଶାନ୍ତି ଆନ୍ଦୋଳନ ଗାନ୍ଧୀୟ ଚିନ୍ତାରୁ ପ୍ରେରଣା ପାଇଥିଲା । ଆଜିର ଗଣତନ୍ତ୍ରରେ ମଧ୍ୟ ଏହି ଶିକ୍ଷା ଗଭୀର ଭାବେ ପ୍ରାସଙ୍ଗିକ । ମତଭେଦ ଗଣତନ୍ତ୍ରର ସ୍ୱାଭାବିକ ଅଂଶ, ଶତ୍ରୁତା ନୁହେଁ । ବିରୋଧର ଲକ୍ଷ୍ୟ ଅନ୍ୟକୁ ଧ୍ୱଂସ କରିବା ନୁହେଁ, ତାଙ୍କ ବିବେକକୁ ସ୍ପର୍ଶ କରିବା ।

ଗାନ୍ଧିଙ୍କ ଅର୍ଥନୈତିକ ଚିନ୍ତାରେ 'ଟ୍ରଷ୍ଟିସିପ୍' ଏକ ମହତ୍ତ୍ୱପୂର୍ଣ୍ଣ ଧାରଣା । ସମ୍ପଦ ଉପରେ ଅଧିକାର ସହିତ ସାମାଜିକ ଦାୟିତ୍ୱ ମଧ୍ୟ ରହିଥାଏ । ଆଜି ବିଶ୍ୱ ଅଭୂତପୂର୍ବ ସମ୍ପଦ ଓ ପ୍ରଯୁକ୍ତିଗତ ସମୃଦ୍ଧି ଦେଖୁଥିବା ବେଳେ ଆୟ ଓ ସମ୍ପଦର ବିଷମତା ମଧ୍ୟ ଏକ ବଡ଼ ସାମାଜିକ ପ୍ରଶ୍ନ । ତେଣୁ ଅର୍ଥନୀତିର ସଫଳତା କେବଳ ସମ୍ପଦ ସୃଷ୍ଟିରେ ନୁହେଁ ସେହି ସମ୍ପଦ ମାନବ ଜୀବନକୁ କେତେ ସୁଯୋଗ, ସୁରକ୍ଷା ଓ ମର୍ଯ୍ୟାଦା ଦେଉଛି, ତହିଁରେ ମଧ୍ୟ ରହିଛି ।

**ମାନବଜାତି ଆଜି ଏମିତି ଏକ ସମୟରେ ଠିଆ ହୋଇଛି, ଯେଉଁଠାରେ ପ୍ରଯୁକ୍ତିର ଶକ୍ତି ଅଭୁତପୂର୍ବ । ଆମେ ତଥ୍ୟକୁ କ୍ଷଣମାତ୍ରେ ପୃଥିବୀର ଯେକୌଣସି ସ୍ଥାନକୁ ପଠାଇପାରୁ, ଜଟିଳ ରୋଗର ଚିକିତ୍ସା ଖୋଜିପାରୁ, ଅନ୍ତରୀକ୍ଷ ଅନୁସନ୍ଧାନ କରିପାରୁ ଏବଂ ମେସିନକୁ ଶିଖାଇପାରୁ । କିନ୍ତୁ ଏହି ଅପାର କ୍ଷମତା ସହିତ ନୈତିକ ଦାୟିତ୍ୱ ମଧ୍ୟ ବଢ଼ିଛି । ଶକ୍ତି ବଢ଼ିଲେ ବିବେକ ମଧ୍ୟ ବଢ଼ିବା ଆବଶ୍ୟକ ।**

ପରିବେଶ ସଙ୍କଟ ଗାନ୍ଧିଙ୍କ ସରଳତା ଓ ସଂଯମର ଚିନ୍ତାକୁ ନୂଆ ମହତ୍ତ୍ୱ ଦେଇଛି । ପୃଥିବୀର ସମ୍ପଦ ସୀମିତ, କିନ୍ତୁ ମଣିଷର ଚାହିଦା ବଢ଼ି ଚାଲିଛି । ଅତ୍ୟଧିକ ଉପଭୋଗ, ଅପଚୟ ଓ ଅନିୟନ୍ତ୍ରିତ ସମ୍ପଦ ବ୍ୟବହାର ପରିବେଶୀୟ ଅସନ୍ତୁଳନକୁ ତୀବ୍ର କରୁଛି । ଗାନ୍ଧିଙ୍କ ସରଳ ଜୀବନ ଆଧୁନିକତାକୁ ଅସ୍ୱୀକାର କରେ ନାହିଁ ଏହା ଦାୟିତ୍ୱଶୀଳ ଉପଭୋଗର ଆହ୍ୱାନ କରେ । ବିକାଶ ଆବଶ୍ୟକ, କିନ୍ତୁ ଏମିତି ବିକାଶ ଯାହା ଆଗାମୀ ପିଢ଼ିର ଅଧିକାରକୁ କ୍ଷୁଣ୍ଣ ନ କରେ ।

କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ ଗାନ୍ଧିଙ୍କ ନୈତିକ ଚିନ୍ତା ଆହୁରି ପ୍ରସଙ୍ଗିକ ହୋଇଛି । କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗବେଷଣା, ଶିଳ୍ପ ଓ ଶାସନକୁ ପରିବର୍ତ୍ତନ କରିପାରେ । କିନ୍ତୁ ପ୍ରଯୁକ୍ତିଗତ କ୍ଷମତା ଯଦି ନୈତିକ ବିବେକରୁ ବିଚ୍ଛିନ୍ନ ହୁଏ, ତେବେ ଏହା ଅସମାନତା, ନିରୀକ୍ଷଣ, ଅପପ୍ରଚାର ଓ ମାନବୀୟ ସ୍ୱାଧୀନତା ପାଇଁ ନୂଆ ପ୍ରଶ୍ନ ସୃଷ୍ଟି କରିପାରେ ।

ତେଣୁ କୃତ୍ରିମ ବୁଦ୍ଧିମତ୍ତା ଯୁଗର ପ୍ରଶ୍ନ କେବଳ 'ମେସିନ୍ କ'ଣ କରିପାରିବ?' ନୁହେଁ 'ମଣିଷ କ'ଣ କରିବା ଉଚିତ?' ମଧ୍ୟ ଅଟେ । ପ୍ରଯୁକ୍ତି ମଣିଷର ସେବକ ହେବା ଦରକାର, ମଣିଷର ବିବେକର ପରିବର୍ତ୍ତନ ନୁହେଁ ।

ସ୍ୱରାଜ ଗାନ୍ଧିଙ୍କ ଚିନ୍ତାର ଆଉ ଏକ ଗଭୀର ଦିଗ । ତାଙ୍କ ପାଇଁ ସ୍ୱରାଜ କେବଳ ରାଜନୈତିକ ସ୍ୱାଧୀନତା ନୁହେଁ ଏହା ଆତ୍ମନିୟନ୍ତ୍ରଣ, ଦାୟିତ୍ୱଶୀଳ ନାଗରିକତା ଓ ସ୍ଥାନୀୟ ଅଂଶଗ୍ରହଣର ଧାରଣା । ଗ୍ରାମ ସ୍ୱରାଜର ଆତ୍ମା ଆଜି ବିକେନ୍ଦ୍ରୀକରଣ, ପଞ୍ଚାୟତିରାଜ ଓ ଅଂଶଗ୍ରହଣମୂଳକ ଶାସନରେ ଦେଖାଯାଇ ପାରେ । ନୀତି ଯେତେବେଳେ ଲୋକଙ୍କ ଜୀବନକୁ ସ୍ପର୍ଶ କରେ, ସେତେବେଳେ ଶାସନ ଅର୍ଥପୂର୍ଣ୍ଣ ହୁଏ ।

ଶିକ୍ଷା କ୍ଷେତ୍ରରେ ମଧ୍ୟ ଗାନ୍ଧିଙ୍କ ଚିନ୍ତା ଆଜି ନୂଆ ଅର୍ଥ ପାଇଛି । ଶିକ୍ଷା କେବଳ ପରୀକ୍ଷା, ଡିଗ୍ରୀ ଓ ଚାକିରି ପାଇଁ ନୁହେଁ । ଏହା ମଣିଷର ଚରିତ୍ର, ବିବେକ, ସୃଜନଶୀଳତା, ସହାନୁଭୂତି ଓ ସାମାଜିକ ଦାୟିତ୍ୱକୁ ବିକଶିତ କରିବାର ପ୍ରକ୍ରିୟା । ପ୍ରଯୁକ୍ତିଗତ ଭାବେ ଦକ୍ଷ କିନ୍ତୁ ନୈତିକ ଭାବେ ଦୁର୍ବଳ ଜଣେ ବ୍ୟକ୍ତି ସମାଜ ପାଇଁ ସମ୍ପୂର୍ଣ୍ଣ ଶକ୍ତି ନୁହେଁ । ଜ୍ଞାନ ସହିତ ବିବେକର ବିକାଶ ହିଁ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ।

ଶ୍ରମର ମର୍ଯ୍ୟାଦା ବିଷୟରେ ଗାନ୍ଧିଙ୍କ ଚିନ୍ତା ମଧ୍ୟ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ । ସ୍ୱୟଂଚାଳନ ଓ କୃତ୍ରିମ ବୁଦ୍ଧିମତ୍ତା ଅନେକ ପେଶାର ରୂପ ବଦଳାଇବ । ଏହି ପରିବର୍ତ୍ତନରେ ମଣିଷର ଶ୍ରମକୁ କେବଳ ଏକ ଖର୍ଚ୍ଚ ଭାବେ ଦେଖାଯିବା ଉଚିତ ନୁହେଁ । କାମ ମଣିଷକୁ କେବଳ ଆୟ ଦେଉନାହିଁ ଏହା ମର୍ଯ୍ୟାଦା, ପରିଚୟ, ସ୍ୱାଭିମାନ ଓ ସାମାଜିକ ଅଂଶଗ୍ରହଣ ମଧ୍ୟ ଦେଇଥାଏ । ତେଣୁ ଭବିଷ୍ୟତର ଅର୍ଥନୀତିକୁ କୌଶଳ ବିକାଶ, ପୁନଃପ୍ରଶିକ୍ଷଣ ଓ ମାନବୀୟ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ହେବ ।

ଗାନ୍ଧିଙ୍କ ସାମ୍ପ୍ରଦାୟିକ ସମନ୍ୱୟର ଆହ୍ୱାନ ଆଜିର ବିଶ୍ୱରେ ଆହୁରି ଆବଶ୍ୟକ । ଧର୍ମ, ଭାଷା, ଜାତି, ଅଞ୍ଚଳ ଓ ଚିନ୍ତାଧାରାର ଭିନ୍ନତା ସମାଜର ସ୍ୱାଭାବିକ ବିବିଧତା । କିନ୍ତୁ ଯେତେବେଳେ ଏହି ପରିଚୟଗୁଡ଼ିକ ଘୃଣାର ଆଧାର ହୋଇଯାଏ, ସେତେବେଳେ ସାମାଜିକ ଏକତା ଦୁର୍ବଳ ହୁଏ । ଗାନ୍ଧିଙ୍କ ସର୍ବଧର୍ମ ସମଭାବ ଓ ମାନବୀୟ ଏକତାର ଧାରଣା ଆମକୁ ସ୍ମରଣ କରାଏ ଯେ ବିବିଧତା ଏକ ବିପଦ ନୁହେଁ ଏହା ଏକ ସମୃଦ୍ଧି ।

ତାଙ୍କ ଚିନ୍ତା, ପରୀକ୍ଷା, ସାମାଜିକ ମତ ଓ ଐତିହାସିକ ନିଷ୍ପତ୍ତିଗୁଡ଼ିକୁ ଗବେଷଣା, ଆଲୋଚନା ଓ ସମାଲୋଚନାର ଆଲୋକରେ ବୁଝିବା ଆବଶ୍ୟକ । ଗାନ୍ଧିଙ୍କୁ ସମ୍ମାନ କରିବାର ଅର୍ଥ ତାଙ୍କ ପ୍ରତ୍ୟେକ କଥାକୁ ଅନ୍ଧଭାବେ ଗ୍ରହଣ କରିବା ନୁହେଁ ବରଂ ସେ ଉଠାଇଥିବା ନୈତିକ ପ୍ରଶ୍ନଗୁଡ଼ିକୁ ନିଜ ସମୟର ଆଲୋକରେ ପୁନଃପରୀକ୍ଷା କରିବା ।

ଗାନ୍ଧିଙ୍କ ପ୍ରକୃତ ପ୍ରାସଙ୍ଗିକତା ଏହିଠାରେ ରହିଛି ।

ସେ ଆମକୁ ଅତୀତର ଆଦର୍ଶ କେବଳ ଦେଇନାହାନ୍ତି, ସେ ବର୍ତ୍ତମାନକୁ ପରୀକ୍ଷା କରିବାର ଏକ ନୈତିକ ମାପକ ଦେଇଛନ୍ତି । ଆମର ରାଜନୀତି କେତେ ନୈତିକ, ଆମର ଅର୍ଥନୀତି କେତେ ସମାବେଶୀ, ଆମର ପ୍ରଯୁକ୍ତି କେତେ ମାନବୀୟ, ଆମର ବିକାଶ କେତେ ସ୍ଥାୟୀ, ଆମର ମତଭେଦ କେତେ ସଭ୍ୟ ଏବଂ ଆମର ସ୍ୱାଧୀନତା କେତେ ଦାୟିତ୍ୱଶୀଳ–ଏହି ପ୍ରଶ୍ନଗୁଡ଼ିକ ଆଜି ମଧ୍ୟ ଅନିବାର୍ଯ୍ୟ ।

ଆଜି ଗାନ୍ଧିଙ୍କୁ ସ୍ମରଣ କରିବାର ସର୍ବୋତ୍ତମ ଉପାୟ କେବଳ ତାଙ୍କ ପ୍ରତିମାରେ ପୁଷ୍ପ ଅର୍ପଣ କରିବା ନୁହେଁ । ମିଥ୍ୟା ସୂଚନାକୁ ପ୍ରତିରୋଧ କରିବା, ଘୃଣା ବଦଳରେ ସଂଳାପ ବାଛିବା, ପ୍ରକୃତିକୁ ସୁରକ୍ଷା କରିବା, ଶ୍ରମକୁ ସମ୍ମାନ ଦେବା, ଦୁର୍ବଳଙ୍କ ଅଧିକାରକୁ ରକ୍ଷା କରିବା ଓ ମତଭେଦକୁ ମାନବୀୟ ମର୍ଯ୍ୟାଦା ସହିତ ପରିଚାଳନା କରିବା–ଏହା ହିଁ ଆଧୁନିକ ଗାନ୍ଧୀୟତା ।

ମାନବଜାତି ଆଜି ଏମିତି ଏକ ସମୟରେ ଠିଆ ହୋଇଛି, ଯେଉଁଠାରେ ପ୍ରଯୁକ୍ତିର ଶକ୍ତି ଅଭୁତପୂର୍ବ । ଆମେ ତଥ୍ୟକୁ କ୍ଷଣମାତ୍ରେ ପୃଥିବୀର ଯେକୌଣସି ସ୍ଥାନକୁ ପଠାଇପାରୁ, ଜଟିଳ ରୋଗର ଚିକିତ୍ସା ଖୋଜିପାରୁ, ଅନ୍ତରୀକ୍ଷ ଅନୁସନ୍ଧାନ କରିପାରୁ ଏବଂ ମେସିନକୁ ଶିଖାଇପାରୁ । କିନ୍ତୁ ଏହି ଅପାର କ୍ଷମତା ସହିତ ନୈତିକ ଦାୟିତ୍ୱ ମଧ୍ୟ ବଢ଼ିଛି । ଶକ୍ତି ବଢ଼ିଲେ ବିବେକ ମଧ୍ୟ ବଢ଼ିବା ଆବଶ୍ୟକ ।

ସମ୍ଭବତଃ ଏହିଠାରେ ଗାନ୍ଧିଙ୍କ ସବୁଠାରୁ ବଡ଼ ଆଧୁନିକ ପ୍ରାସଙ୍ଗିକତା ଲୁଚିଛି । ଯେଉଁ ଯୁଗ ସମସ୍ତଙ୍କ ସହିତ କ୍ଷଣମାତ୍ରେ ସଂଯୋଗ କରିପାରେ, ସେହି ଯୁଗକୁ ପରସ୍ପର ବୁଝିବା ଉଚିତ । ଯେଉଁ ସଭ୍ୟତା ପ୍ରାୟ ସବୁକିଛି ଉତ୍ପାଦନ କରିପାରେ, ତାହାକୁ କ'ଣ ପ୍ରକୃତରେ ଆବଶ୍ୟକ ତାହା ମଧ୍ୟ ଶିଖିବାକୁ ହେବ ଏବଂ ଯେଉଁ ମାନବଜାତି ନିଜକୁ ଧ୍ୱଂସ କରିବାର କ୍ଷମତା ଅର୍ଜନ କରିଛି, ତାହାକୁ ଶାନ୍ତି ବାଛିବାର ସାହସ ମଧ୍ୟ ଅର୍ଜନ କରିବାକୁ ହେବ ।

ଗାନ୍ଧି ତେଣୁ କେବଳ ଅତୀତର ମହାତ୍ମା ନୁହେଁ ସେ ବର୍ତ୍ତମାନର ଏକ ନୈତିକ ପ୍ରଶ୍ନ ଏବଂ ଭବିଷ୍ୟତ ପାଇଁ ଏକ ଦାୟିତ୍ୱଶୀଳ ଦିଗଦର୍ଶନ । ତାଙ୍କ ଚିନ୍ତା ଆମକୁ ଶିଖାଏ ଯେ ସଭ୍ୟତାର ପ୍ରକୃତ ମାପ କେବଳ ଆମେ କେତେ ଦ୍ରୁତ ଆଗକୁ ବଢ଼ୁଛୁ ତାହା ନୁହେଁ ଆମର ପ୍ରଗତିରେ କେତେ ମାନବିକତା, ନ୍ୟାୟ, ସଂଯମ ଓ କରୁଣା ରହିଛି, ତାହା ମଧ୍ୟ । ତାଙ୍କ ଉତ୍ତରାଧିକାର ଆମକୁ ଅତୀତରେ ଫେରାଇବା ପାଇଁ ନୁହେଁ, ଭବିଷ୍ୟତକୁ ଅଧିକ ମାନବୀୟ କରିବା ପାଇଁ ଆହ୍ୱାନ କରେ । ଏହି ଦିଗରେ ଚାଲିବା ହିଁ ଆମ ସମୟରେ ଗାନ୍ଧିଙ୍କୁ ସତ୍ୟ ଅର୍ଥରେ ବୁଝିବା, ପାଳନ କରିବା ଓ ଭବିଷ୍ୟତକୁ ଅଧିକ ମାନବୀୟ କରିବାର ନିରନ୍ତର ନୈତିକ ପ୍ରତିଶ୍ରୁତି ଅଟେ ।

(ଲେଖକ ଜଣେ ଅବସରପ୍ରାପ୍ତ
ଆଇ.ଏ.ଏସ୍ ଅଧିକାରୀ )
ମୋ-୯୯୩୭୮୯୬୧୮୮

## ଅତୀତ ସ୍ମୃତିରୁ ଖିଏ...

# ମୁମ୍ବାଇରେ ଓଡ଼ିଶା ଭବନ ଜଳିଯିବା ଖବର



କୃପାନିଧି ବିଶ୍ୱାଳ

ମୁମ୍ବାଇରେ ମୋ ଚାକିରିରେ ଘଟିଥିବା ସେହି ଘଟଣାଟି ଆଜି ମଧ୍ୟ ମୋର ସ୍ମୃତିରେ ସେହିଭଳି ସତେଜ ଅଛି । ସେଦିନର ଘଟଣାକ୍ରମକୁ ମନେ ପକାଇଲେ ଆଜି ବି ମନରେ ଗୋଟିଏ ପ୍ରଶ୍ନ ଉଠେ– ଏକ ଛୋଟ ଘଟଣା କିପରି ମିଥ୍ୟା ଓ ଅତିରଞ୍ଜିତ ଖବରର ଆବରଣରେ ଏକ ବଡ଼ ଘଟଣାର ରୂପ ନେଇପାରେ !

ମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ–ସେଦିନ ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର. ମୁମ୍ବାଇ ଗସ୍ତରେ ଆସିଥିଲେ । ସେ ସାହାରା ହୋଟେଲରେ ଅବସ୍ଥାନ କରୁଥିଲେ ଏବଂ ସେଠାରେ ତାଙ୍କର କିଛି ସରକାରୀ କାର୍ଯ୍ୟକ୍ରମ ଥିଲା ।

ସେହି ସମୟରେ କିଛି ସରକାରୀ କାର୍ଯ୍ୟ ଓ ସହାୟତା ସମ୍ପର୍କିତ ବିଷୟରେ ମୋର ମଧ୍ୟ ମାନ୍ୟବର ମନ୍ତ୍ରୀଙ୍କ ସହିତ ଦେଖା କରିବାର ଆବଶ୍ୟକତା ଥିଲା । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମୋତେ ତାଙ୍କ ପାଖକୁ ଯିବାକୁ ହୋଇଥିଲା ।

ଭୀଷଣ ବର୍ଷା ଓ ଯାତାୟାତର ସମସ୍ୟା । ସେଦିନ ମୁମ୍ବାଇରେ ଭୀଷଣ ବର୍ଷା ହେଉଥିଲା । ସହରର ଅନେକ ସ୍ଥାନରେ ଯାତାୟାତ ବ୍ୟବସ୍ଥା ବ୍ୟାହତ ହୋଇଥିଲା । ଗାଡ଼ି ମିଳିବା ମଧ୍ୟ କଷ୍ଟକର ଥିଲା ।

ଶେଷରେ ମୋର ଜଣେ ବନ୍ଧୁଙ୍କୁ ଅନୁରୋଧ କରିବାରୁ ସେ ନିଜ ଗାଡ଼ିରେ ମୋତେ ମାନ୍ୟବର ମନ୍ତ୍ରୀଙ୍କ ପାଖକୁ ନେଇଯିବାକୁ ରାଜି ହେଲେ ।

ଓଡ଼ିଶା ଭବନରୁ ବାହାରିବା ସମୟରେ ଜଣେ ସାମ୍ବାଦିକ ବନ୍ଧୁ ସେଠାରେ ବସି ମୋତେ ଅପେକ୍ଷା କରୁଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ମୁଁ ତାଙ୍କୁ ମଧ୍ୟ ସାଙ୍ଗରେ ନେଇଯିବି । କିନ୍ତୁ ପରିସ୍ଥିତିରେ ତାଙ୍କୁ କିଛି କହିବାର ସୁଯୋଗ ନପାଇ ମୁଁ ମୋର ବନ୍ଧୁଙ୍କ ଗାଡ଼ିରେ ସିଧା ସାହାରା ହୋଟେଲକୁ ଚାଲିଗଲି ।

ମନ୍ତ୍ରୀଙ୍କ ସହିତ ଦେଖା କରିବା ଓ ଆଲୋଚନା କରିବାରେ ପ୍ରାୟ ଦୁଇ ଘଣ୍ଟା ସମୟ ଲାଗିଗଲା । ଓଡ଼ିଶା ଭବନରେ ଛୋଟ ଘଟଣା । ଏହି ଦୁଇ ଘଣ୍ଟା ମଧ୍ୟରେ ଓଡ଼ିଶା ଭବନରେ ଏକ ସାମାନ୍ୟ ବିଦ୍ୟୁତ ସମସ୍ୟା ଘଟିଥିଲା ।

ମୁଁ ଓଡ଼ିଶା ଭବନରୁ ବାହାରିବାର କିଛି ସମୟ ପରେ ଗୋଟିଏ କୋଠରୀରେ ବିଦ୍ୟୁତ ସର୍ଟସର୍କିଟ୍ ଯୋଗୁଁ ସାମାନ୍ୟ ନିଆଁ ଲାଗିଥିଲା । ଓଡ଼ିଶା ଭବନର କର୍ମଚାରୀମାନେ ତୁରନ୍ତ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଦେଇ ଥିଲେ । ଘଟଣାଟି ନିୟନ୍ତ୍ରଣକୁ ଆସିବା ପରେ କର୍ମଚାରୀମାନେ ମୋତେ ଫୋନ୍ କରି ସୂଚନା ଦେଲେ । ସେମାନେ ସ୍ପଷ୍ଟ ଭାବରେ କହିଥିଲେ–ଘଟଣା ନିୟନ୍ତ୍ରଣରେ ଅଛି ଏବଂ କୌଣସି ବଡ଼ କ୍ଷୟକ୍ଷତି ହୋଇ ନାହିଁ । ସେହି ସୂଚନା ପାଇ ମୁଁ ମଧ୍ୟ ନିଶ୍ଚିନ୍ତ ହୋଇଥିଲି । କିନ୍ତୁ ମୁଁ ଜାଣିନଥିଲି, ଆଉ କିଛି ସମୟ ପରେ ଆଉ ଏକ 'ନିଆଁ' ଜଳିବାକୁ ଯାଉଛି–ଏଥର ନିଆଁ ନୁହେଁ, ଖବରର ନିଆଁ !

**ଓଡ଼ିଶା ଭବନର ଗୋଟିଏ କୋଠରୀରେ ଲାଗିଥିବା ସାମାନ୍ୟ ନିଆଁ କିଛି ସମୟ ମଧ୍ୟରେ ଲିଭିଗଲା । କିନ୍ତୁ ତା'ପରେ ପ୍ରସାରିତ ହୋଇଥିବା ମିଥ୍ୟା ଖବରର ନିଆଁ ତା'ଠାରୁ ଅଧିକ ଦ୍ରୁତଗତିରେ ଦୂରଦୂରାନ୍ତରେ ବ୍ୟାପିଗଲା। ଗୋଟିଏ ଛୋଟ ଘଟଣାକୁ ବଡ଼ କରି ଦେଖାଇବା କେତେ ସହଜ କିନ୍ତୁ ସେହି ଭୁଲ୍ ଧାରଣାକୁ ଠିକ୍ କରିବା କେତେ କଷ୍ଟକର–ସେଦିନ ମୁଁ ତାହା ଅତି ନିକଟରୁ ଅନୁଭବ କରିଥିଲି ।**

ତା'ପରେ ଆସିଲା 'ବ୍ରେକିଂ ନ୍ୟୁଜ୍' । କିଛି ସମୟ ପରେ ହଠାତ୍ ଟେଲିଭିଜନରେ ଏକ 'ବ୍ରେକିଂ ନ୍ୟୁଜ୍' ପ୍ରସାରିତ ହେଉଥିବା ଦେଖିଲି–

ଓଡ଼ିଶା ଭବନ ଜଳିଗଲା!

ମୁଁ ଚମକିଗଲି । ଯେଉଁଠାରେ ଗୋଟିଏ କୋଠରୀରେ ସର୍ଟସର୍କିଟ୍ ଯୋଗୁଁ ସାମାନ୍ୟ ନିଆଁ ଲାଗିଥିଲା ଏବଂ କର୍ମଚାରୀମାନେ ତାହାକୁ ତୁରନ୍ତ ଆୟତ୍ତ କରିଥିଲେ, ସେଠାରେ ସମଗ୍ର 'ଓଡ଼ିଶା ଭବନ ଜଳିଗଲା' ବୋଲି ଖବର ପ୍ରସାରିତ ହେଉଥିଲା ! ମୁମ୍ବାଇ ଓଡ଼ିଆ ମହାସଂଘର କର୍ମକର୍ତ୍ତାମାନେ ମଧ୍ୟ ଏହି ଖବର ଦେଖି ଆଶ୍ଚର୍ଯ୍ୟଚକିତ ହୋଇ ପଡ଼ିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମୋର ଜଣାଶୁଣା ଲୋକମାନଙ୍କ ଫୋନ୍ ଆସିବାକୁ ଲାଗିଲା । ସମସ୍ତଙ୍କର ଏକା ପ୍ରଶ୍ନ– ଓଡ଼ିଶା ଭବନରେ କ'ଣ ହେଲା?

ଭାରତବର୍ଷର ବିଭିନ୍ନ ସ୍ଥାନରୁ ମଧ୍ୟ ଫୋନ୍ ଆସୁଥିଲା । ମୋର ପରିବାର ମଧ୍ୟ ବିବ୍ରତ ହୋଇ ପଡ଼ିଥିଲା । ମୁଁ ନିଜେ ଘଟଣାସ୍ଥଳରେ ନଥିଲି, କିନ୍ତୁ ଯେଉଁ ଖବର ମୋ ପାଖକୁ ପହଞ୍ଚିଥିଲା, ତାହା ଟେଲିଭିଜନର ଖବରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେତେବେଳେ ମୁଁ ପ୍ରଥମଥର ପାଇଁ ଅନୁଭବ କଲି– ମିଥ୍ୟା ଓ ଅତିରଞ୍ଜିତ ଖବରର ପ୍ରକୋପ କେତେ ଦୂର ପର୍ଯ୍ୟନ୍ତ ଯାଇପାରେ !

ମାନ୍ୟବର ମନ୍ତ୍ରୀ ମଧ୍ୟ ଏହି ଖବର ଶୁଣି ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ସେ ତୁରନ୍ତ ଗୃହ ବିଭାଗର ସଚିବଙ୍କୁ ଜଣାଇଥିଲେ ଯେ ଟେଲିଭିଜନରେ ପ୍ରସାରିତ ଖବରଟି ଠିକ୍ ନୁହେଁ ।

ପରଦିନର ଦାୟିତ୍ୱ । ପରଦିନ ମାନ୍ୟବର ମନ୍ତ୍ରୀଙ୍କର ମହାରାଷ୍ଟ୍ରର କିଛି ମନ୍ତ୍ରୀଙ୍କ ସହିତ ସାକ୍ଷାତ୍‌କାରର କାର୍ଯ୍ୟକ୍ରମ ଥିଲା । ସେମାନଙ୍କ ସହିତ ଯୋଗାଯୋଗ କରି ସାକ୍ଷାତ୍‌କାରର ବ୍ୟବସ୍ଥା କରିବାର ଦାୟିତ୍ୱରେ ମୁଁ ବ୍ୟସ୍ତ ଥିଲି ।

ଏହି ସମୟରେ ସେହି ସାମ୍ବାଦିକ ବନ୍ଧୁ ବାରମ୍ବାର ମୋତେ ଫୋନ୍ କରି ଓଡ଼ିଶା ଭବନକୁ ଫେରି ଆସିବାକୁ କହୁଥିଲେ । ଓଡ଼ିଶା ଭବନରେ ବିଦ୍ୟୁତ ନଥିବାରୁ ସେଠାରେ ରହୁଥିବା ଅତିଥିମାନଙ୍କ ମଧ୍ୟରେ ଅସୁବିଧା ଓ ଅସନ୍ତୋଷ ଦେଖା ଦେଇଥିଲା । ପରିସ୍ଥିତି ଅଧିକ ଅଶାନ୍ତ ହୋଇପାରେ ବୋଲି ମଧ୍ୟ ଆଶଙ୍କା ଥିଲା ।

ସେଥିପାଇଁ ମୁଁ ମୋର ଦାୟିତ୍ୱକୁ ଗୁରୁତ୍ୱ ଦେଇ ରାତି ପ୍ରାୟ ୧୨ଟା ବେଳେ ପୁଣି ଓଡ଼ିଶା ଭବନକୁ ଫେରିଲି । ଅଭିଯୋଗ ନୁହେଁ, ସମାଧାନ ଥିଲା ମୋର ଲକ୍ଷ୍ୟ । ଓଡ଼ିଶା ଭବନକୁ ଫେରିବା ପରେ ପରିସ୍ଥିତିକୁ ନିଜ ଆଖିରେ ଦେଖିଲି । ଘଟଣାକୁ ନେଇ ମୋତେ ଅପଦସ୍ତ କରିବା ଓ ସରକାରଙ୍କୁ ବଦନାମ କରିବା ପାଇଁ ମିଥ୍ୟା ଓ ଅତିରଞ୍ଜିତ ଖବର ପ୍ରସାରଣର ଚେଷ୍ଟା ଚାଲିଥିବା ମୁଁ ଅନୁଭବ କରିଥିଲି । ମୁଁ ଚାହିଁଥିଲେ ତର୍କ କରିପାରି ଥାନ୍ତି । ଅଭିଯୋଗ କରିପାରିଥାନ୍ତି । କିନ୍ତୁ ସେତେବେଳେ ମୋ ପାଇଁ ତାହା ଜରୁରୀ ମନେ ହେଲା ନାହିଁ ।

ମୋର ପ୍ରାଥମିକତା ଥିଲା ସମସ୍ୟାର ସମାଧାନ । ମୁଁ ଓଡ଼ିଶା ଭବନରେ ରହୁଥିବା ଅତିଥିମାନଙ୍କ ସହିତ ଆଲୋଚନା କଲି । ସେମାନଙ୍କ ସମସ୍ୟା ଶୁଣିଲି ଏବଂ ବିଦ୍ୟୁତ ସମସ୍ୟା ସମେତ ଅନ୍ୟାନ୍ୟ ଅସୁବିଧାର ସମାଧାନ ପାଇଁ ଯଥାସମ୍ଭବ ସମସ୍ତ ପ୍ରକାର ସହଯୋଗ କଲି । ଏହି ଘଟଣା ସମ୍ପର୍କରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ କୁମାର ତ୍ରିପାଠୀ ପରେ ମୁଖ୍ୟ ଶାସନ ସଚିବ ହୋଇଥିଲେ। ତାଙ୍କ ଅବଗତି ନିମନ୍ତେ ମୁଁ ଏକ ଲିଖିତ ବିବରଣୀ ମଧ୍ୟ ପ୍ରଦାନ କରିଥିଲି ।

ମୋର ଉଦ୍ଦେଶ୍ୟ ଥିଲା ଗୋଟିଏ–ପରିସ୍ଥିତିକୁ ଶାନ୍ତ ରଖିବା, ଅତିଥିମାନଙ୍କ ସମସ୍ୟାର ସମାଧାନ କରିବା ଏବଂ ସରକାରଙ୍କ ମର୍ଯ୍ୟାଦା ରକ୍ଷା କରିବା । ସେଦିନର ଘଟଣା ମୋତେ ଗୋଟିଏ ବଡ଼ ଶିକ୍ଷା ଦେଇଥିଲା ।

ଓଡ଼ିଶା ଭବନର ଗୋଟିଏ କୋଠରୀରେ ଲାଗିଥିବା ସାମାନ୍ୟ ନିଆଁ କିଛି ସମୟ ମଧ୍ୟରେ ଲିଭିଗଲା । କିନ୍ତୁ ତା'ପରେ ପ୍ରସାରିତ ହୋଇଥିବା ମିଥ୍ୟା ଖବରର ନିଆଁ ତା'ଠାରୁ ଅଧିକ ଦ୍ରୁତଗତିରେ ଦୂରଦୂରାନ୍ତରେ ବ୍ୟାପିଗଲା।

ଗୋଟିଏ ଛୋଟ ଘଟଣାକୁ ବଡ଼ କରି ଦେଖାଇବା କେତେ ସହଜ କିନ୍ତୁ ସେହି ଭୁଲ୍ ଧାରଣାକୁ ଠିକ୍ କରିବା କେତେ କଷ୍ଟକର–ସେଦିନ ମୁଁ ତାହା ଅତି ନିକଟରୁ ଅନୁଭବ କରିଥିଲି ।

ତଥାପି ମୋର ବିଶ୍ୱାସ ଆଜି ମଧ୍ୟ ଅତୁଟ–ସତ୍ୟକୁ ଯେତେ ଅତିରଞ୍ଜିତ କରାଯାଉ, ଯେତେ ମିଥ୍ୟାର ଆବରଣରେ ଢାଙ୍କିବାକୁ ଚେଷ୍ଟା କରାଯାଉ, ଶେଷରେ ସତ୍ୟ ହିଁ ସାମ୍ନାକୁ ଆସେ ।

ସେଦିନ ଓଡ଼ିଶା ଭବନ ଜଳି ନଥିଲା । ଜଳିଥିଲା କେବଳ ଗୋଟିଏ କୋଠରୀରେ ଲାଗିଥିବା ଛୋଟ ନିଆଁ । କିନ୍ତୁ ମିଥ୍ୟା ଖବରର ନିଆଁ ଆମକୁ ଦେଇ ଯାଇଥିଲା ଏକ ଗଭୀର ଶିକ୍ଷା–ଖବରର ଶକ୍ତି ଯେତେ ବଡ଼, ଖବର ପ୍ରତି ସତ୍ୟନିଷ୍ଠାର ଦାୟିତ୍ୱ ମଧ୍ୟ ସେତେ ବଡ଼ ।

ବନ୍ଦେ ଉତ୍କଳ ଜନନୀ ।

ସହ-ପ୍ରତି ଋତ୍ୱିକ୍,
ସତସଙ୍ଗ, ଭୁବନେଶ୍ୱର

# ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ବାର୍ଷିକୋତ୍ସବ

ଭୁବନେଶ୍ୱର (ସବ୍ୟୁ): ରବିବାର ପୂର୍ବାହ୍ନରେ ଅଖିଳ ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ବାର୍ଷିକୋତ୍ସବ ଓଡ଼ିଶା ଆୟକର ମୁଖ୍ୟାଳୟ ଆୟକର ଭବନର ପ୍ରେକ୍ଷାଳୟରେ ସଂଘର ସଭାପତି ବିଧୁଭୂଷଣ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଆୟକର ପ୍ରଧାନ ମୁଖ୍ୟ ଆୟୁକ୍ତଙ୍କ ତରଫରୁ ସଂଯୁକ୍ତ ଆୟୁକ୍ତ ମନୋରଞ୍ଜନ ରଥ ମୁଖ୍ୟଅତିଥି ଭାବେ ମଞ୍ଚମଣ୍ଡନ କରିଥିଲେ । ଓଡ଼ିଶା ଆୟକର ଅଫିସର ସଂଘର ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ପଟ୍ଟନାୟକ ଉତ୍ସବରେ ଉଦବୋଧନ ଦେଇଥିଲେ । ସେହିପରି ଆୟକର କର୍ମଚାରୀ ଫେଡେରେସନର ସମ୍ପାଦକ ଏମ.କେ, ସାଇ ଓ ସହ ସମ୍ପାଦକ ଅତୁଲ୍ୟ ପାତ୍ର ଏହି ଉତ୍ସବରେ ଯୋଗଦାନ କରି ଅଭିଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ଶତାଧିକ ସଭ୍ୟ ସଭ୍ୟା ଯୋଗଦାନ କରିଥିଲେ ଯାହାଙ୍କ ମଧ୍ୟରେ ଥିଲେ ସଂଘର ଦୁଇ ଉପସଭାପତି ଶରତ ଦାଶ ଓ ମନୋରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ରବୀନ୍ଦ୍ର ନାଥ ମହାନ୍ତି, ପୂର୍ବତନ ସଭାପତି ସ୍ୱରାଜ ମହାନ୍ତି, ବରିଷ୍ଠ ସଭ୍ୟ ଶେଖ୍ ନଇମୁଦ୍ଦିନ, ପ୍ରଶାନ୍ତ ଷଡ଼ଙ୍ଗୀ, ଚନ୍ଦ୍ରଶେଖର ଦାଶ, ପ୍ରଫୁଲ୍ଲ ଦାଶ, ପ୍ରଦୋଷ ଚ ମହାନ୍ତି, ଅଶୋକ ଶତପଥୀ, ଚିତ୍ତରଞ୍ଜନ ପତି, ଅସିତ୍ ମହାପାତ୍ର, ଧୀରେନ୍ଦ୍ର ମିଶ୍ର, ବ୍ରଜେନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ମଙ୍ଗରାଜ ସେଠି, ସହସମ୍ପାଦକ ଶଙ୍କର ବୋଷ, ରାଧାଶ୍ୟାମ ଗିରି, ନିର୍ମଳେନ୍ଦୁ ଗୁପ୍ତା, ପୀତାମ୍ବର ଲେଙ୍କା, ଶ୍ରୀକାନ୍ତ ମହାନ୍ତି, ଚିତ୍ତରଞ୍ଜନ ଦାଶ, ବ୍ରହ୍ମପୁର ସମ୍ପାଦକ ମନମୋହନ ରାଓ, ସମ୍ବଲପୁର ସମ୍ପାଦକ ରାମନାରାୟଣ ନାୟକ, କବିତାଞ୍ଜଳି ପାଲ, ବିଜୟଲକ୍ଷ୍ମୀ ନାୟକ , ବିଜୟଲକ୍ଷ୍ମୀ ମହାନ୍ତି । ଅଶୀବର୍ଷ ବୟସ ଅତିକ୍ରମ କରିଥିବା ସଭ୍ୟମାନଙ୍କୁ ଉତ୍ସବରେ ସାଲ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦିବଂଗତ ସଭ୍ୟମାନଙ୍କୁ ମଧ୍ୟ ସେମାନଙ୍କ ପରିବାର ସଦସ୍ୟଙ୍କ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଓଡ଼ିଶାର ଦୁଇ ପ୍ରମୁଖ ଗାୟକ ବିଷ୍ଣୁମୋହନ କବି ଓ ସତ୍ୟଜିତ୍ ପ୍ରଧାନଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ମଧ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଦୁଇ ଓଡ଼ିଶୀ କୁନି ନୃତ୍ୟ ଶିଳ୍ପୀ କୁମାରୀ ଅନନ୍ୟା ପଟ୍ଟନାୟକ ଓ ଆଦ୍ୟାଶ୍ରୀ ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମ୍ମାନିତ ହୋଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ କମ୍ବୁପାଣି ପଟ୍ଟନାୟକ ।




## ଗୋମାଂସ ବୋଝେଇ ଗାଡ଼ି ଜବତ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ ରୁପୁରିଙ୍ଗ ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରୁ ଏକ ଗୋରୁ ମାଂସ ବୋଝେଇ ପିକପ ଗାଡ଼ି ଗଡ଼ିଶାଗୋଦା ପୋଲିସ ଜବତ କରିଛି । ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଚଢ଼ାଉ କରିବାକୁ ଯାଉଥିବା ବେଳେ ଗାଡି ଚାଳକ ଗାଡ଼ି ଛାଡ଼ି ଚାଲିଯାଇଥିଲା ।ଗାଡ଼ିଟି ଆନ୍ଧ୍ରପ୍ରଦେଶ ନମ୍ବର ହୋଇଥିବା ଜଣାପଡ଼ିଛି ।ଗଡ଼ିଶାଗୋଦା ପୋଲିସ ଗାଡି ଜବତ କରି ଗାଡ଼ିରେ ଥିବା ୨୫ କ୍ୱିଣ୍ଟାଲ ଗୋମାଂସ ଜବତ କରି ଗୋଟିଏ ଗାତ ଖୋଳି ପୋତା ଯାଇଥିବା ଜଣାପଡ଼ିଛି ।ଏନେଇ ଥାନା ୨୨୬/୨୦୨୬ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳ ସୂଚନା ଦେଇଛନ୍ତି ।

# ନାଲ୍କୋ ପକ୍ଷରୁ ବେଳାଭୂମିରେ ସଫେଇ ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନର ଅଂଶ ସ୍ୱରୂପ ତଥା ଏବଂ ବେଳାଭୂମି ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପାଇଁ ରବିବାର ପୁରୀ ବେଳାଭୂମିରେ ଏକ ସଫେଇ ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ନାଲକୋର ନିର୍ଦ୍ଦେଶକ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଏବଂ ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ବିତ୍ତ), ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ନାଲକୋ ର ବରିଷ୍ଠ ଅଧିକାରୀ, କର୍ମଚାରୀ, ନାଲକୋ ଫାଉଣ୍ଡେସନର କର୍ମକର୍ତ୍ତା, ସହଯୋଗୀ ଏବଂ ବିଶ୍ୱମ୍ବର ବିଦ୍ୟାପୀଠର ଉତ୍ସାହୀ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପୁରୀ ବେଳାଭୂମିରେ ଏହି ଅବସରରେ ସ୍ୱଚ୍ଛତା ସମ୍ପର୍କିତ ବାର୍ତ୍ତା ଦେଉଥିବା ଏକ ବାଲୁକା କଳା ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଏହା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ସହିତ ପରିବେଶ ସୁରକ୍ଷାର ବାର୍ତ୍ତା ମଧ୍ୟ ପ୍ରଦାନ କରିଥିଲା।

# ନବରାତ୍ରିରେ ପୁରୀ କ୍ଲବ୍‌ରେ ହେବ ତିନିଦିନିଆ ଦାଣ୍ଡିଆ ଉତ୍ସବ

ପୁରୀ, (ସବ୍ୟୁ): ଶାରଦୀୟ ନବରାତ୍ରି ଅବସରରେ ପୁରୀ ରାଜଭବନ ମାର୍ଗସ୍ଥିତ ଐତିହ୍ୟସମ୍ପନ୍ନ ପୁରୀ କ୍ଲବ୍ ପରିସରରେ ଅକ୍ଟୋବର ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ରଙ୍ଗାରଙ୍ଗ ଦାଣ୍ଡିୟା ଉତ୍ସବ ଆୟୋଜିତ ହେବ। ଏ ନେଇ କ୍ଲବ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଉତ୍ସବର ପ୍ରଥମ ସନ୍ଧ୍ୟାରେ 'ରେଟ୍ରୋ ନାଇଟ୍', ଦ୍ୱିତୀୟ ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ ଏବଂ ଶେଷ ସନ୍ଧ୍ୟାରେ 'ଡିଜେ ଦାଣ୍ଡିୟା' ଆୟୋଜନ କରାଯିବ। ପ୍ରତ୍ୟେକ ସନ୍ଧ୍ୟା ପାଇଁ ଟିକେଟ୍ ମୂଲ୍ୟ ୩୫୦ ଟଙ୍କା ରଖାଯାଇଛି। ପୁରୀ କ୍ଲବ୍ ପକ୍ଷରୁ ପ୍ରତିବର୍ଷ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଉତ୍କଳ ଦିବସ, ମହାବିଷୁବ ପଣାସଂକ୍ରାନ୍ତି, ରଜ ଉତ୍ସବ, ଚନ୍ଦନ ବୁଡ଼, ଇଂରାଜୀ ନବବର୍ଷ ଓ ପହିଲା ବୈଶାଖ ଭଳି ବିଭିନ୍ନ ପର୍ବପର୍ବାଣି ଆୟୋଜିତ ହୋଇଥାଏ। କ୍ଲବ୍‌ରେ ଜିମ୍, ସୁଇମିଂ ପୁଲ୍ ଓ ମିଟିଂ ହଲ୍ ଭଳି ସୁବିଧା ରହିଥିବା ବେଳେ ଦେଶର ୧୦୦ରୁ ଅଧିକ ପ୍ରମୁଖ କ୍ଲବ୍ ସହ ଏହାର ସହବନ୍ଧନ ରହିଛି। ଏହି ତିନିଦିନିଆ ଉତ୍ସବରେ ପୁରୀର ସମସ୍ତ ବର୍ଗର ଲୋକଙ୍କ ସହ ବିଶେଷକରି ଯୁବବର୍ଗ ଓ ଛାତ୍ରଛାତ୍ରୀ ଯୋଗଦେଇ ଦାଣ୍ଡିୟା ନୃତ୍ୟର ଆନନ୍ଦ ଉଠାଇବାକୁ କ୍ଲବ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ପୁରୀ କ୍ଲବ୍‌ର ଅବୈତନିକ ସମ୍ପାଦକ ରବିନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ତଥା ସାମ୍ବାଦିକ ନାରାୟଣ ଦାଶ ଏବଂ ଉତ୍ସବ କମିଟିର ସଂଯୋଜକ ସୁଶାନ୍ତ କୁମାର ସିଂ ଉପସ୍ଥିତ ରହି ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ।

# ହିଂସା ଓ ବଳପ୍ରୟୋଗ କରି ଛାତ୍ର ସଂସଦ ନିର୍ବାଚନ ଜିତିବା ପାଇଁ ବିଜେପିର ଅପଚେଷ୍ଟା: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପୋଲସରା, ବୁଗୁଡା, ବାଲିପଦର ତଥା ଗଂଜାମ ଜିଲ୍ଲାରେ ଛାତ୍ର ସଂସଦକୁ ଯେନତେନ ପ୍ରକାରରେ ଦଖଲ କରିବା ପାଇଁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପୋଲିସ ଓ ଗୁଣ୍ଡାଙ୍କୁ ବ୍ୟବହାର କରୁଛନ୍ତି । ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ପ୍ରଶାସନିକ କଳକୁ ନିୟୋଜିତ କରି ମନ୍ତ୍ରୀ ଧମକାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ମୁଖପାତ୍ର ଶ୍ରୀ ତୁମ୍ବନାଥ ପଣ୍ଡା, ଛାତ୍ର ସଂସଦ ନିର୍ବାଚନରେ ସରକାରୀ କଳର ନଗ୍ନ ଅପବ୍ୟବହାରକୁ ଦୃଢ଼ ନିନ୍ଦା କରିଛନ୍ତି । ଶ୍ରୀ ସାହୁ କହିଛନ୍ତି ଯେ, ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ଘୋଷଣା ପରେ, ପୋଲସରା, ବୁଗୁଡା ଓ ବାଲିପଦ କଲେଜରେ ବିଜୁ ଛାତ୍ର ଜନତା ଦଳର ବିଜୟ ସମ୍ଭାବନା ସର୍ବାଧିକ ଥିବା ଜାଣି, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ଥାନୀୟ ପ୍ରଶାସନ ଓ ଅସାମାଜିକ ବ୍ୟକ୍ତିଙ୍କ ଜରିଆରେ ପ୍ରାର୍ଥୀ ଓ ତାଙ୍କ ପରିବାର ଉପରେ ଚାପ ପ୍ରୟୋଗ କରି ପ୍ରାର୍ଥୀପତ୍ର ପ୍ରତ୍ୟାହାରରେ ସକ୍ଷମ ହୋଇଛନ୍ତି । ହିଂସାକାଣ୍ଡ ପରେ ସ୍ଥାନୀୟ ପୋଲିସକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ମନ୍ତ୍ରୀଙ୍କ ଏଭଳି କ୍ଷମତାର ଅପବ୍ୟବହାର କରି ଛାତ୍ର ସଂସଦକୁ ନିଜ ନିୟନ୍ତ୍ରଣକୁ ଆଣିବାକୁ ନେଇ ଦୃଢ଼ ନିନ୍ଦା କରିଛନ୍ତି ଶ୍ରୀ ସାହୁ । ସେହିପରି ଶ୍ରୀ ପଣ୍ଡା କହିଛନ୍ତି, ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ମନ୍ତ୍ରୀ ଶ୍ରୀ ମଲ୍ଲିକ, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଷୟରେ ଯାହା କହିଛନ୍ତି, ତାହା ନିନ୍ଦନୀୟ । ନବୀନ ବାବୁ ଓଡିଶାକୁ ବିଶ୍ୱସ୍ତରରେ ଏକ ମଡେଲ ରାଜ୍ୟ ଭାବେ ପ୍ରତିଷ୍ଠିତ କରି ପ୍ରଶଂସିତ ହୋଇଥିଲା ବେଳେ ଅଢେଇ ବର୍ଷର ବିଜେପି ସରକାର ନିଜ କୁଶାସନ ଲାଗି ପ୍ରତ୍ୟେକ କ୍ଷେତ୍ରରେ ଓଡିଶାକୁ ନିନ୍ଦିତ କରିବାରେ ଲାଗିଛି । ନବୀନ ବାବୁଙ୍କ ସଂପର୍କରେ ଟିକାଟିପ୍ପଣୀ ଦେଇ ଚର୍ଚ୍ଚାରେ ରହିବା ପାଇଁ ବିଜେପି ନେତା ମନ୍ତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ଦେଶ ତଥା ରାଜ୍ୟବାସୀ ଜାଣନ୍ତି ନବୀନ ବାବୁଙ୍କ ବ୍ୟକ୍ତିତ୍ୱ ଓ ଶାସନ କିଭଳି ଥିଲା । ଅଢେଇ ବର୍ଷର ବିଜେପିର କୁଶାସନରେ ଅତିଷ୍ଠ ହେଲେଣି ରାଜ୍ୟବାସୀ । ଆଗାମୀ ଦିନରେ ଓଡିଶାବାସୀ ଏହାର ଦେବେ ଉଚିତ ଜବାବ ।

## ଅର୍ଥନୈତିକ ବିକାଶ ପାଇଁ ଶିଳ୍ପସଂସ୍ଥାଗୁଡ଼ିକ

# ଦକ୍ଷତା ବିକାଶ ଏବଂ ନବସୃଜନର ନେତୃତ୍ୱ ନେବା ଜରୁରୀ : ଭୂପେନ୍ଦ୍ର ସିଂହ ପୁନିଆ

ଭୁବନେଶ୍ୱର, (ସବ୍ୟୁ) : ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ (ଆସୋଚାମ) ପକ୍ଷରୁ ଆୟୋଜିତ ଦୁଇଦିନିଆ 'ଓ-ଲିଡ୍ ୨୦୨୬ - ଓଡ଼ିଶା: ଦ ଗ୍ଲୋବାଲ୍ ଗ୍ରୋଥ୍ ହବ୍' ସମ୍ମିଳନୀ ଶନିବାର ଭୁବନେଶ୍ୱରରେ ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ-ନେତୃତ୍ୱାଧୀନ ଦକ୍ଷତା ବିକାଶ, ଦାୟିତ୍ୱପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତା, ମିଳିତ ଗବେଷଣା ତଥା ନବସୃଜନର ବ୍ୟାବସାୟିକରଣ ଉପରେ ଏଥିରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଦିଆଯାଇଛି । ଅନୁଷ୍ଠିତ ଉଦ୍‌ଯାପନୀ ଅଧିବେଶନରେ ନୀତି ନିର୍ଦ୍ଧାରକ, ଶିଳ୍ପପତି, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଏବଂ ଶିକ୍ଷାବିତମାନେ ଏକାଠି ହୋଇ ଶିକ୍ଷାକ୍ଷେତ୍ରରେ ଏଆଇର ଭୂମିକା, ନିଯୁକ୍ତିର ଭବିଷ୍ୟତ, ଆନ୍ତର୍ଜାତୀୟ ସହଯୋଗ ଏବଂ ଶିଳ୍ପ, ଷ୍ଟାର୍ଟଅପ୍ ଓ ଶିକ୍ଷାନୁଷ୍ଠାନକୁ ଯୋଡୁଥିବା ଏକ ସୁଦୃଢ଼ ନବସୃଜନ ବ୍ୟବସ୍ଥା ଗଠନ ଉପରେ ଆଲୋଚନା କରିଥିଲେ ।




ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ, ଭୂପେନ୍ଦ୍ର ସିଂହ ପୁନିଆ, କହିଛନ୍ତି ଯେ, ଆଗାମୀ ପିଢିର ନିଯୁକ୍ତି ସୁଯୋଗ ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ଦକ୍ଷତା ବିକାଶ ଓ ଶିକ୍ଷା ନିତ୍ୟାନ୍ତ ଜରୁରୀ । ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତ ପାଇଁ ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ରୁ ଫ୍ଲେମିଂ 'ଭାରତ-ବ୍ରିଟେନ ମିଳିତ ଭିଜନ ୨୦୩୫'ର ଗୁରୁତ୍ୱ, ବିଶେଷ କରି ଶିକ୍ଷା, ଦକ୍ଷତା ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପରେ ଏହାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ ।

ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଶିକ୍ଷା ବ୍ୟାପକତା ଏବଂ ପାଠପଢ଼ାର ଫଳାଫଳକୁ ଉନ୍ନତ କରିବାରେ ଏଆଇ ବ୍ୟବହାର କରିବାର ଭାରତର ସାମର୍ଥ୍ୟ ଉପରେ ଆଲୋକପାତ କରିଥିଲେ । ସାଂସଦ ଡକ୍ଟର ରବିନାରାୟଣ ବେହେରା ନିଯୁକ୍ତି ଉପରେ ଏଆଇର ପ୍ରଭାବ ଏବଂ ଏଆଇ ପ୍ରଯୁକ୍ତିର ପ୍ରୟୋଗ ଦ୍ୱାରା ଲିଭିଯାଉଥିବା ଭାଷାଗତ ବିବିଧତା ଉପରେ ମତ ରଖିଥିଲେ । ଧନ୍ୟବାଦ ଅର୍ପଣ ଅବସରରେ ଆସୋଚାମର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ବିଭାଗର ବରିଷ୍ଠ ନିର୍ଦ୍ଦେଶିକା ତଥା ମୁଖ୍ୟ ଶ୍ରୀମତୀ ପରମିନ୍ଦର ଜିତ୍ କୌର ଏହି ଆଲୋଚନାର ମୂଲ୍ୟ ଏବଂ ଚିନ୍ତାଧାରାକୁ ବ୍ୟବହାରିକ ଫଳାଫଳରେ ପରିଣତ କରିବାର ଆବଶ୍ୟକତା ଉପରେ କହିଥିଲେ ।

## କ୍ରମ୍ପଟନ ଇଣ୍ଟେଲିସେନ୍ସ ସ୍ମାର୍ଟପ୍ରୋ ସହିତ ଘରୋଇ ଜଳ ପରିଚାଳନାକୁ ଆହୁରି ସହଜ କଲା

ଭୁବନେଶ୍ୱର, (ସବ୍ୟୁ) : ଛାତ ଉପର ଟାଙ୍କିର ଜଳସ୍ତର ଯାଞ୍ଚ କରିବା ଠାରୁ ଆରମ୍ଭ କରି ପମ୍ପ ନିରାପଦରେ ଚାଲୁଛି କି ନାହିଁ ତାହା ସୁନିଶ୍ଚିତ କରିବା ପର୍ଯ୍ୟନ୍ତ, ପାରମ୍ପରିକ ବ୍ୟବସ୍ଥାରେ ଅଧିକ ୱାୟାରିଙ୍ଗ, ଏକାଧିକ ଉପକରଣ ଏବଂ ନିୟମିତ ନଜର ରଖିବାର ଆବଶ୍ୟକତା ପଡ଼ିଥାଏ। ଏହି ପ୍ରକ୍ରିୟାକୁ ସହଜ କରି, କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ କ୍ରମ୍ପଟନ ଇଣ୍ଟେଲିସେନ୍ସ ସ୍ମାର୍ଟପ୍ରୋ ବଜାରକୁ ଆଣିଛି, ଯାହା ଏକ ୱେୟାରଲେସ ଜଳସ୍ତର କଣ୍ଟ୍ରୋଲକାରୀ ଯେଉଁଥିରେ କଣ୍ଟ୍ରୋଲ ପ୍ୟାନେଲ ସୁବିଧା ସାମିଲ ରହିଛି। ଦୈନନ୍ଦିନ ଘରୋଇ ଜଳ ପରି·ଳନାକୁ ଅଧିକ ସୁବିଧାଜନକ, ନିୟନ୍ତ୍ରିତ ଏବଂ ସୁରକ୍ଷିତ କରିବା ପାଇଁ ଏହାକୁ ଡ଼ିଜାଇନ କରାଯାଇଛି। ସବମର୍ସିବଲ୍ ଏବଂ ଖୋଲାକୂପ ପମ୍ପ ସହିତ ବ୍ୟବହୃତ ହେଉଥିବା ପାରମ୍ପରିକ ଜଳସ୍ତର କଣ୍ଟ୍ରୋଲର ଗୁଡ଼ିକରେ ତଳ ମହଲାରେ ଥିବା ପମ୍ପ ଏବଂ ଛାତ ଉପର ଟାଙ୍କି ମଧ୍ୟରେ ତାର ସଂଯୋଗର ଆବଶ୍ୟକତା ଥାଏ। ଏହା ଯୋଗୁଁ ବିଶେଷକରି ବହୁତଳ ପ୍ରାସାଦଗୁଡ଼ିକରେ ଅତିରିକ୍ତ ଇନଷ୍ଟଲେସନ କାର୍ଯ୍ୟ, ଘରର ନିର୍ମାଣ ତଥା ପରିବର୍ତ୍ତନ ଏବଂ ଅଧିକ ଖର୍ଚ୍ଚ ହୋଇଥାଏ। ସାଧାରଣ ପମ୍ପ ପ୍ୟାନେଲ ଗୁଡ଼ିକ ମୋଟରକୁ ଜରୁରୀ ସୁରକ୍ଷା ପ୍ରଦାନ କରୁଥିବା ବେଳେ, ଜଳସ୍ତର ପରି·ଳନା ପାଇଁ ଅଲଗା କଣ୍ଟ୍ରୋଲର ଆବଶ୍ୟକତା ପଡ଼ିଥାଏ ଯାହାଫଳରେ ଦୁଇଟି ଅଲଗା ସିଷ୍ଟମ ଏବଂ ଅତିରିକ୍ତ ତାରର ପ୍ରୟୋଜନ ହୋଇଥାଏ। ଗ୍ରାହକଙ୍କ ପାଇଁ ଏହି ଗୋଟିଏ ସମନ୍ୱିତ ସମାଧାନ ଇନଷ୍ଟଲେସନକୁ ସହଜ କରିବା ସହିତ ଖର୍ଚ୍ଚ କମାଇଥାଏ ଏବଂ ପ୍ରତିଦିନର ଜଳ ପରିଚାଳନାକୁ ବିନା କୌଣସି ଅସୁବିଧାରେ ପରିଚାଳିତ କରିଥାଏ।

# କଟକରେ ପିଲାଙ୍କ ମନୋରଞ୍ଜନ ପାଇଁ ଖୋଲିଲା 'ଖେଳଘର'

କଟକ, (ସ୍ୱ.ପ୍ର) : ଶିଶୁମାନଙ୍କ ମନୋରଞ୍ଜନ ଓ ଖେଳକୁଦ ପାଇଁ କଟକର ୪୭ ନମ୍ବର ୱାର୍ଡ ଅନ୍ତର୍ଗତ ମହାନଦୀବିହାରସ୍ଥିତ ନୂତନ ଶକ୍ତି ହସ୍ପିଟାଲ ଏବଂ ସରସ୍ୱତୀ ଶିଶୁମନ୍ଦିର ନିକଟରେ ରବିବାର ଅପରାହ୍ନରେ ଏହି ନୂତନ ଖେଳ ଓ ମନୋରଞ୍ଜନର କେନ୍ଦ୍ର 'ଖେଳଘର' ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ କର୍ପୋରେଟର ଇଂ. ସୁବ୍ରତ ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଏମ୍‌ଡିଏ ସଭାପତି ସଞ୍ଜୟ ଜେନା ଓ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏଭଳି ଖେଳକେନ୍ଦ୍ର ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶରେ ସହାୟକ ହେବ ବୋଲି ସେମାନେ ମତପ୍ରକାଶ କରିଥିଲେ। ଏହି ଖେଳଘରେ ପିଲାମାନଙ୍କ ପାଇଁ ଟ୍ରାମ୍ପୋଲିନ୍, ସ୍ଲାଇଡର୍, ଟନେଲ୍, ଝୁଲନ୍ତା ସେତୁ, ବଲ୍ ପୁଲ୍ ଓ ରଙ୍ଗଧନୁ ସୋପାନ ଭଳି ବିଭିନ୍ନ ଆକର୍ଷଣୀୟ ଖେଳର ବ୍ୟବସ୍ଥା ରହିଛି। ଏଥିସହ ପିଲାମାନେ ନିଜ ଜନ୍ମଦିନ ଉତ୍ସବ ମଧ୍ୟ ଏଠାରେ ଆନନ୍ଦର ସହ ପାଳନ କରିପାରିବେ। ପିଲାମାନଙ୍କୁ ଖେଳ ମାଧ୍ୟମରେ ଆନନ୍ଦ ପ୍ରଦାନ କରିବା ସହ ସେମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଏହି କେନ୍ଦ୍ର ଏକ ଉପଯୋଗୀ ସ୍ଥାନ ହେବ ବୋଲି ଖେଳଘରର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ସାହୁ କହିଛନ୍ତି।



# ପ୍ରାଣନାଥ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉଷ୍ମତା

ଖୋର୍ଦ୍ଧା,(ସବ୍ୟୁ): ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ହେବା ପରେ ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି। ବିଭିନ୍ନ ଛାତ୍ର ସଂଗଠନ ନିଜ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପାଇଁ ପ୍ରଚାର ଜୋରଦାର କରୁଥିବା ବେଳେ ସ୍ଥାନୀୟ ପ୍ରାର୍ଥୀଙ୍କୁ ନେଇ ବିଶେଷ ଚର୍ଚ୍ଚା ହେଉଛି। ଚଳିତ ନିର୍ବାଚନରେ ସଭାପତି ପଦ ପାଇଁ ଏବିଭିପି, ବିଜୁ ଛାତ୍ର ଜନତା ଦଳ ଓ ପ୍ରାଣନାଥ ଷ୍ଟୁଡେଂଟ ୟୁନିଅନ୍ ସମର୍ଥିତ ତିନିଜଣ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରୀମୁଖୀ ଲଢ଼େଇ ହେଉଛି। ସ୍ଥାନୀୟ ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଯୋଗାଯୋଗ ରଖିବା ସହ ସେମାନଙ୍କ ସମସ୍ୟା ବୁଝିବାରେ ସୁବିଧା ପାଇବେ ବୋଲି ପି.ଏନ.ଏସ.ୟୁ ଓ ବିସିଜେଡି ସମର୍ଥକମାନେ ଆଶା ପ୍ରକାଶ କରିଛନ୍ତି। ତେବେ ପି.ଏନ.ଏସ.ୟୁ ପକ୍ଷରୁ ସଭାପତି ପଦ ପାଇଁ ଶୁଭଦର୍ଶିନୀ ବେହେରା, ଉପସଭାପତି ପାଇଁ ବିଶ୍ୱଜିତ ସୁବୁଦ୍ଧି, ସାଧାରଣ ସମ୍ପାଦକ ପାଇଁ ଦୀପ୍ତିରଞ୍ଜନ ସାହୁ, ସହସାଧାରଣ ସମ୍ପାଦକ ପାଇଁ ଅମରଜିତ ସେନାପତି ଏବଂ ସହସମ୍ପାଦକ ପାଇଁ ଶ୍ରୁତି ତ୍ରିପାଠୀଙ୍କୁ ସମର୍ଥନ ଦିଆଯାଇଛି। ସେହିପରି କମର୍ସ ସୋସାଇଟି ସମ୍ପାଦକ ପାଇଁ କାଦମ୍ବିନୀ ପରିଡ଼ା, ଡ୍ରାମା ଆଣ୍ଡ ମ୍ୟୁଜିକ୍ ସୋସାଇଟି ସମ୍ପାଦକ ପାଇଁ କରିସ୍ମା ପରବୀନ, ସୋସିଆଲ ସର୍ଭିସ ଗିଲ୍ଡ ସମ୍ପାଦକ ପାଇଁ ଲକ୍ଷ୍ମୀପ୍ରିୟା ବେହେରା, ଡ୍ରାମା ଆଣ୍ଡ ମ୍ୟୁଜିକ୍ ସୋସାଇଟି ସହସମ୍ପାଦକ ପାଇଁ ସତ୍ୟରଞ୍ଜନ ବରାଳ, ଷ୍ଟୁଡେଂଟ କମନ୍ ରୁମ୍ ସମ୍ପାଦକ ପାଇଁ ରାଜବୀର ଦଳେଇ, କ୍ଲାସ୍ ରିପ୍ରେଜେଂଟେଟିଭ୍ ପାଇଁ ତ୍ରିଲୋଚନ ମହାରଣା ଏବଂ ଆଥଲେଟିକ୍ ସୋସାଇଟି ସମ୍ପାଦକ ପାଇଁ ଅମରଜ୍ୟୋତି ସିଂ ମାନ୍ଧାତା ନିର୍ବାଚନ ରେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଏବେ ସମସ୍ତଙ୍କ ନଜର ଛାତ୍ରଛାତ୍ରୀଙ୍କ ନିଷ୍ପତି ଉପରେ ରହିଛି।

# କର୍ମକ୍ଷେତ୍ରରେ ମାନସିକ ସୁସ୍ଥତାକୁ ପ୍ରାଥମିକତା ଦେଉଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର (ସବ୍ୟୁ): ଚଳିତ ବର୍ଷ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ଜାତିସଂଘ ପକ୍ଷରୁ ରଖାଯାଇଥିବା 'ଅନୁଭୂତିର ସ୍ୱରକୁ ଶୁଣିବା: ବାସ୍ତବ ସ୍ୱର, ବାସ୍ତବ ପରିବର୍ତ୍ତନ' ବିଷୟବସ୍ତୁ ବ୍ୟକ୍ତିଗତ ଅନୁଭୂତିକୁ ଗୁରୁତ୍ୱ ଦେବା ଏବଂ ଅନ୍ୟମାନଙ୍କ କଥାକୁ ବୁଝିବାର ଆବଶ୍ୟକତା ଉପରେ ଆଲୋକପାତ କରୁଛି। କର୍ମକ୍ଷେତ୍ରରେ ପରିବର୍ତ୍ତନ ସହିତ ନିଯୁକ୍ତିଦାତା ସଂସ୍ଥାଗୁଡ଼ିକ ମଧ୍ୟ ଏବେ ସ୍ୱୀକାର କରୁଛନ୍ତି ଯେ କର୍ମଚାରୀଙ୍କ ସୁସ୍ଥତା କେବଳ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟରେ ସୀମିତ ନୁହେଁ। ସେମାନେ ପାଉଥିବା ସହାୟତା, ଗଢ଼ିଉଠୁଥିବା ସମ୍ପର୍କ ଏବଂ ସମସ୍ୟା ସମୟରେ ଅନ୍ୟମାନଙ୍କ ନିକଟରେ ପହଂଚିବାର ଆତ୍ମବିଶ୍ୱାସ ମଧ୍ୟ ଏହାକୁ ପ୍ରଭାବିତ କରେ। ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଏହି ଦୃଷ୍ଟିକୋଣକୁ ଆଧାର କରି ନିଜର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ ସମ୍ବଳକୁ ଅଧିକ ସୁଲଭ କରିବା ପାଇଁ ଅନେକ ପଦକ୍ଷେପ ନେଉଛି। ଖଣି, ବିଶୋଧନାଗାର, ଆଲୁମିନିୟମ୍ ଉତ୍ପାଦନ କେନ୍ଦ୍ର ଓ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ ଗଠିତ ଏହି ବୃହତ୍ କାର୍ଯ୍ୟବଳର ପ୍ରତ୍ୟେକ ସଦସ୍ୟଙ୍କ ଅନୁଭୂତି ଯେ ଭିନ୍ନ, ତାହାକୁ କମ୍ପାନୀ ଗୁରୁତ୍ୱ ଦେଉଛି। ପରାମର୍ଶ ସେବା, ସଚେତନତା କାର୍ଯ୍ୟକ୍ରମ ଓ କର୍ମଚାରୀଙ୍କ ଅଂଶଗ୍ରହଣଭିତ୍ତିକ ପଦକ୍ଷେପ ମାଧ୍ୟମରେ ଭାବଗତ ସୁସ୍ଥତାକୁ ଦୈନନ୍ଦିନ କର୍ମଚାରୀ ଯତ୍ନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ କମ୍ପାନୀ ଉଦ୍ୟମ କରୁଛି।

ଆବଶ୍ୟକ ସମୟରେ ବୃତିଗତ ପରାମର୍ଶ ଉପଲବ୍ଧ କରାଇବା ଏହି ପଦକ୍ଷେପର ଏକ ପ୍ରମୁଖ ଦିଗ। ଓଡ଼ିଶାର ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମ୍ର କାର୍ଯ୍ୟକ୍ଷେତ୍ରରେ ଏକ ଡିଜିଟାଲ୍ ସୁସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ ୨,୯୦୦ରୁ ଅଧିକ କର୍ମଚାରୀ ଉପକୃତ ହେଉଛନ୍ତି। ଏହା ସହିତ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଏହି ସେବାର ପରିସରଭୁକ୍ତ କରାଯାଇଛି। ଦିନରାତି ୨୪ ଘଂଟା ଉପଲବ୍ଧ ପରାମର୍ଶ ହେଲ୍ପଲାଇନ୍, ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ସୁସ୍ଥତା କାର୍ଯ୍ୟପଥ ଏବଂ ବୃତିଗତ ମାର୍ଗଦର୍ଶନ ମାଧ୍ୟମରେ କର୍ମଚାରୀମାନେ ନିଜ ସୁବିଧା ଅନୁଯାୟୀ ସହାୟତା ନେଇପାରୁଛନ୍ତି। ବିଭିନ୍ନ ପାଳିରେ ଓ ଭିନ୍ନ ଭିନ୍ନ ସମୟସୂଚୀ ଅନୁଯାୟୀ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଏହି ସୁବିଧା ବିଶେଷ ଗୁରୁତ୍ୱ ବହନ କରୁଛି। କମ୍ପାନୀର ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଏଭଳି ସହଜଲଭ୍ୟ ସହାୟତା ଉପରେ ଗୁରୁତ୍ୱ ଦିଆଯାଉଛି। ଛତିଶଗଡ଼ର ବାଲ୍କୋଠାରେ କର୍ମଚାରୀମାନେ ଡିଜିଟାଲ୍ ଏବଂ ସାକ୍ଷାତଭିତ୍ତିକ ପରାମର୍ଶ ସେବା ପାଇପାରୁଛନ୍ତି। ଏହାଦ୍ୱାରା ଗୋପନୀୟତା ରକ୍ଷା କରି ପରାମର୍ଶ ନେବା ପାଇଁ ଏକାଧିକ ବିକଳ୍ପ ଉପଲବ୍ଧ ହୋଇଛି। ୨୦୨୬ ମସିହାରେ ଏହି କାର୍ଯ୍ୟକ୍ରମ ଅଧୀନରେ ୧,୧୮୯ଟି କର୍ମଚାରୀ ଅଂଶଗ୍ରହଣ ଏବଂ ୧୬୯ଟି ନୂତନ ପଞ୍ଜୀକରଣ ହୋଇଛି। ଏଥିସହିତ ୨୦୨୫ ମାର୍ଚ୍ଚରୁ ଏଯାବତ୍ ୧୫୫ରୁ ଅଧିକ ପରାମର୍ଶ ଅଧିବେଶନ ଆୟୋଜିତ ହୋଇଛି।



ଏହା ସହିତ ବାଲ୍କୋ ମେଡିକାଲ୍ ସେଂଟର୍ ମାଧ୍ୟମରେ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି। ଏହି ଅନୁଷ୍ଠାନଟି ଅଂଚଳର ଅନ୍ୟତମ ପ୍ରମୁଖ କର୍କଟ ଚିକିତ୍ସା କେନ୍ଦ୍ର ଭାବେ ପରିଚିତ। ଗୁରୁତର ରୋଗର ଚିକିତ୍ସା ସମୟରେ ରୋଗୀ ଓ ସେମାନଙ୍କ ଯତ୍ନ ନେଉଥିବା ପରିବାର ସଦସ୍ୟମାନେ ଯେଉଁ ମାନସିକ ଚାପ ଓ ଭାବଗତ ଆହ୍ୱାନର ସମ୍ମୁଖୀନ ହୁଅନ୍ତି, ସେଥିରେ ସହାୟତା ପାଇଁ ଏଠାରେ ପରାମର୍ଶ ଓ ମନସ୍ତାତ୍ତ୍ୱିକ ସମର୍ଥନ ସେବା ଉପଲବ୍ଧ ରହିଛି। ବିଭିନ୍ନ ପରିସ୍ଥିତିରେ ଏକାଧିକ ମାଧ୍ୟମରେ ବୃତିଗତ ସହାୟତା ଯୋଗାଇଦେଇ ବ୍ୟକ୍ତିଙ୍କ ଆବଶ୍ୟକତା ଅନୁଯାୟୀ ସମର୍ଥନ ଗ୍ରହଣ କରିବାକୁ ଏହି ପଦକ୍ଷେପଗୁଡ଼ିକ ଉତ୍ସାହିତ କରୁଛି। ବୃତିଗତ ସହାୟତା ଉପଲବ୍ଧ କରାଇବା ସହିତ ମାନସିକ ସୁସ୍ଥତା ସମ୍ପର୍କରେ ଖୋଲା ଆଲୋଚନାକୁ ପ୍ରୋତ୍ସାହିତ କରୁଥିବା ପରିବେଶ ସୃଷ୍ଟି କରିବା ମଧ୍ୟ ସମାନ ଭାବେ ଜରୁରୀ। କମ୍ପାନୀର ଆଲୁମିନା ବିଶୋଧନାଗାର ଥିବା ବେଦାନ୍ତ ଲାଞ୍ଜିଗଡ଼ରେ ଆତ୍ମଯତ୍ନ, ଭାବଗତ ସ୍ଥିରତା ଓ ବ୍ୟକ୍ତିଗତ ସୁସ୍ଥତା ଭଳି ବିଷୟ ଉପରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀଙ୍କୁ ଯୋଡ଼ାଯାଉଛି। ୨୦୨୪ ଅଗଷ୍ଟରୁ ୨୦୨୫ ମାର୍ଚ୍ଚ ମଧ୍ୟରେ କମ୍ପାନୀର ଡିଜିଟାଲ୍ ସୁସ୍ଥତା ସହଯୋଗୀଙ୍କ ମାଧ୍ୟମରେ ୪୮୮ ଜଣ ବ୍ୟକ୍ତି ୭୪୯ଟି ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଏଥିରେ ୧୫୧ଟି ପରାମର୍ଶ ଅଧିବେଶନ ମଧ୍ୟ ସାମିଲ ଥିଲା। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ୨୦୦ରୁ ଅଧିକ କର୍ମଚାରୀଙ୍କ ଅଂଶଗ୍ରହଣରେ ଆୟୋଜିତ 'ହାପିନେସ୍ ବୁଟ୍‌କ୍ୟାମ୍ପ' ଅନ୍ୟତମ। ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ବ୍ୟତୀତ ନେତୃତ୍ୱସ୍ତରୀୟ ଆଲୋଚନା, କ୍ରୀଡ଼ା, ମନୋରଞ୍ଜନମୂଳକ କାର୍ଯ୍ୟକଳାପ, ସ୍ୱୀକୃତି ପ୍ରଦାନ ବ୍ୟବସ୍ଥା ଏବଂ ପରିବାର ସଦସ୍ୟଙ୍କୁ ସାମିଲ କରୁଥିବା ଆୟୋଜନ ମାଧ୍ୟମରେ କର୍ମଚାରୀଙ୍କ ମଧ୍ୟରେ ସମ୍ପର୍କ ଓ ଆତ୍ମୀୟତା ବଢ଼ାଇବାକୁ ଉଦ୍ୟମ କରାଯାଉଛି। ବେଦାନ୍ତ ଆଲୁମିନିୟମ୍ର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ସ୍ଥାନୀୟ ଆବଶ୍ୟକତା ଓ ପରିସ୍ଥିତି ଅନୁଯାୟୀ ପଦକ୍ଷେପର ରୂପ ଭିନ୍ନ ହୋଇପାରେ। କିନ୍ତୁ ଏହାର ମୂଳ ଉଦ୍ଦେଶ୍ୟ ଏକ ଜୀବନର ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ କର୍ମଚାରୀମାନେ ଏକା ନୁହନ୍ତି ବୋଲି ସେମାନଙ୍କୁ ଅନୁଭବ କରାଇବା। ପରାମର୍ଶ ସେବା, ସଚେତନତା କାର୍ଯ୍ୟକ୍ରମ ଓ ପାରସ୍ପରିକ ସମ୍ପର୍କ ବଢ଼ାଇବାର ମଂଚ ସହାୟତା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ। ତେବେ ଏହାର ବ୍ୟାପକ ଉଦ୍ଦେଶ୍ୟ ହେଉଛି, ସହାୟତା ଲୋଡ଼ିବାକୁ ଦ୍ୱିଧା ନୁହେଁ, ବରଂ ଏକ ସକାରାତ୍ମକ ଗୁଣ ଭାବେ ଦେଖିବାର ସଂସ୍କୃତି ଗଢ଼ି ତୋଳିବା।

# ଦିଲ୍ଲୀରେ ସିଜେପି ଆନ୍ଦୋଳନ ଜାରି, ଦ୍ୱିତୀୟ ଦିନରେ ୧୦୦ରୁ ଅଧିକ ଅଟକ

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଚାଲିଥିବା ଆନ୍ଦୋଳନ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜନ୍ତରମନ୍ତର ଅଭିମୁଖେ ଶୋଭାଯାତ୍ରା କରୁଥିବା ୧୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ପୁଲିସ ଅଟକ ରଖିଛି। ଅଟକ ହୋଇଥିବା ଲୋକଙ୍କ ମଧ୍ୟରେ ସିପିଆଇ(ଏମ୍)ର ରାଜ୍ୟସଭା ସାଂସଦ ଜନ୍ ବ୍ରିଟାସ୍ ମଧ୍ୟ ରହିଛନ୍ତି। କନଟ୍ ପ୍ଲେସର ଇନର୍ ସର୍କଲ୍ ଓ ରାଜୀବ ଚୌକ୍ ଅଞ୍ଚଳରୁ ବିକ୍ଷୋଭକାରୀମାନେ ଜନ୍ତରମନ୍ତର ଆଡ଼କୁ ଯାଉଥିବାବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ଆନ୍ଦୋଳନକାରୀମାନେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେଇଥିଲେ।



କେତେକଙ୍କୁ ପୁଲିସ ଧରି ଗାଡ଼ିରେ ବସାଉଥିବାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ଛାତ୍ର ସଂଗଠନର କର୍ମୀମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଷ୍ଟୁଡେଣ୍ଟସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ) ଅଭିଯୋଗ କରିଛି ଯେ ଏହାର ସର୍ବଭାରତୀୟ ସଭାପତି ଆଦର୍ଶ ଏମ୍ ସାଜି, ଦିଲ୍ଲୀ ରାଜ୍ୟ ସମ୍ପାଦକ ସୁରଜ ଏଲାମୋନ୍ ଏବଂ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଭିଜିତ ମଣିଲାଲଙ୍କ ସମେତ ବହୁ କର୍ମୀଙ୍କୁ ଅଟକ ରଖାଯାଇଛି। ପୁଲିସ ଅଟକ ସମୟରେ କର୍ମୀଙ୍କୁ ମାଡ଼ ମାରିଥିବା ଏବଂ କେତେକ ଆହତ ହୋଇଥିବା ମଧ୍ୟ ସଂଗଠନ ଅଭିଯୋଗ କରିଛି। ତେବେ ଏହି ଅଭିଯୋଗ ଉପରେ ପୁଲିସର ପକ୍ଷ ସ୍ପଷ୍ଟ ହୋଇନାହିଁ। ସିଜେପି ପକ୍ଷରୁ ରବିବାର ସକାଳ ୧୦ଟାରେ ଜନ୍ତରମନ୍ତରରେ ପୁଣି ଏକ ପ୍ରତିବାଦ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶନିବାର ମଧ୍ୟ ପୁଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଆନ୍ଦୋଳନକାରୀମାନେ ପ୍ରସ୍ତାବିତ ସ୍ଥାନରେ ପହଞ୍ଚିପାରି ନଥିଲେ। ସେହିଦିନ ସିଜେପି ନେତା ଅଭିଜିତ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କ ସମେତ ୭ ହଜାରରୁ ଅଧିକ ଲୋକଙ୍କୁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଅଟକ ରଖାଯାଇଥିବା ରିପୋର୍ଟରେ କୁହାଯାଇଛି। ରାଜଧାନୀରେ ସୁରକ୍ଷା ପାଇଁ ୩୦ ହଜାରରୁ ଅଧିକ ପୁଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ ହୋଇଛନ୍ତି। ରେଳ ଷ୍ଟେସନ, ବସ୍ ଟର୍ମିନାଲ୍ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ମଧ୍ୟ ନଜରଦାରି ବଢ଼ାଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସିଜେପି ଓ କିଛି ବିରୋଧୀ ଦଳ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛନ୍ତି।

# ରାତି ସାଢ଼େ ୩ଟାରେ ବାପା-ମା'ଙ୍କୁ ଫୋନ୍ କରିବାକୁ କହିଥିଲା ପୋଲିସ: ଦୀପକେ

## ଜେଜେମା'ଙ୍କ ମୃତ୍ୟୁ ଓ ଓକିଲଙ୍କ ସହ କଥା ହେବାକୁ ଦିଆଯାଇନଥିଲା

ନୂଆଦିଲ୍ଲୀ: ଜେଜେମା'ଙ୍କ ମୃତ୍ୟୁ ଖବର ଦେବା ଓ ଘରକୁ ଫେରିବାରେ ସହଯୋଗ କରିବା ପ୍ରସଙ୍ଗରେ ଦିଲ୍ଲୀ ପୁଲିସର ଦାବିକୁ ଖଣ୍ଡନ କରିଛନ୍ତି କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେ। ପୁଲିସ ତାଙ୍କୁ ଜେଜେମା'ଙ୍କ ମୃତ୍ୟୁ ସମ୍ପର୍କରେ ଜଣାଇବା ସହ ଘରକୁ ଫେରିବା ପାଇଁ ସହାୟତା ଯାଚିଥିବା ଦାବି କରି ଏକ ଭିଡିଓ ଜାରି କରିଥିଲା। ତେବେ ଦୀପକେ ଏହାର ପାଲଟା ଜବାବ ଦେଇ ପୁଲିସର ଆଚରଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ଦୀପକେଙ୍କ ଅଭିଯୋଗ ଅନୁଯାୟୀ, ସେ ନିଜ ଫୋନ୍ ବ୍ୟବହାର କରି ଜେଜେମା'ଙ୍କ ସହ ରହୁଥିବା ସମ୍ପର୍କୀୟଙ୍କ ସହ କଥା ହେବାକୁ ଚାହିଁଥିଲେ। ଏଥିପାଇଁ ଫୋନ୍ ନମ୍ବର ନେବାକୁ ମାତ୍ର କିଛି ମିନିଟ୍ ପାଇଁ ନିଜ ମୋବାଇଲ୍ ମାଗିଥିଲେ ମଧ୍ୟ ତାଙ୍କୁ ଅନୁମତି ମିଳି ନଥିବା ସେ କହିଛନ୍ତି। ଏହା ସହ ଜଣେ ଓକିଲଙ୍କ ସହ କଥା ହେବାକୁ ଅନୁରୋଧ କରିଥିଲେ ମଧ୍ୟ ତାହାକୁ ଅସ୍ୱୀକାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଦୀପକେଙ୍କ କହିବା ଅନୁସାରେ, ରାତି ପ୍ରାୟ ସାଢ଼େ ୩ଟାରେ ପୁଲିସ ତାଙ୍କୁ ବାପାଙ୍କୁ ଫୋନ୍ କରି ପରଦିନ ଦୀର୍ଘ ସମୟ ପାଇଁ ଜେଲ୍ ଯିବାକୁ ପଡ଼ିପାରେ ବୋଲି ଜଣାଇବାକୁ କହିଥିଲା। ଏହି ସମୟରେ ତାଙ୍କ ପରିବାର ଜେଜେମା'ଙ୍କ ମୃତ୍ୟୁର ଦୁଃଖରେ ଥିବାରୁ, ଏଭଳି ରାତି ଅଧରେ ଫୋନ୍ କରିବାକୁ କହିବାର ଉଦ୍ଦେଶ୍ୟ କ'ଣ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ, ଦିଲ୍ଲୀ ପୁଲିସ କହିଛି ଯେ ଜେଜେମା'ଙ୍କ ମୃତ୍ୟୁ ଖବର ମିଳିବା ପରେ ଦୀପକେଙ୍କୁ ଏ ସମ୍ପର୍କରେ ଜଣାଇବା ସହ ବିମାନ ଟିକେଟ୍, ଫୋନ୍ କଲ୍ ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଯୋଗାଇଦେବାକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ସେ ଏହାକୁ ଗ୍ରହଣ କରି ନଥିବା ପୁଲିସର ଦାବି। ଏହି ଘଟଣାରେ ଉଭୟ ପକ୍ଷର ବୟାନ ପରସ୍ପର ବିରୋଧୀ ହୋଇଥିବାରୁ ବିବାଦ ତୀବ୍ର ହୋଇଛି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀର ଜନ୍ତରମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପୂର୍ବରୁ ଅକ୍ଟୋବର ୧୦ରେ ଦୀପକେଙ୍କ ସହ ସିଜେପିର ଅନ୍ୟ ଦୁଇ ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଅଟକ ରଖାଯାଇଥିଲା। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ରେ ଅନିୟମିତତା ଅଭିଯୋଗ ଉଠାଇ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଏହି ପ୍ରତିବାଦ ଯୋଜନା କରାଯାଇଥିଲା।

# ଅଯୋଧ୍ୟାକୁ ନେଇ ରାଜନୈତିକ ତତ୍ପରତା

ଲକ୍ଷ୍ନୌ: ଉତ୍ତରପ୍ରଦେଶରେ ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଅଯୋଧ୍ୟା ଆସନକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ସମାଜବାଦୀ ପାର୍ଟିର ଅଧ୍ୟକ୍ଷ ଅଖିଳେଶ ଯାଦବ ପରସ୍ପରକୁ ଅଯୋଧ୍ୟାରୁ ନିର୍ବାଚନ ଲଢ଼ିବା ପାଇଁ ଆହ୍ୱାନ ଦେବା ପରେ ଏହି ଆସନ ପୁଣି ରାଜ୍ୟ ରାଜନୀତିର କେନ୍ଦ୍ରକୁ ଆସିଛି। ୨୦୨୪ ଲୋକସଭା ନିର୍ବାଚନରେ ଫୈଜାବାଦ ଆସନରେ ଭାରତୀୟ ଜନତା ପାର୍ଟିର ପରାଜୟ ପରେ ଅଯୋଧ୍ୟାର ରାଜନୈତିକ ସମୀକରଣ ଉପରେ ନୂଆ କରି ଆଲୋଚନା ହେଉଛି। ରାମମନ୍ଦିର ଅଯୋଧ୍ୟା ବିଧାନସଭା କ୍ଷେତ୍ର ମଧ୍ୟରେ ରହିଛି। ତେବେ ମନ୍ଦିର ନିର୍ମାଣ ଓ ବିକାଶମୂଳକ ପ୍ରକଳ୍ପ ସତ୍ତ୍ୱେ ଲୋକସଭା ନିର୍ବାଚନରେ ଦଳର ପରାଜୟ ଶାସକ ଦଳ ପାଇଁ ରାଜନୈତିକ ଆହ୍ୱାନ ସୃଷ୍ଟି କରିଥିଲା। ସମ୍ପ୍ରତି ଅଯୋଧ୍ୟାରେ ଏକ ଭାଗବତ କଥା କାର୍ଯ୍ୟକ୍ରମରେ ଯୋଗଦେଇ ଅଖିଳେଶ ଯାଦବ ଯୋଗୀ ଆଦିତ୍ୟନାଥଙ୍କୁ ଏଠାରୁ ନିର୍ବାଚନ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ଏହାର ଜବାବରେ ଯୋଗୀ ମଧ୍ୟ ଅଖିଳେଶଙ୍କୁ ଅଯୋଧ୍ୟାରୁ ତାଙ୍କ ବିରୋଧରେ ଲଢ଼ିବାକୁ କହିଛନ୍ତି। ତେବେ ଅଯୋଧ୍ୟା ତାଙ୍କ ପାଇଁ ଆସ୍ଥାର ସ୍ଥାନ ଏବଂ ସେଠାକୁ ତାଙ୍କ ଗସ୍ତର ଉଦ୍ଦେଶ୍ୟ ସମନ୍ୱିତ ବିକାଶ ବୋଲି ଯୋଗୀ କହିଥିବା ଖବର ପ୍ରକାଶ ପାଇଛି। ସମାଜବାଦୀ ପାର୍ଟି ପୂର୍ବରୁ ଅଯୋଧ୍ୟା ଆସନ ପାଇଁ ପବନ ପାଣ୍ଡେଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ତାଙ୍କୁ ତେଜ ନାରାୟଣ ପାଣ୍ଡେ ନାମରେ ମଧ୍ୟ ଜଣାଯାଏ। ସେ ଜଣେ ବ୍ରାହ୍ମଣ ନେତା ଏବଂ ପୂର୍ବରୁ ଏହି ଆସନରୁ ବିଧାୟକ ହୋଇଥିଲେ। ରାମମନ୍ଦିର ଟ୍ରଷ୍ଟର ଜମି କିଣାବିକା ଓ ଦାନ ଅର୍ଥକୁ ନେଇ ସେ ଅନିୟମିତତାର ଅଭିଯୋଗ ଉଠାଇଛନ୍ତି। ଏହି ଅଭିଯୋଗଗୁଡ଼ିକ ରାଜନୈତିକ ବିବାଦର ବିଷୟ ହୋଇ ରହିଛି। ଅଯୋଧ୍ୟା ଆସନରେ ଜାତିଗତ ସମୀକରଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଦଳିତ ଓ ବ୍ରାହ୍ମଣ ଭୋଟରଙ୍କ ସହ ଯାଦବ ଓ ମୁସଲମାନ ସମୁଦାୟର ଭୂମିକା ଉପରେ ଦଳଗୁଡ଼ିକର ନଜର ରହିଛି। ସମାଜବାଦୀ ପାର୍ଟିର ପାରମ୍ପରିକ ସମର୍ଥନ ଭିତ୍ତିରେ ଯାଦବ ଓ ମୁସଲମାନ ଭୋଟର ରହିଥିବାବେଳେ, ଭାରତୀୟ ଜନତା ପାର୍ଟି ଉଚ୍ଚବର୍ଗ ସହ କୁର୍ମୀ, ନିଷାଦ, ମୌର୍ଯ୍ୟ ଓ ରାଜଭର ଭଳି ଅନ୍ୟ ପଛୁଆ ବର୍ଗର ସମର୍ଥନ ଉପରେ ଗୁରୁତ୍ୱ ଦେଇଆସୁଛି। ତଥାପି



ଜାତିଗତ ପରିଚୟ ମାତ୍ର ଭୋଟରଙ୍କ ନିଷ୍ପତ୍ତି ନିର୍ଦ୍ଧାରଣ କରେନାହିଁ; ପ୍ରାର୍ଥୀ, ସ୍ଥାନୀୟ ସମସ୍ୟା ଓ ଶାସନର ଅଭିଜ୍ଞତା ମଧ୍ୟ ପ୍ରଭାବ ପକାଇପାରେ। ଅଯୋଧ୍ୟାରେ ରାସ୍ତା ଓ ନାଳନର୍ଦ୍ଦମା ସମେତ କିଛି ନାଗରିକ ସମସ୍ୟା ମଧ୍ୟ ଚର୍ଚ୍ଚାରେ ରହିଛି। ଏହି ସମସ୍ୟାଗୁଡ଼ିକର ସମାଧାନ ଓ ବିକାଶ କାର୍ଯ୍ୟର ଗତି ଆଗାମୀ ନିର୍ବାଚନରେ ଆଲୋଚନାର ବିଷୟ ହୋଇପାରେ। ତେଣୁ ୨୦୨୭ରେ ଅଯୋଧ୍ୟାରେ କେଉଁ ଦଳ କାହାକୁ ପ୍ରାର୍ଥୀ କରିବ ଏବଂ ଧାର୍ମିକ ପରିଚୟ, ଜାତିଗତ ସମୀକରଣ ଓ ସ୍ଥାନୀୟ ଉନ୍ନୟନ ପ୍ରସଙ୍ଗ କିପରି ନିର୍ବାଚନୀ ଚର୍ଚ୍ଚାକୁ ପ୍ରଭାବିତ କରିବ, ତାହା ଉପରେ ନଜର ରହିବ।

# ରୁଷ୍-ୟୁକ୍ରେନ୍ ମଧ୍ୟରେ 'ଏନର୍ଜି ସିଜ୍‌ଫାୟାର': ଟ୍ରମ୍ପ

ୱାଶିଂଟନ୍: ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବାକୁ 'ଏନର୍ଜି ସିଜ୍‌ଫାୟାର୍' ବା ଶକ୍ତି କ୍ଷେତ୍ରରେ ଯୁଦ୍ଧବିରତି ପାଇଁ ଉଭୟ ଦେଶ ରାଜି ହୋଇଥିବା ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ରବିବାର ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରି ସେ ଏହି ଯୁଦ୍ଧବିରତି ତୁରନ୍ତ ଲାଗୁ ହେବ ବୋଲି ଘୋଷଣା କରିଛନ୍ତି। ଏଥିସହ ଉଭୟ ପକ୍ଷଙ୍କୁ ଏହାର ଉଲ୍ଲଂଘନ ନ କରିବାକୁ ଚେତାବନୀ ଦେଇଛନ୍ତି। ଟ୍ରମ୍ପଙ୍କ ଘୋଷଣା ଅନୁଯାୟୀ, ରୁଷ୍ ଓ ୟୁକ୍ରେନ୍ ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ୍ କରି ଆକ୍ରମଣ ବନ୍ଦ କରିବାକୁ ସହମତ ହୋଇଛନ୍ତି। ତେବେ ଏହି ଚୁକ୍ତିର ସର୍ତ୍ତାବଳୀ, ଏହାର କାର୍ଯ୍ୟକାରିତା ଏବଂ ଉଲ୍ଲଂଘନ ହେଲେ କି ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ସେ ବିସ୍ତୃତ ତଥ୍ୟ ଦେଇନାହାନ୍ତି। ଅନ୍ୟପକ୍ଷରେ, ଟ୍ରମ୍ପଙ୍କ ଏହି ଘୋଷଣାକୁ ନେଇ ତୁରନ୍ତ ମସ୍କୋ କିମ୍ବା କିଭ୍ ପକ୍ଷରୁ ଆନୁଷ୍ଠାନିକ ସ୍ପଷ୍ଟୀକରଣ ମିଳିନାହିଁ। ୟୁକ୍ରେନର ଜଣେ ବରିଷ୍ଠ ଅଧିକାରୀ କହିଥିବା ଉଦ୍ଧୃତି ଅନୁସାରେ, କିଭ୍‌କୁ ଏଭଳି କୌଣସି ଯୁଦ୍ଧବିରତି ବିଷୟରେ ସୂଚନା ନାହିଁ। ତେଣୁ ଏହି ଘୋଷଣା ଦୁଇ ଦେଶ ମଧ୍ୟରେ ପ୍ରକୃତ ସହମତିର ରୂପ ନେଇଛି କି ନାହିଁ, ତାହା ଏବେ ସ୍ପଷ୍ଟ ହୋଇନାହିଁ। ଏହି ଘୋଷଣା ଏପରି ଏକ ସମୟରେ ଆସିଛି, ଯେତେବେଳେ ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ଶକ୍ତି ଭିତ୍ତିଭୂମିକୁ ନେଇ ଆକ୍ରମଣ ଜାରି ରହିଛି। ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, ତୈଳ ବିଶୋଧନାଗାର ଓ ଅନ୍ୟାନ୍ୟ ଶକ୍ତି ସମ୍ପର୍କିତ ସଂସ୍ଥା ଉପରେ ଆକ୍ରମଣ ଯୋଗୁଁ ଶୀତଋତୁ ପୂର୍ବରୁ ଶକ୍ତି ଯୋଗାଣକୁ ନେଇ ଚିନ୍ତା ବଢ଼ିଛି। ରବିବାର ଟ୍ରମ୍ପଙ୍କ ଘୋଷଣା ପୂର୍ବରୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି କହିଥିଲେ ଯେ ରୁଷ୍ ଯଦି ୟୁକ୍ରେନର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରେ, ତେବେ ୟୁକ୍ରେନ୍ ମଧ୍ୟ ରୁଷର ତୈଳ ବିଶୋଧନାଗାର ଉପରେ ଆକ୍ରମଣ ବନ୍ଦ କରିବାକୁ ପ୍ରସ୍ତୁତ। ଏହା ସତ୍ତ୍ୱେ ଯୁଦ୍ଧବିରତି ନେଇ ଉଭୟ ଦେଶର ସ୍ପଷ୍ଟ ଆଭିମୁଖ୍ୟ ସାମ୍ନାକୁ ଆସିବା ପରେ ହିଁ ଏହି ଘୋଷଣାର ପ୍ରକୃତ ପ୍ରଭାବ ଜଣାପଡ଼ିବ।

# ମୋଦୀଙ୍କ ସହ ମେଟ୍ରୋ ଯାତ୍ରା, ରାହୁଲଙ୍କ ସହ ମଧ୍ୟାହ୍ନ ଭୋଜନ

ଚେନ୍ନାଇ: ତାମିଲନାଡୁର ରାଜନୀତିରେ ଏବେ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ମଧ୍ୟାହ୍ନ ଭୋଜନ ଓ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମେଟ୍ରୋ ଯାତ୍ରା—ଦୁଇଟି ଘଟଣା ବିଜୟଙ୍କ ରାଜନୈତିକ ଭୂମିକାକୁ ନେଇ ନୂଆ ଆଲୋଚନା ସୃଷ୍ଟି କରିଛି। ରବିବାର ପ୍ରଧାନମନ୍ତ୍ରୀ ମୋଦୀ ଚେନ୍ନାଇ ମେଟ୍ରୋର ଦ୍ୱିତୀୟ ପର୍ଯ୍ୟାୟର ପୁନମଲ୍ଲୀ-ଭଡ଼ାପଲାନି ରୁଟ୍ର ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୪.୭୪ କିଲୋମିଟର ଲମ୍ବ ଏହି ରୁଟ୍ ନିର୍ମାଣରେ ପ୍ରାୟ ୪,୯୦୦ କୋଟି ଟଙ୍କା ବ୍ୟୟ ହୋଇଛି। ଉଦ୍ଘାଟନ ପରେ ମୋଦୀ ଓ ବିଜୟ ମେଟ୍ରୋ ଟ୍ରେନ୍ରେ ଯାତ୍ରା କରିଥିଲେ। ଏହି ରୁଟ୍ ଚେନ୍ନାଇର ପଶ୍ଚିମ ଉପକଣ୍ଠ ଅଞ୍ଚଳକୁ ସହରର ଅନ୍ୟ ଭାଗ ସହ ଯୋଡ଼ିବା ସହ ଯାତାୟାତ ସମୟ କମାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତରେ ୧୩ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଶୁଭାରମ୍ଭ, ଉଦ୍ଘାଟନ ଓ ଲୋକାର୍ପଣ କାର୍ଯ୍ୟକ୍ରମ ମଧ୍ୟ ସାମିଲ ଥିଲା। ମେଟ୍ରୋ ପ୍ରକଳ୍ପ ସହ ରାଜ୍ୟର ସଡ଼କ, ରେଳ, ବନ୍ଦର ଓ ଶିକ୍ଷା କ୍ଷେତ୍ରର ପ୍ରକଳ୍ପଗୁଡ଼ିକ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହାର ଠିକ୍ ଗୋଟିଏ ଦିନ ପୂର୍ବରୁ ବିଜୟ ନିଜ ଚେନ୍ନାଇସ୍ଥିତ ନୀଲାଙ୍କରାଇ ବାସଭବନରେ ରାହୁଲ ଗାନ୍ଧୀଙ୍କୁ ମଧ୍ୟାହ୍ନ ଭୋଜନରେ ଆତିଥ୍ୟ ଦେଇଥିଲେ। ରାହୁଲ ଚେନ୍ନାଇରେ ଛାତ୍ରଛାତ୍ରୀଙ୍କ ସହ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସହ ଦଳୀୟ ନେତାଙ୍କୁ ମଧ୍ୟ ଭେଟିଥିଲେ। ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ଡିଏମ୍କେ ମେଣ୍ଟ ଛାଡ଼ି ବିଜୟଙ୍କ ଟିଭିକେ ସହ ହାତ ମିଳାଇଥିବା ପରିପ୍ରେକ୍ଷୀରେ ଏହି ସାକ୍ଷାତ ଗୁରୁତ୍ୱ ବହନ କରୁଛି। ବିଜୟଙ୍କ ସହ ରାହୁଲଙ୍କ ଭେଟଘାଟ ଓ ମୋଦୀଙ୍କ ସହ ମେଟ୍ରୋ ଯାତ୍ରାର ସମୟକୁ ନେଇ ରାଜନୈତିକ ମହଲରେ ବିଭିନ୍ନ ଚର୍ଚ୍ଚା ହେଉଛି। ତେବେ ଏହି ଦୁଇ କାର୍ଯ୍ୟକ୍ରମକୁ ନେଇ କୌଣସି ନୂଆ



ରାଜନୈତିକ ମେଣ୍ଟ କିମ୍ବା ନିର୍ବାଚନୀ ସମୀକରଣର ସଙ୍କେତ ମିଳିଛି ବୋଲି ନିଶ୍ଚିତ ଭାବେ କହିବା ଠିକ୍ ହେବ ନାହିଁ। ଏହା ମଧ୍ୟରେ ବିଜୟଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟର ପରିବହନ, ଶିକ୍ଷା ଓ ଭିତ୍ତିଭୂମି ସମ୍ପର୍କିତ ଦାବିକୁ କେନ୍ଦ୍ର ସରକାରଙ୍କ ନିକଟରେ ଉଠାଇଛନ୍ତି। ମୋଦୀଙ୍କ ସହ କାର୍ଯ୍ୟକ୍ରମ ଓ ରାହୁଲଙ୍କ ସହ ଆଲୋଚନା -ଏହି ଦୁଇ ଘଟଣା ତାମିଲନାଡୁରେ ନୂଆ ରାଜନୈତିକ ପରିସ୍ଥିତିକୁ ପ୍ରତିଫଳିତ କରୁଛି। ଏହାର ଦୀର୍ଘକାଳୀନ ରାଜନୈତିକ ପ୍ରଭାବ କ'ଣ ହେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

# ଚେନ୍ନାଇରେ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ,ଲୋକାର୍ପଣ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାମିଲନାଡୁର ଚେନ୍ନାଇଠାରେ ୧୩,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦ୍ଘାଟନ ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ସମ୍ମାନନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ତାମିଲନାଡୁବାସୀଙ୍କୁ ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ ଆରମ୍ଭ କରି ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ଆଜିର ଦିନକୁ ଐତିହାସିକ ଭାବେ ଅଭିହିତ କରି ସେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମରେ ୧୩,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବୃହତ୍ ପ୍ରକଳ୍ପ ସାମିଲ ରହିଛି। ଏହି ସମ୍ପୂର୍ଣ୍ଣ ହୋଇଥିବା ଏବଂ ଆଗାମୀ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଦୈନନ୍ଦିନ ଯାତାୟାତକୁ ସହଜ କରିବା ସହ ଶିଳ୍ପ ଓ ବାଣିଜ୍ୟର ବିକାଶକୁ ଗତିଶୀଳ କରିବ ଏବଂ ରାଜ୍ୟର ଯୁବପିଢ଼ିଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଦିନର ଆଧ୍ୟାତ୍ମିକ ପବିତ୍ରତାକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ ପବିତ୍ର ନବରାତ୍ରୀ ପର୍ବ ଆରମ୍ଭ ହେବା ବିଷୟରେ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ସେ ପହଞ୍ଚିବା ପୂର୍ବରୁ ଜଲକଣ୍ଠେଶ୍ୱର ମନ୍ଦିରରେ ଆଶୀର୍ବାଦ ନେଇଥିଲେ। ସେ ତାମିଲନାଡୁକୁ ଉଭୟ ଶିବ ଏବଂ ଶକ୍ତିର ପବିତ୍ର ଭୂମି ଭାବେ ପ୍ରଶଂସା କରିଥିଲେ ଏବଂ ଏହି ତୀର୍ଥସ୍ଥାନରୁ ସାରା ଦେଶକୁ ପର୍ବପର୍ବାଣୀର ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ମୋଦୀ କହିଥିଲେ, "ତାମିଲନାଡୁର ତୀର୍ଥସ୍ଥଳୀରୁ ମୁଁ ସମସ୍ତ ଦେଶବାସୀଙ୍କୁ ନବରାତ୍ରୀର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ଜାତିର ନିର୍ମାତାମାନଙ୍କୁ ସେମାନଙ୍କ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଜୟପ୍ରକାଶ ନାରାୟଣ ଏବଂ ଭାରତ ରତ୍ନ ନାନାଜୀ ଦେଶମୁଖଙ୍କ ଅପାର ଅବଦାନକୁ ସ୍ମରଣ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ସେମାନଙ୍କର ଆଜୀବନ ଉତ୍ସର୍ଗୀକୃତ କାର୍ଯ୍ୟ ଗଭୀର ନିଷ୍ଠାର ସହ ଦେଶର ସେବା କରିବା ପାଇଁ ଏକ ଗଭୀର ପ୍ରେରଣା ଭାବେ କାର୍ଯ୍ୟ କରିଥାଏ। "ଏହି ପର୍ଯ୍ୟାୟରୁ ମୁଁ ଏହି ଦୁଇ ମହାନ ବ୍ୟକ୍ତିତ୍ୱଙ୍କୁ ପ୍ରଣାମ କରୁଛି", ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ତାଙ୍କ ପୂର୍ବ କାର୍ଯ୍ୟର ଅନୁଭୂତି ସେୟାର କରି, ପ୍ରଧାନମନ୍ତ୍ରୀ ଆଇଆଇଟି ମାଡ୍ରାସର ବ୍ରେନ୍ ରିସର୍ଚ୍ଚ ସେଣ୍ଟରକୁ ତାଙ୍କ ଗସ୍ତ ବିଷୟରେ ଆଲୋଚନା କରିଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ ସେମାନଙ୍କର ଅଗ୍ରଣୀ ଗବେଷଣା ଅନେକ ଜନସ୍ୱାସ୍ଥ୍ୟ ସଫଳତାକୁ ଉନ୍ମୁକ୍ତ କରିବାର କ୍ଷମତା ରଖିଛି। ଚେନ୍ନାଇ ମେଟ୍ରୋର ଏକ ନୂତନ ଭାଗକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। "ଏହି ଗସ୍ତ ବ୍ୟତୀତ, ଚେନ୍ନାଇ ମେଟ୍ରୋର ଆଉ ଏକ ଅଂଶ ଜନସାଧାରଣଙ୍କୁ ଉତ୍ସର୍ଗ କରିବାର ସୁଯୋଗ ମଧ୍ୟ ମୋତେ ମିଳିଥିଲା", ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ମୁଖ୍ୟମନ୍ତ୍ରୀ ଥିବା ସମୟରେ କରୁଣାନିଧି ଏବଂ ଜୟଲଳିତାଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ସହ ତାଙ୍କର ଫଳପ୍ରଦ ଆଲୋଚନା ଏବଂ ପ୍ରଧାନମନ୍ତ୍ରୀ ଭାବେ ଓ. ପନିରସେଲଭମ, ଏଡାପାଡି କେ. ପାଲାନିସ୍ୱାମୀ ଏବଂ ଏମ. କେ. ଷ୍ଟାଲିନଙ୍କ ଭଳି ନେତାମାନଙ୍କ ସହ ତାଙ୍କର ନିରନ୍ତର ସହଯୋଗମୂଳକ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ସରକାର ପରିବର୍ତ୍ତନ ସତ୍ତ୍ୱେ, ତାମିଲନାଡୁର ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ଦୃଢ଼ ରହିଛି ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟଙ୍କ ସହ କାର୍ଯ୍ୟ କରିବା ସମୟରେ ସେ ସେହି ଦୃଢ଼ ସଂକଳ୍ପ ବହନ କରୁଛନ୍ତି। "ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ଜୀଙ୍କ ସହ ମିଶି ଆମେ ତାମିଲନାଡୁର ବିକାଶର ଏହି ଯାତ୍ରାକୁ ଆଗକୁ ବଢ଼ାଉଛୁ", ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ନିଜ ଅଭିଭାଷଣର ଶେଷରେ ପ୍ରଧାନମନ୍ତ୍ରୀ ତାମିଲନାଡୁକୁ ନିରନ୍ତର ସମୃଦ୍ଧିର ନୂତନ ଶିଖରରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାରଙ୍କ ଅତୁଟ ପ୍ରତିବଦ୍ଧତା ଦୋହରାଇଥିଲେ। ଏକ ବିକଶିତ ରାଷ୍ଟ୍ରର ମହାନ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଥମେ ଏକ ବିକଶିତ ତାମିଲନାଡୁ ଗଠନ ଉପରେ ଗୁରୁତ୍ୱ ଦେଇ ସେ ସାମୂହିକ ପ୍ରୟାସ ପାଇଁ ଆହ୍ୱାନ ଜଣାଇଥିଲେ। ଏଥିସହ ନୂତନ ଭାବେ ଆରମ୍ଭ ହୋଇଥିବା ସମସ୍ତ ପ୍ରକଳ୍ପର ସଫଳତା କାମନା କରିଥିଲେ। "ବିକଶିତ ତାମିଲନାଡୁ ମାଧ୍ୟମରେ ଆମେ ଏକ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା," ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ।

# ବାରାଣସୀରେ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍'ର ୯୪ତମ ସଂସ୍କରଣ

ବାରାଣସୀ: ବାରାଣସୀଠାରେ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍'ର ୯୪ତମ ସଂସ୍କରଣର ନେତୃତ୍ୱ ନେଇଛନ୍ତି କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ। ଏଥିରେ ୫୦୦ରୁ ଅଧିକ ସାଇକେଲ ଚାଳକ ଓ ୧,୦୦୦ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇ ନିଶାମୁକ୍ତ ଯୁବପିଢ଼ି ଓ ସୁସ୍ଥ ଭାରତ ଗଠନର ବାର୍ତ୍ତା ଦେଇଥିଲେ। 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ି' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୨୬ ଆଇଚି-ନାଗୋୟା ଏସୀୟ କ୍ରୀଡ଼ାର ପଦକ ବିଜେତା ପ୍ରାଚୀ ଚୌଧୁରୀ, ପାରୁଲ ଚୌଧୁରୀ, ଜୟ କୁମାର ଓ ରାଜ କୁମାର ପାଲ ଯୋଗ ଦେଇଥିଲେ। ସକାଳ ୬ଟାରେ ନମୋ ଘାଟଠାରେ ଏକ ଧ୍ୟାନ ଅଧିବେଶନରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ହାଇଦ୍ରାବାଦର କାହ୍ନା ଶାନ୍ତିବନସ୍ଥିତ ହାର୍ଟଫୁଲନେସ୍ ଇନଷ୍ଟିଚ୍ୟୁଟ୍ର ଯୁବ ବ୍ୟାପାର ନିର୍ଦ୍ଦେଶିକା ଡକ୍ଟର ନିବେଦିତା ଶ୍ରେୟାନ୍ସ ଏହି ଧ୍ୟାନ ଅଧିବେଶନ ପରିଚାଳନା କରିଥିଲେ। ସୁସ୍ଥ ଜୀବନ ପାଇଁ ଶାରୀରିକ ସୁସ୍ଥତା ସହ ମାନସିକ ସୁସ୍ଥତାର ଗୁରୁତ୍ୱ ଉପରେ ଏଥିରେ ଆଲୋକପାତ କରାଯାଇଥିଲା। ଏହାପରେ ଆକର୍ଷଣୀୟ କଥକ ନୃତ୍ୟ ପରିବେଷଣ ଓ ଏକ ଜୁମ୍ବା ଅଧିବେଶନ ଆୟୋଜିତ ହୋଇଥିଲା। ଏହା ମାଧ୍ୟମରେ ସାଂସ୍କୃତିକ ଅଭିବ୍ୟକ୍ତି, ଶାରୀରିକ ବ୍ୟାୟାମ ଓ ସାମୂହିକ ଅଂଶଗ୍ରହଣ ଦ୍ୱାରା ସାମଗ୍ରିକ ସୁସ୍ଥତାର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ଡକ୍ଟର ମାଣ୍ଡଭୀୟ ଯୁବପିଢ଼ିଙ୍କୁ ଦୈନନ୍ଦିନ ଜୀବନରେ ଶାରୀରିକ ବ୍ୟାୟାମକୁ ସାମିଲ କରିବା ସହ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ନିଶାମୁକ୍ତ ସମାଜ ଗଠନର ଗୁରୁତ୍ୱ ଉପରେ ଜୋର ଦେଇ ମନ୍ତ୍ରୀ ଓ ଅଂଶଗ୍ରହଣକାରୀମାନେ 'ନିଶାମୁକ୍ତ ଭାରତ'ର ଶପଥ ନେଇଥିଲେ। ନିଶାଦ୍ରବ୍ୟର ଅପବ୍ୟବହାର ବିରୋଧରେ ଲଢ଼େଇ ଜାରି ରଖିବା ସହ ନିଶାମୁକ୍ତ ପିଢ଼ି ଗଠନ ପାଇଁ ସେମାନେ ସାମୂହିକ ସଂକଳ୍ପ ନେଇଥିଲେ। ଏହାପରେ ଡକ୍ଟର ମାଣ୍ଡଭୀୟ ନମୋ ଘାଟରୁ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସାଇକେଲ ରାଲିର ନେତୃତ୍ୱ ନେଇଥିଲେ। ଏହି ରାଲି ମାଧ୍ୟମରେ ବାରାଣସୀର ବିଭିନ୍ନ ରାସ୍ତାରେ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ି'ର ବାର୍ତ୍ତା ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଚି-ନାଗୋୟା ଏସୀୟ କ୍ରୀଡ଼ା-୨୦୨୬ର ପଦକ ବିଜେତା ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଖେଳାଳିଙ୍କ ମଧ୍ୟରେ ମହିଳା ୪୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ବିଜୟିନୀ ପ୍ରାଚୀ ଚୌଧୁରୀ, ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍ ଓ ୫୦୦୦ ମିଟର ଦୌଡ଼ରେ ଯୁଗଳ କାଂସ୍ୟ ପଦକ ଜିତିଥିବା ପାରୁଲ ଚୌଧୁରୀ, ମିଶ୍ରିତ ୪×୪୦୦ ମିଟର ରିଲେରେ ରୌପ୍ୟ ଓ ପୁରୁଷ ୪×୪୦୦ ମିଟର ରିଲେରେ କାଂସ୍ୟ ପଦକ ବିଜେତା ଜୟ କୁମାର ଏବଂ ଭାରତୀୟ ପୁରୁଷ ହକି ଦଳର ସଦସ୍ୟ ଭାବେ ସ୍ୱର୍ଣ୍ଣ ପଦକ ଜିତିଥିବା ରାଜ କୁମାର ପାଲ ସାମିଲ ଥିଲେ। ଏହି ଅଭିଯାନର ୯୪ତମ ସଂସ୍କରଣ ବାର୍ତ୍ତା ଦେଇଥିଲା ଯେ, ସୁସ୍ଥତା କେବଳ ଶାରୀରିକ ବ୍ୟାୟାମ ମଧ୍ୟରେ ସୀମିତ ନୁହେଁ; ଏହା ଏକ ଜୀବନଶୈଳୀ, ଯାହା ଶୃଙ୍ଖଳା, ମାନସିକ ସୁସ୍ଥତା ଓ ଦାୟିତ୍ୱପୂର୍ଣ୍ଣ ଜୀବନଚର୍ଯ୍ୟାକୁ ପ୍ରୋତ୍ସାହିତ କରେ। ସାଇକେଲ ଚାଳନା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଧ୍ୟାନ ଓ 'ନିଶାମୁକ୍ତ ଭାରତ'ର ଶପଥ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ସେବନରୁ ଦୂରେଇ ରହିବା, ସୁସ୍ଥ ଅଭ୍ୟାସ ଗ୍ରହଣ କରିବା ଏବଂ ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ି ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ ଦେଇଥିଲା।

# କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାରରେ ପୁଣି ଶୀର୍ଷରେ ଜେପିମର୍ଗାନ୍ ଚେଜ୍

ନୂଆଦିଲ୍ଲୀ: ବ୍ୟାଙ୍କିଂ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଓ ବିକାଶକୁ ନେଇ ପ୍ରକାଶିତ ୨୦୨୬ର ତାଲିକାରେ ଆମେରିକାର ଜେପିମର୍ଗାନ୍ ଚେଜ୍ ପୁଣି ପ୍ରଥମ ସ୍ଥାନ ହାସଲ କରିଛି। ଏହି ତାଲିକାରେ କ୍ୟାପିଟାଲ୍ ୱାନ୍ ଦ୍ୱିତୀୟ ଓ ରୟାଲ୍ ବ୍ୟାଙ୍କ ଅଫ୍ କାନାଡା ତୃତୀୟ ସ୍ଥାନରେ ରହିଛନ୍ତି। ବ୍ୟାଙ୍କଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର, ନୂତନ ଉଦ୍ଭାବନ, କର୍ମଚାରୀଙ୍କ ଦକ୍ଷତା, ନେତୃତ୍ୱ ଓ କାର୍ଯ୍ୟପ୍ରଣାଳୀର ସ୍ୱଚ୍ଛତାକୁ ଆଧାର କରି ଏହି ମୂଲ୍ୟାଙ୍କନ କରାଯାଇଛି। ଏଥିରେ ବିଶ୍ୱର ୫୦ଟି ବୃହତ୍ ବ୍ୟାଙ୍କକୁ ସାମିଲ କରାଯାଇଥିଲା। ଶ୍ରେଷ୍ଠ ୧୦ ବ୍ୟାଙ୍କ - ୧. ଜେପିମର୍ଗାନ୍ ଚେଜ୍, ୨. କ୍ୟାପିଟାଲ୍ ୱାନ୍, ୩. ରୟାଲ୍ ବ୍ୟାଙ୍କ ଅଫ୍ କାନାଡା, ୪. କମ୍ବ୍ୟାଙ୍କ, ୫. ୱେଲ୍ସ ଫାର୍ଗୋ, ୬. ୟୁବିଏସ୍, ୭. ବ୍ୟାଙ୍କ ଅଫ୍ ଆମେରିକା, ୮. ସିଟିଗ୍ରୁପ୍, ୯. ମୋର୍ଗାନ୍ ଷ୍ଟାନ୍ଲି, ୧୦. ଟିଡି ବ୍ୟାଙ୍କ ତାଲିକା ଅନୁଯାୟୀ, ଜେପିମର୍ଗାନ୍ ଚେଜ୍ ନିଜର ବିଭିନ୍ନ ବ୍ୟାଙ୍କିଂ ସେବାରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବ୍ୟବହାର କରୁଛି। ଗ୍ରାହକ ସେବା, ଆର୍ଥିକ ତଥ୍ୟର ବିଶ୍ଳେଷଣ, ଠକେଇ ଚିହ୍ନଟ, ଋଣ ସମ୍ପର୍କିତ ବିପଦର ଆକଳନ ଓ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବଢ଼ାଇବାରେ ଏହି ପ୍ରଯୁକ୍ତି ସହାୟକ ହେଉଛି। ବ୍ୟାଙ୍କିଂ କ୍ଷେତ୍ରରେ ଏହି ପ୍ରଯୁକ୍ତିର ବ୍ୟବହାର ଦ୍ରୁତଗତିରେ ବଢ଼ୁଛି। ପୂର୍ବରୁ ଯେଉଁ କାର୍ଯ୍ୟଗୁଡ଼ିକରେ ଅଧିକ ସମୟ ଓ ମାନବୀୟ ପରିଶ୍ରମ ଆବଶ୍ୟକ ହେଉଥିଲା, ସେଗୁଡ଼ିକୁ ଏବେ କମ୍ ସମୟରେ କରିବା ପାଇଁ ଏହାର ବ୍ୟବହାର କରାଯାଉଛି। ଗ୍ରାହକଙ୍କ ପ୍ରଶ୍ନର ଉତ୍ତର ଦେବାଠାରୁ ଆରମ୍ଭ କରି ଜଟିଳ ଆର୍ଥିକ ତଥ୍ୟର ବିଶ୍ଳେଷଣ ପର୍ଯ୍ୟନ୍ତ ଏହାର ଭୂମିକା ବଢ଼ିଛି। ତେବେ ଏହି ପ୍ରଯୁକ୍ତିର ବ୍ୟବହାର ବଢ଼ିବା ସହ ଏଥିରୁ ପ୍ରକୃତ ଆର୍ଥିକ ଲାଭ କେତେ ମିଳୁଛି, ତାହା ପ୍ରମାଣ କରିବା ମଧ୍ୟ ଏକ ବଡ଼ ଆହ୍ୱାନ। ତଥ୍ୟର ସୁରକ୍ଷା, ଗ୍ରାହକଙ୍କ ଗୋପନୀୟତା ଓ ଭୁଲ୍ ନିଷ୍ପତ୍ତିର ବିପଦକୁ ନିୟନ୍ତ୍ରଣ କରିବା ଉପରେ ବ୍ୟାଙ୍କଗୁଡ଼ିକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏହି ମୂଲ୍ୟାଙ୍କନରୁ ସ୍ପଷ୍ଟ ହେଉଛି ଯେ ଆଗାମୀ ଦିନରେ ବ୍ୟାଙ୍କିଂ କ୍ଷେତ୍ରର ପ୍ରତିଯୋଗିତା କେବଳ ଶାଖା, ଗ୍ରାହକ ସଂଖ୍ୟା କିମ୍ବା ଆର୍ଥିକ କାରବାର ମଧ୍ୟରେ ସୀମିତ ରହିବ ନାହିଁ। ନୂତନ ପ୍ରଯୁକ୍ତିର ସଫଳ ବ୍ୟବହାର ଓ ଏଥିରୁ ମିଳୁଥିବା ଲାଭ ମଧ୍ୟ ବ୍ୟାଙ୍କଗୁଡ଼ିକର ସ୍ଥାନ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ହେବ।

# ପ୍ରତିବାଦକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ନେଇ ବର୍ଷିଲେ ରାହୁଲ

## ୧୨ରେ ସୁପ୍ରିମକୋର୍ଟ ଅଭିମୁଖେ ବିରୋଧୀଙ୍କ ପଦଯାତ୍ରା

ନୂଆଦିଲ୍ଲୀ: ଦିଲ୍ଲୀରେ ପ୍ରତିବାଦ କରୁଥିବା ଯୁବକଯୁବତୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ୍ କରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ପ୍ରତିବାଦକାରୀ ଯୁବକମାନଙ୍କୁ ପୁଲିସ ଓ ବିଜେପି କର୍ମୀ ମାଡ଼ ମାରିଥିବା ସେ ଅଭିଯୋଗ କରିଛନ୍ତି। ଏହା ଦେଶବାସୀ ଚାହୁଁଥିବା ଭାରତ ନୁହେଁ ବୋଲି ମତ ଦେଇ ସେ ସୋମବାର, ଅକ୍ଟୋବର ୧୨ରେ ସୁପ୍ରିମକୋର୍ଟ ଅଭିମୁଖେ ପଦଯାତ୍ରା କରିବାକୁ ଘୋଷଣା କରିଛନ୍ତି। ରାହୁଲଙ୍କ କହିବା ଅନୁଯାୟୀ, ଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଏକାଠି ହୋଇଥିବା ଯୁବକମାନେ



ଘୃଣା କିମ୍ବା କ୍ରୋଧ ନୁହେଁ, ବରଂ ଭଲପାଇବାର ବାର୍ତ୍ତା ନେଇ ଆସିଥିଲେ। କିନ୍ତୁ ସେମାନଙ୍କ ଉପରେ ଆକ୍ରମଣ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ସେ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିବା ସହ ଯୁବପିଢ଼ିଙ୍କ ସ୍ୱରକୁ ଦମନ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଦିଲ୍ଲୀରେ ନିର୍ବାଚନ କମିଶନଙ୍କ କାର୍ଯ୍ୟପ୍ରଣାଳୀ ଓ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍ଆଇଆର୍)କୁ ନେଇ ପ୍ରତିବାଦ ଚାଲିଛି। ଏହି ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ଏସ୍ଆଇଆର୍ ପ୍ରକ୍ରିୟା ସ୍ଥଗିତ ରଖିବାକୁ ବିରୋଧୀ ଦାବି କରୁଛନ୍ତି। ସୋମବାରର ପଦଯାତ୍ରାରେ ବିରୋଧୀ ଦଳ, ଛାତ୍ରଛାତ୍ରୀ ଓ ବିଭିନ୍ନ ନାଗରିକ ସଂଗଠନ ସାମିଲ ହେବାକୁ ରାହୁଲ ଆହ୍ୱାନ ଦେଇଛନ୍ତି। ସମ୍ବିଧାନ ଓ ଗଣତନ୍ତ୍ରରେ ବିଶ୍ୱାସ ରଖୁଥିବା ସମସ୍ତେ ଦଳ, ଜାତି, ଧର୍ମ ଓ ରାଜ୍ୟର ସୀମା ଅତିକ୍ରମ କରି ଏକାଠି ହେବାକୁ ସେ କହିଛନ୍ତି। ପଦଯାତ୍ରା ପରେ ମୁଖ୍ୟ ବିଚାରପତିଙ୍କୁ ଏକ ସ୍ମାରକପତ୍ର ଦେବାର ଯୋଜନା ରହିଛି। ଏହି ଘଟଣାକୁ ନେଇ ଶାସକ ଓ ବିରୋଧୀଙ୍କ ମଧ୍ୟରେ ରାଜନୈତିକ ବାକ୍ଯୁଦ୍ଧ ତୀବ୍ର ହୋଇଛି। ପ୍ରତିବାଦକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ନାଗରିକଙ୍କ ପ୍ରତିବାଦ କରିବାର ଅଧିକାରକୁ ନେଇ ଆଗାମୀ ଦିନରେ ରାଜନୈତିକ ତର୍କ ଆହୁରି ଜୋରଦାର ହେବାର ସମ୍ଭାବନା ରହିଛି।

## • ଗୌରବଙ୍କ ଶତକରେ ଓଡ଼ିଶାର ଦୃଢ଼ ଆରମ୍ଭ

# ଗୁଜରାଟ ବିପକ୍ଷରେ ପ୍ରଥମ ଦିନରେ ୨୭୨/୩, ସନ୍ଦୀପଙ୍କ ଅର୍ଦ୍ଧଶତକ



ଅହମ୍ମଦାବାଦ, ୧୧।୧୦ (ଏଜେନ୍ସି) : ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ 'ସି' ମୁକାବିଲାରେ ଘରୋଇ ଗୁଜରାଟ ବିପକ୍ଷରେ ଓଡ଼ିଶା ଦୃଢ଼ ଆରମ୍ଭ କରିଛି। ରବିବାରଠାରୁ ଆରମ୍ଭ ହୋଇଥିବା ମ୍ୟାଚର ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ୯୦ ଓଭରରେ ୩ ୱିକେଟ୍ ହରାଇ ୨୭୨ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଗୌରବ ଚୌଧୁରୀ ଆକର୍ଷଣୀୟ ଶତକ ହାସଲ କରି ଅପରାଜିତ ରହିଥିବାବେଳେ ସନ୍ଦୀପ ପଟ୍ଟନାୟକ ମଧ୍ୟ ଅର୍ଦ୍ଧଶତକ ସହ କ୍ରିଜରେ ଜମି ରହିଛନ୍ତି। ଫଳରେ ଦ୍ୱିତୀୟ ଦିନରେ ଓଡ଼ିଶା ଏକ ବଡ଼ ସ୍କୋର୍ ଆଡ଼କୁ ଅଗ୍ରସର ହେବାର ସୁଯୋଗ ପାଇଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳର ଆରମ୍ଭ କିନ୍ତୁ ଆଶାନୁରୂପ ହୋଇ ନ ଥିଲା। ଓପନର ସ୍ୱସ୍ତିକ ସାମଲ ମାତ୍ର ୯ ରନ୍ କରି ଆର୍ଜନ ନାଗୱାସୱାଲାଙ୍କ ବଲ୍ରେ ଆଉଟ୍ ହୋଇଥିଲେ। ଏହାପରେ ଗୌରବ ଚୌଧୁରୀ ଓ ଓମ୍ ଟି. ମୁଣ୍ଡେ ଦଳର ଇନିଂସକୁ ସମ୍ଭାଳିଥିଲେ। ଉଭୟ ଦ୍ୱିତୀୟ ୱିକେଟ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ି ଦଳର ସ୍ଥିତି ସୁଦୃଢ଼ କରିଥିଲେ।

ମୁଣ୍ଡେ ୮୪ ବଲରୁ ୬ଟି ଚୌକା ସହ ୩୭ ରନ୍ କରି ହର୍ଷଲ ପଟେଲଙ୍କ ଶିକାର ହୋଇଥିଲେ। ଏହାପରେ ଅଧିନାୟକ ସୁଭ୍ରାଂଶୁ ସେନାପତି କ୍ରିଜ୍କୁ ଆସି ଗୌରବଙ୍କ ସହ ଦଳର ସ୍କୋରକୁ ଆଗକୁ ବଢ଼ାଇଥିଲେ। ସେନାପତି ୪୬ ବଲରୁ ୪ଟି ଚୌକା ସହ ୨୯ ରନ୍ କରି ଚିନ୍ତନ ଗଜାଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ଏହି ସମୟରେ ଓଡ଼ିଶାର ସ୍କୋର୍ ୧୪୮ ରନ୍ ଥିଲା। ଗୌରବ ଚୌଧୁରୀ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୨୬୩ ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ଓ ୨ଟି ଛକା ସହ ୧୨୧ ରନ୍ କରି ଅପରାଜିତ ଅଛନ୍ତି। ଅନ୍ୟପଟେ ସନ୍ଦୀପ ପଟ୍ଟନାୟକ ୧୩୯ ବଲରୁ ୧୨ଟି ଚୌକା ସହ ୬୯ ରନ୍ କରି ତାଙ୍କୁ ସହଯୋଗ କରୁଛନ୍ତି। ଉଭୟଙ୍କ ମଧ୍ୟରେ ଅବିଭାଜିତ ଭାଗୀଦାରି ଓଡ଼ିଶାକୁ ଭଲ ସ୍ଥିତିରେ ପହଞ୍ଚାଇଛି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଗୁଜରାଟର ବୋଲରମାନେ ତିନିଟି ୱିକେଟ୍ ନେଇଥିବାବେଳେ ଓଡ଼ିଶାର ଆଉ ଏକାଧିକ ବ୍ୟାଟର୍ ବ୍ୟାଟିଂ କରିବାକୁ ବାକି ଅଛନ୍ତି। ଗୌରବଙ୍କ ଶତକ ଓ ସନ୍ଦୀପଙ୍କ ଅର୍ଦ୍ଧଶତକ ଓଡ଼ିଶା ଶିବିରରେ ଆତ୍ମବିଶ୍ୱାସ ବଢ଼ାଇଛି। ଦ୍ୱିତୀୟ ଦିନରେ ଏହି ଦୁଇ ବ୍ୟାଟର୍ ଇନିଂସକୁ କେତେ ଦୂର ନେଇପାରୁଛନ୍ତି, ତାହା ମ୍ୟାଚରେ ଓଡ଼ିଶାର ସ୍ଥିତି ନିର୍ଦ୍ଧାରଣ କରିବ।




'ହକି ଇଣ୍ଡିଆରେ ଲାଗି ରହିଥିବା ଅସ୍ଥିରତା ମଧ୍ୟରେ ଦଳ ପାଇଁ ନିଜ ଖେଳ ଉପରେ ଧ୍ୟାନ ଦେବା ସହଜ ନୁହେଁ। ପରସ୍ପର ଅଭିଯୋଗ-ପ୍ରତ୍ୟାରୋପ, ଅଦାଲତୀ ମାମଲା, ଆଇନଗତ କାର୍ଯ୍ୟାନୁଷ୍ଠାନର ଆଶଙ୍କା ଏବଂ ଜର୍ସି ପରିବର୍ତ୍ତନକୁ ନେଇ ବିତର୍କ ଯୋଗୁଁ ହକି ପ୍ରଶାସନର ଅନ୍ତର୍କଳହ ସର୍ବସାଧାରଣରେ ପ୍ରକାଶ ପାଇଛି। ଏହି ବିବାଦ ମଧ୍ୟରେ ଜଣେ ପୂର୍ବତନ ଅଧିନାୟକ ଓ ତାଙ୍କର ପୂର୍ବତନ ସାଥୀ ଖେଳାଳି ସୋସିଆଲ୍ ମିଡିଆରେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦେଇଥିଲେ। ସେ କଟାକ୍ଷ କରି କହିଥିଲେ, ବିଶ୍ୱକପକୁ ନେଇ ଚିନ୍ତା କରିବାର ନାହିଁ। ଏସିଆନ୍ ଗେମ୍ସ ଆସୁଛି। ସେଠାରେ ସ୍ୱର୍ଣ୍ଣ ପଦକ ଜିତିଦେଲେ ବିଶ୍ୱକପରେ ଯାହା କିଛି ଭୁଲ୍ ହୋଇଛି, ସବୁ ଢାଙ୍କି ହୋଇଯିବ। ବିବାଦ ଏତିକିରେ ସୀମିତ ରହିନଥିଲା। ହକି ଇଣ୍ଡିଆର ସଭାପତି ଫେଡେରେସନର ଚାରିଜଣ ଅଧିକାରୀଙ୍କ ବିରୋଧରେ ପୁଲିସରେ ଅଭିଯୋଗ ଦାଖଲ କରିଥିଲେ। ଏହି ଘଟଣାକ୍ରମ ଭାରତୀୟ ହକିର ପ୍ରଶାସନିକ ବ୍ୟବସ୍ଥାରେ ଚାଲିଥିବା ଟଣାଓଟରାକୁ ସାମ୍ନାକୁ ଆଣିଛି।'

## ରାକେଶ କୁମାର ସ୍ମାରକୀ ରାଜ୍ୟ ଓପନ ଚେସ୍ : ସୃଜନ ବିଜେତା

ଭୁବନେଶ୍ୱର, ୧୧।୧୦(ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଷଷ୍ଠ ରାକେଶ କୁମାର ସାହୁ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଯାଜପୁରର ସୃଜନ ପ୍ରଣୟୀ ରାୟ ୫ ରାଉଣ୍ଡ ୪.୫ ପଏଣ୍ଟ ହାସଲ କରି ବିଜେତା ହୋଇଛନ୍ତି। ଭୁବନେଶ୍ୱରର ଓମ୍ ଆଦିତ୍ୟ ଖଡଙ୍ଗା ଦ୍ୱିତୀୟ, କଟକର ଲଳିତରଞ୍ଜନ ସାହୁ ତୃତୀୟ, ଆଦର୍ଶ କୁମାର ରାଉତ ଚତୁର୍ଥ, ସଞ୍ଜିବନ ନାୟକ ପଞ୍ଚମ, ଆଦିତ୍ୟରଞ୍ଜନ ଦାସ ଷଷ୍ଠ, ଧ୍ରୀତିମାନ ଦେ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ୭.୯.୧୧.୧୩ ଏବଂ ବାଳିକା ବର୍ଗରେ ଦୁଇଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କାର କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପାରାଦୀପ ଆଇଓସିଏଲର ଅଧିକାରୀ ରାଜେଶ କୁମାର ସାହୁ, ରୟାଲ ପବ୍ଲିକ୍ ସ୍କୁଲର ଭାଇସ୍ ପ୍ରିନ୍ସପାଲ ପ୍ରଜ୍ଞାପରମିତା ସାହୁ ଏବଂ ଓଡିଶା ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ରବିନ୍ଦ୍ର ସାହୁ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।




































Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି